# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୩/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, June 23/2021 | ★★★★★★

୪୭ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଭଉଣୀଙ୍କ ନାଁରେ ଟାଟୁ

ଅଭିନେତା ଅର୍ଜୁନ କପୁର ତାଙ୍କ ଭଉଣୀ ଅଂଶୁଳା କପୁରଙ୍କ ନାଁରେ ଏକ ଟାଟୁ କରିଛନ୍ତି।

୧୦ | ୦୮

## ବୀରେନ୍ଦ୍ରଙ୍କୁ ଉପ ଅଧିନାୟକ ଦାୟିତ୍ୱ

ଟୋକିଓ ଅଲିମ୍ପିକ୍ସ ପାଇଁ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଭାରତୀୟ ପୁରୁଷ ହକି ଦଳର ଉପ ଅଧିନାୟକ ମନୋନୀତ ହୋଇଛନ୍ତି।






ଏନ୍‌ସିପି ସୁପ୍ରିମୋ ଶରଦ ପାୱାରଙ୍କ ଘରେ ମଙ୍ଗଳବାର ଅନୁଷ୍ଠିତ ୮ ବିରୋଧୀ ଦଳ ନେତାଙ୍କ ବୈଠକ।

# ଭିତିରି କଥା କହିଲେନି

## ପାୱାରଙ୍କ ଘରେ ବିରୋଧୀଙ୍କ ମନ୍ତ୍ରଣା

- ଯୋଗଦେଲେ ୮ ଦଳର ନେତା
- ଏନ୍‌ସିପି କହିଲା ଅଣରାଜନୈତିକ ବୈଠକ
- ତୃତୀୟ ସାମ୍ମୁଖ୍ୟ ନେଇ ଆଲୋଚନା ହୋଇନି

**ନୂଆଦିଲ୍ଲୀ,୨୨।୬**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାରଙ୍କ ଘରେ ବିରୋଧୀଙ୍କ ବୈଠକକୁ ଭାଜପାକୁ ଚ୍ୟାଲେଞ୍ଜ ଦେବା ପ୍ରକ୍ରିୟାର ଆରମ୍ଭ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଥିବାବେଳେ ସମ୍ଭାବ୍ୟ ତୃତୀୟ ସାମ୍ମୁଖ୍ୟ ଗଠନ ଆଲୋଚନାକୁ ବିରୋଧୀ ଖଣ୍ଡନ କରିଛନ୍ତି। ଏଭଳି କୌଣସି ଆଲୋଚନା ହୋଇନାହିଁ ଏବଂ ଏହା ଏକ ଅଣରାଜନୈତିକ ବୈଠକ ବୋଲି ଏଥିରେ ସାମିଲ ହୋଇଥିବା ଦଳଗୁଡ଼ିକ କହିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ୮ ଦଳର ନେତା ସାମିଲ ହୋଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିବା ପାଇଁ ରଣନୀତି ନିର୍ଦ୍ଧାରଣ ହେବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିବାବେଳେ

☞ ପୃଷ୍ଠା-୪






## ‘ଜୁଲାଇରେ ବିଧାନସଭା ଅଧିବେଶନ’

୭

# ବିଳମ୍ବ ହୋଇପାରେ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

### ୱାର୍ଡ ପୁନର୍ଗଠନ, ସ୍ଥାନ ସଂରକ୍ଷଣ ଆରମ୍ଭ ହୋଇନି

୨୦୨୨ ମାର୍ଚ୍ଚ ୧୦ରେ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ମାତ୍ର ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ପୌର ନିର୍ବାଚନ ଭଳି ପଞ୍ଚାୟତ ନିର୍ବାଚନ ମଧ୍ୟ ବିଳମ୍ବ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ପଞ୍ଚାୟତ ନିର୍ବାଚନ ସମ୍ପନ୍ନ କରିବା ରାଜ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ୨୦୨୧ ଏପ୍ରିଲ ସୁଦ୍ଧା ଶେଷ କରିବାକୁ କମିଶନ ପଞ୍ଚାୟତିରାଜ ବିଭାଗକୁ ୨୦୨୧ ଜାନୁୟାରୀ ଓ ମାର୍ଚ୍ଚରେ ଦୁଇଟି ଚିଠି ଲେଖିଥିଲେ। ତେବେ ବିଭାଗ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପଞ୍ଚାୟତ ନିର୍ବାଚନ ନେଇ ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ନ ଦେଲେ ନିର୍ଦ୍ଧାରିତ ସମୟରେ ନିର୍ବାଚନ ଶେଷ କରିବା ସମ୍ଭବ ହେବ ନାହିଁ ବୋଲି କମିଶନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ରାଜ୍ୟ ସରକାର ଗତ ଦୁଇ ବର୍ଷ ହେବ ପୌର ନିର୍ବାଚନ ନ କରି ଝୁଲାଇ ରଖିଛନ୍ତି। ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ଆଇନରେ ସଂଶୋଧନ କରୁ ନ ଥିବାରୁ ଏହା ବିଳମ୍ବ ହୋଇ ଚାଲିଛି। ପୌର ନିର୍ବାଚନରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ସକାଶେ ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ରେ ଆବଶ୍ୟକ

☞ ପୃଷ୍ଠା-୪

# ଦ୍ୱାଦଶ ମୂଲ୍ୟାୟନ ସୂତ୍ରକୁ ମୋହର

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

- ଛାତ୍ରୀଛାତ୍ର, ଅଭିଭାବକଙ୍କ ଆବେଦନ ଖାରଜ
- ପୂର୍ବ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ସିବିଏସ୍‌ଇ, ସିଆଇଏସ୍‌ସିଇ ଦ୍ୱାଦଶ ମୂଲ୍ୟାୟନ ହେବ: ସୁପ୍ରିମକୋର୍ଟ



କରୋନା ଯୋଗୁ ବାତିଲ ହୋଇଯାଇଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏବଂ କାଉନ୍‌ସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ମୂଲ୍ୟାୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମଙ୍ଗଳବାର ମନା କରିଦେଇଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାୟନ ନେଇ ଆପତ୍ତିକୁ ମଧ୍ୟ ଖାରଜ କରିଦେଇଛନ୍ତି। ଉଭୟ ସରକାର ଓ ବୋର୍ଡ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ଥିବାରୁ ପରୀକ୍ଷା ରଦ୍ଦ ନିଷ୍ପତ୍ତି ନିଆଯାଇଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ହୋଇଥିବା ବେଳେ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇର ଫଳାଫଳ ମୂଲ୍ୟାୟନ ପଦ୍ଧତିକୁ ନେଇ କେତେଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତା ବ୍ୟକ୍ତ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦ୍ୱାଦଶ ଶ୍ରେଣୀ ଫଳାଫଳ ମୂଲ୍ୟାୟନ ପାଇଁ ସିବିଏସ୍‌ଇ ଏବଂ ସିଆଇସିଏସ୍‌ଇ ଯୋଜନାରେ ରହିଥିବା ଅଧିକାଂଶ ଅନୁଚ୍ଛେଦ ଏକତରଫା ହୋଇଥିବାରୁ ପିଲାଙ୍କ ଭବିଷ୍ୟତ ପାଇଁ କ୍ଷତିକାରକ ହୋଇପାରେ ବୋଲି ସେମାନେ ଅଭିଯୋଗ ଆଣିଥିଲେ। କେତେକ ପିଟିଶନରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଅନ୍ୟ ଆବେଦନଗୁଡ଼ିକରେ ଉଭୟ ବୋର୍ଡର ମୂଲ୍ୟାୟନ ସୂତ୍ରକୁ ବିରୋଧ କରାଯାଇଥିଲା। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଦୀନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପିଟିଶନ ଉପରେ ସୋମବାର ଶୁଣାଣି କରି ଉଭୟ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ବୋର୍ଡକୁ ମଙ୍ଗଳବାର ସୁଦ୍ଧା ଜବାବ ଦାଖଲ ପାଇଁ କହିଥିଲେ। ଏହି ମାମଲାରେ ବିଚାରାଧୀନ ସମସ୍ତ ପିଟିଶନର ଶୁଣାଣି ମଙ୍ଗଳବାର ହୋଇଛି। ଶିକ୍ଷା ବୋର୍ଡର ପ୍ରସ୍ତାବକୁ ଉଚିତ ଓ ଯୁକ୍ତିଯୁକ୍ତ ବୋଲି ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି। ସିବିଏସ୍‌ଇ ଏବଂ ସିଆଇସିଏସ୍‌ଇର ମୂଲ୍ୟାୟନ ସୂତ୍ରକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଅର୍ଥାତ୍ ପୂର୍ବ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ଦ୍ୱାଦଶ ମୂଲ୍ୟାୟନ କରାଯିବ। ସିବିଏସ୍‌ଇ କମ୍ପାର୍ଟମେଣ୍ଟ ପରୀକ୍ଷା ୨୦୨୧ ରଦ୍ଦ କରିବା ପାଇଁ ହୋଇଥିବା ଆବେଦନ ଉପରେ ମଧ୍ୟ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଶୁଣାଣି କରିଛନ୍ତି। ୧,୧୫୨ ଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟରେ ପିଟିଶନ ଦାୟର କରି ଦର୍ଶାଇଥିଲେ ଯେ, ସିବିଏସ୍‌ଇ ନିୟମିତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥିର କରିଥିବା ମୂଲ୍ୟାୟନ ସୂତ୍ର ଆଧାରରେ କମ୍ପାର୍ଟମେଣ୍ଟ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ କରୁ। ଏନେଇ ସିବିଏସ୍‌ଇକୁ ନିର୍ଦ୍ଦେଶ ଦେବା ପାଇଁ କମ୍ପାର୍ଟମେଣ୍ଟ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦେବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି।




# ପେଟ୍ରୋଲ ୨୯, ଡିଜେଲ ୨୮ ପଇସା ବଢ଼ିଲା

**ଭୁବନେଶ୍ୱର,୨୨।୬**

କରୋନା ମହାମାରୀ ଯୋଗୁ ଲୋକେ ଘୋର ଆର୍ଥିକ ଦୁଃସ୍ଥିତିରେ ଥିବା ସମୟରେ ତୈଳଦର କ୍ରମାଗତ ଭାବେ ବଢ଼ିଚାଲିଛି। ଦିନକର ବିରତି ପରେ ଭୁବନେଶ୍ୱରରେ ମଙ୍ଗଳବାର ପେଟ୍ରୋଲ ୨୯ ପଇସା ଏବଂ ଡିଜେଲ ୨୮ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୮.୨୭ ଟଙ୍କା ଏବଂ ଡିଜେଲ ୯୬.୧୫ ଟଙ୍କାରେ ବିକ୍ରି ହେଉଛି ବୋଲି ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍‌ରେ ଅଦ୍ୟାବଧି ତେଲ ଦର ୧୨ ଥର ପରିବର୍ତ୍ତନ ହେବା ସହ ପେଟ୍ରୋଲ ଉପରେ ୩.୦୫ ଟଙ୍କା ଏବଂ ଡିଜେଲରେ ୩.୧୨ ଟଙ୍କା ବୃଦ୍ଧି ଘଟିଲାଣି। ଏପରିକି ଗତ ୫୦ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୭.୧୫ ଟଙ୍କା ଏବଂ ଡିଜେଲ ୮.୧୭ ଟଙ୍କା ବଢିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା

☞ ପୃଷ୍ଠା-୪

# ୧୯ ମାଛ ୧୮.୬୫ ଲକ୍ଷ

**ପାରାଦୀପ,୨୨।୬(ସ୍ୱ.ପ୍ର.)**

ପାରାଦୀପ ନିକଟ ସମୁଦ୍ରରୁ ମଙ୍ଗଳବାର ୧୯ଟି ତେଲିଆ ବୋରେଇ ମାଛ ମିଳିଛି। ସେଗୁଡିକ ମଧ୍ୟରେ ୪ଟି ମାଛ ୩୦ କିଲୋ ଓଜନର ହୋଇଥିବା ବେଳେ ବାକିଗୁଡ଼ିକର ଓଜନ ୨୦ରୁ ୨୨ କିଲୋମଧ୍ୟରେ ରହିଛି। ନୂଆବଜାର ନୋଳିଆ ବସ୍ତିର ଦଙ୍ଗଲ ରାଜୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିବାବେଳେ ଏସବୁ ମାଛ ଧରିଛନ୍ତି। ଖୋଲା ବଜାରରେ ମାଛଗୁଡ଼ିକୁ ୧୮.୬୫ ଲକ୍ଷ ଟଙ୍କାରେ ସେ ବିକ୍ରି କରିଛନ୍ତି। ଅଠରବାଙ୍କି ବାଲିଫ୍ଲଟ୍ ବଜାରରେ ଏହି ମାଛଗୁଡ଼ିକୁ ନିଲାମ କରାଯାଇଥିଲା। କୋଲକାତାର ଜଣେ ବ୍ୟବସାୟୀ ଉପରୋକ୍ତ ମୂଲ୍ୟରେ ମାଛଗୁଡ଼ିକୁ କିଣିଥିଲେ। ଜୁନ୍ ୧୪ରେ ସୁବା ରାଓ ନାମକ ଜଣେ ଡଙ୍ଗା ମାଲିକ କେତେକ ତେଲିଆବୋରେଇ ମାଛକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହି ମାଛରୁ ଅନେକ ଔଷଧୀୟ ସାମଗ୍ରୀ ତିଆରି ହୋଇଥାଏ। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ବହୁତ ଅଧିକ ଥାଏ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବିଶେଷକରି ଏହି ମାଛର ପୁଟିର ଚାହିଦା ଅଧିକ ଥାଏ। ତେଲିଆ ବୋରେଇ ଗଭୀର ସମୁଦ୍ରରେ ରହିଥାନ୍ତି। ବର୍ଷାବେଳେ ସେମାନେ ଦଳ ହୋଇ କୂଳକୁ ଆସିଥାନ୍ତି। ଏବେ ଲଗାଣ ବର୍ଷା ହେଉଥିବାରୁ ଏହି ମାଛ ଧରି ହେଉଛି ବୋଲି ମହାପାତ୍ର କହିଛନ୍ତି।




# ୨ କୋଟି କ୍ଷତିପୂରଣ ଦେବେ ଦେବେଗୌଡ଼ା

**ବେଙ୍ଗାଲୁରୁ, ୨୨।୬**



ଏକ କମ୍ପାନୀକୁ ବଦନାମ କଲା ଭଳି ମନ୍ତବ୍ୟ ଦେଇଥିବାରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ୨ କୋଟି ଟଙ୍କା କ୍ଷତିପୂରଣ ରାଶି ଦେବେ ବୋଲି ବେଙ୍ଗାଲୁରୁର ଏକ କୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଦେବେଗୌଡ଼ା ୨୦୧୧ରେ ଏକ ଟେଲିଭିଜନକୁ ସାକ୍ଷାତକାର ଦେଇ ନନ୍ଦି ଇନ୍‌ଫ୍ରାଷ୍ଟ୍ରକଚର କରିଡର ଏଣ୍ଟରପ୍ରାଇଜେସ୍ (ଏନ୍‌ଆଇସିଇ) କମ୍ପାନୀ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଏନ୍‌ଆଇସିଇ ଏବେ ଏକ ମେଗା ଇଣ୍ଟିଗ୍ରେଟେଡ ପ୍ରୋଜେକ୍ଟ ଅଧୀନରେ ହେଉଥିବା ବେଙ୍ଗାଲୁରୁ-ମହୀଶୂର

☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଇମ୍ରାନ୍‌ଙ୍କ ମନ୍ତବ୍ୟ



**ଟିଆରପି ଦୁର୍ନୀତି: ଚାର୍ଜଶିଟ୍‌ରେ ଅର୍ଣ୍ଣବଙ୍କ ନାଁ**

ଟିଆରପି ଦୁର୍ନୀତି ମାମଲାରେ ମୁମ୍ବାଇ ପୋଲିସ ମଙ୍ଗଳବାର ସ୍ଥାନୀୟ କୋର୍ଟରେ ୧୮୦୦ ପୃଷ୍ଠା ସମ୍ବଳିତ ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ରିପବ୍ଲିକ ଟିଭିର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅର୍ଣ୍ଣବଙ୍କ ସମେତ ରିପବ୍ଲିକ ଟିଭି ସିଓଓ ପ୍ରିୟା ମୁଖାର୍ଜୀ, ଶୁଭେନ୍ଦୁ ମୁଲେଲକର ଓ ଶିବ ସୁନ୍ଦରମଙ୍କ ନାଁ ମଧ୍ୟ ଚାର୍ଜଶିଟ୍‌ରେ ରହିଛି। କିଛି ଟେଲିଭିଜନ ଚ୍ୟାନେଲ ଟିଆରପିରେ ହେରଫେର କରୁଥିବା ନେଇ ଗତ ବର୍ଷ ଅକ୍ଟୋବରରେ ରେଟିଂ ଏଜେନ୍ସି ବିଏଆର୍‌ସି ଅଭିଯୋଗ ଆଣିଥିଲା। ଏଥିରେ ରିପବ୍ଲିକ ଟିଭି, ବକ୍ସ ସିନେମା, ଫକ୍ତ ମରାଠୀ ଚ୍ୟାନେଲ ନାଁ ରହିଥିଲା।

## ସଂକ୍ଷେପରେ

### ଏନ୍‌ସିପି ବୈଠକରେ ୨୦୨୪ ଚିନ୍ତା

**ନୂଆଦିଲ୍ଲୀ,୨୨।୬:** ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ନୀତି, ରଣନୀତି ଓ ଭୂମିକା କ'ଣ ରହିବ ସେନେଇ ମଙ୍ଗଳବାର ଦଳ ପକ୍ଷରୁ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇଛି। ଏନ୍‌ସିପି ସୁପ୍ରିମୋ ଶରଦ ପାୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତାଙ୍କ ଝିଅ ସୁପ୍ରିୟା ସୁଲେଙ୍କ ଏବଂ ପ୍ରଫୁଲ ପଟେଲ ଓ ସୁନୀଲ ଟାଟ୍‌କରେଙ୍କ ସମେତ ଅନ୍ୟ ନେତାମାନେ ଯୋଗଦେଇଥିଲେ। ପାୱାରଙ୍କ ଘରେ ଦୁଇଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ଦଳର ଭବିଷ୍ୟତ ଲକ୍ଷ୍ୟ ତଥା ଆଗାମୀ ଲୋକ ସଭା ନିର୍ବାଚନ ଏବଂ ସାମ୍ପ୍ରତିକ ସ୍ଥିତିରେ ଜାତୀୟ ପ୍ରସଙ୍ଗଗୁଡ଼ିକୁ ନେଇ ଏନ୍‌ସିପିର ଭୂମିକା ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ପାୱାର ମରାଠୀ ଓ ଇଂଲିଶ୍‌ରେ ଏକାଧିକ ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ମୁମ୍ବାଇରେ ଆସନ୍ତାବର୍ଷ ହେବାକୁ ଥିବା ସ୍ଥାନୀୟ ନିର୍ବାଚନ ଉପରେ ମଧ୍ୟ ଆଲୋଚନା ହୋଇଥିବା ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ କହିଛନ୍ତି।

### ନେପାଳ ସଙ୍କଟ: ୨୦ ମନ୍ତ୍ରୀଙ୍କ ନିଯୁକ୍ତି ରଦ୍ଦ କଲେ ସୁପ୍ରିମକୋର୍ଟ


କେ. ପି. ଶର୍ମା ଓଲି

**କାଠମାଣ୍ଡୁ, ୨୨।୬:** ନେପାଳରେ ପୁଣି ରାଜନୈତିକ ସଙ୍କଟ ଦେଖାଦେଇଛି। ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲିଙ୍କ ଦ୍ୱାରା ୨୦ କ୍ୟାବିନେଟ ମନ୍ତ୍ରୀଙ୍କ ନିଯୁକ୍ତିଙ୍କୁ ନେପାଳ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିବା ପରେ ସମସ୍ୟା ବଢ଼ିଛି। ଓଲି ଅସାମ୍ବିଧାନିକ ଭାବେ ଏହି ନିଯୁକ୍ତି ଦେଇଥିବା ନ୍ୟାୟାଳୟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଚୋଲେନ୍ଦ୍ର ଶମଶେର ରାଣା ଏବଂ ଜଷ୍ଟିସ୍ ପ୍ରକାଶ କୁମାର ଧୁଗାନା ମାମଲାର ଶୁଣାଣିବେଳେ କହିଥିଲେ, ନେପାଳ ପାର୍ଲାମେଣ୍ଟ ଭଙ୍ଗ ହେବା ପରେ କ୍ୟାବିନେଟ ସମ୍ପ୍ରସାରଣ ଅସାମ୍ବିଧାନିକ ଥିଲା। ତେଣୁ ଏହି ମନ୍ତ୍ରୀମାନେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିପାରିବେ ନାହିଁ। ଏଥିଯୋଗୁ ଦୁଇ ଉପ-ପ୍ରଧାନମନ୍ତ୍ରୀ ରାଜେନ୍ଦ୍ର ମହତୋ ଏବଂ ରଘୁବୀର ମହାସେଠଙ୍କ ପଦବୀ ଯାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଓଲିଙ୍କ କ୍ୟାବିନେଟରେ ପ୍ରଧାନମନ୍ତ୍ରୀଙ୍କୁ ମିଶାଇ ମାତ୍ର ୫ ଜଣ ଅଛନ୍ତି। ୬୯ ବର୍ଷୀୟ ଓଲି ଗତ ମାସରେ ପାର୍ଲାମେଣ୍ଟରେ ଆସ୍ଥା ଭୋଟ ହାରିବା ପରେ ତାଙ୍କ ସରକାର ସଂଖ୍ୟାଲଘୁ ହୋଇଯାଇଥିଲା। ସମାଲୋଚନା ଓ ବିରୋଧ ସତ୍ତ୍ୱେ ଓଲି ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରିଥିଲେ।

## ଆବର୍ଜନା ପାହାଡ଼ରେ ପାର୍କ



ରୁଷିଆ ରାଜଧାନୀ ମସ୍କୋରେ ଏଣିକି ଅଳିଆଗଦାରେ ପାର୍କ ଦେଖିବାକୁ ମିଳିବ। ମସ୍କୋ ଓ ଏହାର ଆଖପାଖ ଅଞ୍ଚଳରୁ ଏଠାକୁ ବହୁ ଟନ୍ ଅଳିଆ ଆବର୍ଜନା ଆସିଥାଏ। ଗତ ୫୦ ବର୍ଷରେ ଏଠାରେ ଆବର୍ଜନାର ଅନେକ ପାହାଡ଼ ତିଆରି ହୋଇଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ବିଚିତ୍ର ଉପାୟ ଆପଣାଯାଇଛି। ଏହି ପରିତ୍ୟକ୍ତ ଆବର୍ଜନା ପାହାଡ଼ଗୁଡ଼ିକୁ ସମତଳ କରି ପାର୍କ ନିର୍ମାଣ କରାଯାଉଛି। ପରିବେଶକୁ ଦୂଷିତ ହେବାରୁ ରକ୍ଷା କରିବା ପାଇଁ ଆବର୍ଜନା ପାହାଡ଼ ଆଖପାଖରେ ଏକ ପ୍ରାଚୀର ଦେବା ପର୍ଯ୍ୟାପ୍ତ ହେବ ନାହିଁ। ଏଠାରେ ଭୂସଂସ୍କାର ପାଇଁ ଅନେକ ପଦକ୍ଷେପ ନେବାକୁ ପଡ଼ିବ। ବିଶେଷଜ୍ଞଙ୍କ ମତରେ ୟୁରୋପରେ ଆବର୍ଜନାରୁ ବାହାରୁଥିବା ପାଣିକୁ ପିଇବାଯୋଗ୍ୟ କରାଯାଉଛି। ଖୁବ୍ ଶୀଘ୍ର ମସ୍କୋରେ ମଧ୍ୟ ଏପରି କରାଯିବ। ୫ ବର୍ଷରେ ଅଳିଆଗଦା ସ୍ଥାନରେ ପାର୍କ କିମ୍ବା ସ୍କି ରିସର୍ଟ ଦେଖିବାକୁ ମିଳିବ। ଏଥିରୁ ସ୍ୱଚ୍ଛ ପରିବେଶ ଓ ଉନ୍ନତ ଇକୋ ସିଷ୍ଟମ୍ ମିଳିବ।

## ମିଲ୍‌ଖା ସିଂଙ୍କୁ ଚିହ୍ନି ପାରିଲେନି




ଫ୍ଲାଇଂ ଶିଖ୍ ନାମରେ ବିଶ୍ୱ ବିଖ୍ୟାତ ଆଥଲେଟ ମିଲ୍‌ଖା ସିଂଙ୍କ ଶୁକ୍ରବାର ରାତିରେ କରୋନାରେ ପରଲୋକ ହୋଇଥିଲା। କିମ୍ବଦନ୍ତୀ ଧାବକଙ୍କ ବିୟୋଗରେ କେବଳ ଭାରତ ନୁହେଁ, ବିଦେଶରୁ ମଧ୍ୟ ଶୋକ ସନ୍ଦେଶ ଆସିଥିଲା। ତାଙ୍କ ସ୍ମୃତିରେ ଉତ୍ତର ପ୍ରଦେଶର ନୋଏଡା ଷ୍ଟାଡିୟମ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିନ୍ତୁ ତାଙ୍କୁ ସ୍ମରଣ କରିବାକୁ ଯାଇ ନୋଏଡା ଅଥରିଟି ଏପରି ଭୁଲ୍ କରିବସିଲା, ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଷ୍ଟାଡିୟମ୍‌ର ରେସିଂ ଟ୍ରାକ୍‌ରେ ମିଲ୍‌ଖା ସିଂଙ୍କ ସ୍ଥାନରେ ତାଙ୍କ ବାୟୋପିକ୍ 'ଭାଗ୍ ମିଲ୍‌ଖା ଭାଗ୍'ରେ ଧାବକ ଭୂମିକାରେ ଆସିଥିବା ଅଭିନେତା ଫରହାନ୍ ଅଖ୍‌ତରଙ୍କ ଫଟୋ ଲଗାଯାଇଥିଲା। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ଉପହାସ କରିବା ପରେ ଅଥରିଟି ଏହାକୁ ହଟାଇଦେଇଛି। ନୋଏଡା ଅଥରିଟିର ଅଧିକାରୀମାନେ ମିଲ୍‌ଖା ସିଂଙ୍କୁ ଚିହ୍ନି ନାହାନ୍ତି ବୋଲି ୟୁଜର୍ସ କମେଣ୍ଟ ଦେଇଛନ୍ତି। ଟୁଇଟରରେ ଜଣେ ୟୁଜର ପ୍ରଶ୍ନ କରିଛନ୍ତି, କେଉଁ ନିଶା ସେବନ କରିଥିଲ?

# 'ପାକ୍ ସହ ଆଲୋଚନା କରୁ କେନ୍ଦ୍ର'

**ନୂଆଦିଲ୍ଲୀ/ଶ୍ରୀନଗର,୨୨।୬**

■କଶ୍ମୀରକୁ ସ୍ୱାୟତ୍ତତା ଫେରାଇବା ପାଇଁ ଦାବିକଲେ ମେହବୁବା
■ମୋଦିଙ୍କ ବୈଠକରେ ସାମିଲ ହେବ ଗୁପ୍‌କାର ମେଣ୍ଟ, କଂଗ୍ରେସ

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ଶାନ୍ତି ଫେରାଇ ଆଣିବା ପାଇଁ ଯଦି ଭାରତୀୟ ଅଧିକାରୀମାନେ ଦୋହା ଯାଇ ତାଲିବାନ ଆତଙ୍କବାଦୀଙ୍କ ସହ ଆଲୋଚନା କରିପାରୁଛନ୍ତି ତେବେ କଶ୍ମୀରରେ ଶାନ୍ତି ପ୍ରତିଷ୍ଠା ଲାଗି ପାକିସ୍ତାନ ସହ କଥା ହେଲେ ଅସୁବିଧା କ'ଣ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଡାକିଥିବା ସର୍ବଦଳୀୟ ବୈଠକ ପୂର୍ବରୁ ଏଭଳି ପ୍ରଶ୍ନ କରିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧକ୍ଷା ମେହବୁବା ମୁଫ୍‌ତି। ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ୨୪ ତାରିଖରେ ଜମ୍ମୁ-କଶ୍ମୀରର ୧୪ ନେତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମଙ୍ଗଳବାର ଫାରୁକ୍‌ଙ୍କ ଶ୍ରୀନଗରସ୍ଥିତ ଗୁପ୍‌କାର ରୋଡ୍ ବାସଭବନରେ ଅନୁଷ୍ଠିତ ବୈଠକରେ ଗୁପ୍‌କାର ମେଣ୍ଟର ନେତାମାନେ କେନ୍ଦ୍ରର ଆମନ୍ତ୍ରଣକୁ ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ(ପିଏଜିଡି) ସାମିଲ ହେବ ବୋଲି ଏହାର ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସର୍ବଦଳୀୟ ବୈଠକରେ କେଉଁ ବିଷୟରେ ଆଲୋଚନା ହେବ ତାହା ସ୍ପଷ୍ଟ ହୋଇ ନ ଥିଲେ ବି କଶ୍ମୀରକୁ ସ୍ୱାୟତ୍ତତା ଫେରାଇବା ଉପରେ ମେଣ୍ଟ ଜୋର୍ ଦେବ ବୋଲି କୁହାଯାଇଛି। ଫାରୁକ୍ କହିଛନ୍ତି, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଆଲୋଚନା ବେଳେ କଶ୍ମୀରର ପକ୍ଷ ରଖାଯିବ। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇବା ପରେ ଏହା ହେବ ଏହି ଧରଣର ପ୍ରଥମ ବୈଠକ। ତେଣୁ ଉକ୍ତ ବୈଠକରେ ଗୁପ୍‌କାର ମେଣ୍ଟର ୬ ଦଳ କଶ୍ମୀରକୁ ସ୍ୱାୟତ୍ତତା ଫେରାଇବା ନେଇ ଦାବି କରିବେ ବୋଲି ଜଣାପଡ଼ିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, କଶ୍ମୀର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନ ସହ ମଧ୍ୟ ଆଲୋଚନା କରିବା ଉଚିତ। ସେମାନେ ଯଦି ତାଲିବାନ ସହ ଆଲୋଚନା କରିବାକୁ ଦୋହାକୁ ଯାଇପାରୁଛନ୍ତି, ସହମତି ପାଇଁ ପାକିସ୍ତାନ ସହ ଆଲୋଚନା କରିବାରେ କିଛି ଅସୁବିଧା ନାହିଁ। ବେଆଇନ ଓ ଅସାମ୍ବିଧାନିକ ଭାବେ ଛଡ଼ାଇ ନିଆଯାଇଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଜମ୍ମୁ-କଶ୍ମୀରକୁ ନ ଫେରାଇବା ଯାଏ ଉପତ୍ୟକାରେ ଶାନ୍ତି ଫେରିବ ନାହିଁ। ମୋଦି ଡାକିଥିବା ବୈଠକରେ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ନେଇ ଆମେ ଦାବି ରଖିବୁ ବୋଲି ମେହବୁବା କହିଛନ୍ତି। ସେପଟେ ନୂଆଦିଲ୍ଲୀରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ଦଳର ବରିଷ୍ଠ ନେତା ପି. ଚିଦାମ୍ବରମ୍, ଗୁଲାମନବୀ ଆଜାଦ, ରଜନୀ ପାଟିଲ, ଜି.ଏ. ମୀର ଓ ତାରିକ୍ ହମିଦ୍ କରା ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବୈଠକରେ କଂଗ୍ରେସ ସାମିଲ ହେବ ବୋଲି ନିଷ୍ପତ୍ତି ହୋଇଥିବା ଉକ୍ତ ବୈଠକ ପରେ ଦଳର ଜମ୍ମୁ-କଶ୍ମୀର ଶାଖା ମୁଖପାତ୍ର ରବୀନ୍ଦର ଶର୍ମା ସୂଚନା ଦେଇଛନ୍ତି।


ଶ୍ରୀନଗରରେ ପିଏଜିଡି ଅଧକ୍ଷ ଫାରୁକ ଅବ୍‌ଦୁଲ୍ଲାଙ୍କ ସହ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି।

## ୩ ମାସରେ ସର୍ବନିମ୍ନ ସଂକ୍ରମଣ

**ନୂଆଦିଲ୍ଲୀ,୨୨।୬**



ଭାରତରେ ସୋମବାର ୪୨,୬୪୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ବିଗତ ୯୧ ଦିନରେ ସର୍ବନିମ୍ନ। ଏଥିସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୯,୭୭,୮୬୧ରେ ପହଞ୍ଚିଛି। ୭୯ ଦିନ ପରେ ସକ୍ରିୟ ମାମଲା ସଂଖ୍ୟା ୭ ଲକ୍ଷ ତଳକୁ ଖସିଛି। ସେହିପରି ଗତ ୨୪ ଘଣ୍ଟାରେ ୧,୧୬୭ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ କୋଭିଡ୍ ମୃତକଙ୍କ ମୋଟ ସଂଖ୍ୟା ୩,୮୯,୩୦୨ରେ ପହଞ୍ଚିଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅପ୍‌ଡେଟ୍ କରାଯାଇଛି। ଏହି ଦୈନିକ ମୃତ୍ୟୁସଂଖ୍ୟାକୁ ୬୮ ଦିନରେ ସବୁଠୁ କମ୍ ବୋଲି କୁହାଯାଉଛି। ମଙ୍ଗଳବାର ସକାଳ ୭ଟାରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତରେ ସୋମବାର ୮୬.୧୬ ଲକ୍ଷ ଡୋଜ୍ ଭାକ୍ସିନ ଦିଆଯାଇଛି। ଏହାକୁ ଅଦ୍ୟାବଧି ସର୍ବାଧିକ ବୋଲି ମନ୍ତ୍ରଣାଳୟ କହିଛି। ଏଥିସହ ଦେଶରେ ମୋଟ ୨୮.୮୭ କୋଟି ଡୋଜ୍ ଟିକା ଦିଆଯାଇଛି। ସକ୍ରିୟ ମାମଲାରେ ୨.୨୧% ହ୍ରାସ ପାଇ ୬,୬୨,୫୨୧କୁ ଖସିଛି। ଦେଶରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୯୬.୪୯%କୁ ବଢ଼ିଥିବାବେଳେ ମୃତ୍ୟୁ ହାର ୧.୩୦% ରହିଛି।

## କୋଭାକ୍ସିନ ୭୭.୮% ଫଳପ୍ରଦ

**ନୂଆଦିଲ୍ଲୀ, ୨୨।୬**

ହାଇଦ୍ରାବାଦ ସ୍ଥିତ ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କରୋନା ଟିକା ୭୭.୮ ପ୍ରତିଶତ ଫଳପ୍ରଦ ବୋଲି ଏହାର ତୃତୀୟ ପର୍ଯ୍ୟାୟ ଟ୍ରାଏଲରୁ ଜଣାପଡ଼ିଛି। ଡ୍ରଗ୍ସ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଟ୍ରାଏଲର ସମୀକ୍ଷା କରିବା ସହ ଏହି ତଥ୍ୟକୁ ଗ୍ରହଣ କରିଛି। ତୃତୀୟ ପର୍ଯ୍ୟାୟରେ ୨୫,୮୦୦ ଜଣ ଉପରେ କୋଭାକ୍ସିନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣର ଫଳାଫଳ ଡିସିଜିଆଇକୁ ପ୍ରଦାନ କରାଯାଇଥିବା ଭାରତ ବାୟୋଟେକ୍ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଏ ପର୍ଯ୍ୟନ୍ତ କୋଭାକ୍ସିନକୁ ଜରୁରିକାଳୀନ ବ୍ୟବହାର ତାଲିକାରେ ସାମିଲ କରିନାହିଁ। ଏ ନେଇ ଜୁଲାଇ ୨୩ରେ ଡବ୍ଲ୍ୟୁଏଚ୍‌ଓ ସହ ଭାରତ ବାୟୋଟେକ୍‌ର ଏକ 'ପ୍ରି-ସବ୍‌ମିଶନ' ବୈଠକ ରହିଛି।

## ସର୍ବାଧିକ ପିଲା ଜନ୍ମ କଲେ ଲକ୍ଷେ ପୁରସ୍କାର

**ଆଇଜଲ,୨୨।୬**

**ମିଜୋରାମ କ୍ରୀଡ଼ାମନ୍ତ୍ରୀଙ୍କ ଘୋଷଣା**


ରବର୍ଟ ରୋମାୱିଆ ରୋୟତେ

ସର୍ବାଧିକ ପିଲା ଜନ୍ମ କରିଥିବା ମାତାପିତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସାଙ୍ଗରେ ଏକ ପ୍ରମାଣପତ୍ର ଓ ଟ୍ରଫି ମଧ୍ୟ ଦିଆଯିବ। ଏଭଳି ଅଭିନବ ପ୍ରୋତ୍ସାହନ ଘୋଷଣା କରି ଚର୍ଚ୍ଚା ସାଉଁଟିଛନ୍ତି ମିଜୋରାମର କ୍ରୀଡ଼ାମନ୍ତ୍ରୀ ରବର୍ଟ ରୋମାୱିଆ ରୋୟତେ। ନିଜ ନିର୍ବାଚନମଣ୍ଡଳୀରେ ରୋୟତେ କହିଛନ୍ତି, ମିଜୋ ସମୁଦାୟର ଜନସଂଖ୍ୟା କମ୍। ଏମାନଙ୍କ ଜନସଂଖ୍ୟା ନ ବଢ଼ିବା ଚିନ୍ତାର ବିଷୟ। ଏହି ସମୁଦାୟକୁ ଜନସଂଖ୍ୟା ବୃଦ୍ଧି ପାଇଁ ପ୍ରୋତ୍ସାହନ ଦିଆଯିବ। ଦେଶର ଅନେକ ରାଜ୍ୟ ବର୍ତ୍ତମାନ ଜନସଂଖ୍ୟା ନିୟନ୍ତ୍ରଣ ନୀତିକୁ ସମର୍ଥନ କରୁଥିବାବେଳେ ରୋୟତେ ଏହି ଘୋଷଣା କରିଛନ୍ତି। ରବିବାର ଫାଦର୍ସ ଡେ'ରେ ମନ୍ତ୍ରୀ କହିଥିଲେ, ସେ ନିଜ ଆଇଜଲ ପୂର୍ବ-୨ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ସନ୍ତାନ ଥିବା ପୁରୁଷ ଓ ମହିଳାଙ୍କୁ ୧ ଲକ୍ଷ ଟଙ୍କା ନଗଦ ପ୍ରୋତ୍ସାହନ ରାଶି ଦେବେ। ମିଜୋରାମରେ ଅନେକ ମିଜୋ ଜନଜାତି ବସବାସ କରନ୍ତି। ଅରୁଣାଚଳ ପ୍ରଦେଶ ପରେ ମିଜୋରାମ ଜନସଂଖ୍ୟାର ଘନତ୍ୱ ସବୁଠୁ କମ୍। ମିଜୋରାମର ପଡ଼ୋଶୀ ରାଜ୍ୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିକଟରେ ଘୋଷଣା କରିଛନ୍ତି, ତାଙ୍କ ସରକାର କ୍ରମାନ୍ୱୟରେ ୨ ସନ୍ତାନ ନୀତି ଲାଗୁ କରିବେ।

## ଭାସମାନ ଡାକଘର



କଶ୍ମୀରର ଡାଲ ହ୍ରଦରେ ରହିଛି ବିଶ୍ୱର ଏକମାତ୍ର ଭାସମାନ ଡାକଘର। ୨ ଶହ ବର୍ଷ ତଳେ ଏହି ଡାକଘର ବ୍ରିଟିଶ ଶାସନ ଅମଳରେ ଆରମ୍ଭ ହୋଇଥିଲା। ଆଜି ପର୍ଯ୍ୟନ୍ତ ସେଠାରେ ରହୁଥିବା ଲୋକଙ୍କୁ ଏହା ଚିଠି ଓ କୋରିଅର ପଠାଇଆସୁଛି। ବରଫ ଆଚ୍ଛାଦିତ ଏବଂ ପାହାଡ଼ପର୍ବତ ଘେରା ଶ୍ରୀନଗରର ଏକ ବିଶାଳ ହାଉସ୍‌ବୋଟରେ ଭାସମାନ ପୋଷ୍ଟ ଅଫିସ୍ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

## ଅମରିନ୍ଦରଙ୍କୁ ଜବାବ ମାଗିଲା ଏଆଇସିସି

**ନୂଆଦିଲ୍ଲୀ, ୨୨।୬**

**ପଞ୍ଜାବ କଂଗ୍ରେସରେ ଅସନ୍ତୋଷ**


ଅମରିନ୍ଦର ସିଂ – ନବଜୋତ ସିଂ ସିଦ୍ଧୁ

ପଞ୍ଜାବ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁ ଓ ଅନ୍ୟ କେତେଜଣ ବିଧାୟକ ତଥା ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉଠାଇ ଅମରିନ୍ଦ୍ର ସିଂ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। କଂଗ୍ରେସର ଅର୍ନ୍ତକଳହ ଓ ଅସନ୍ତୋଷ ବଢ଼ିବାରେ ଲଗିଥିବାବେଳେ ସାମଧାନ ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଆଇସିସିର ୩ ସଦସ୍ୟ ବିଶିଷ୍ଟ ଏକ ପ୍ୟାନେଲ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ବୈଠକ କରି ତାଙ୍କୁ ଜବାବ ମାଗିଛି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲିକାର୍ଜୁନ ଖାର୍ଗେଙ୍କ ଅଧକ୍ଷତାରେ ଏହି କମିଟି କନ୍ଦଳ ଦୂର କରି ଅସନ୍ତୁଷ୍ଟଙ୍କୁ ବୁଝାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଛି। ପ୍ୟାନେଲରେ ଏଆଇସିସିର ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ହରିଶ ରାୱତ ଏବଂ ପୂର୍ବତନ ଏମ୍‌ପି ଜେ. ପି. ଅଗ୍ରୱାଲ ସଦସ୍ୟ ରହିଛନ୍ତି।

ପଞ୍ଜାବରେ ଅମରିନ୍ଦରଙ୍କ ନେତୃତ୍ୱକୁ କଂଗ୍ରେସର ଅନେକ ନେତା ବିରୋଧ କରୁଛନ୍ତି। ନିକଟରେ ଅମରିନ୍ଦର ଦୁଇ ବିଧାୟକଙ୍କ ପୁଅଙ୍କୁ ଦୟା ମନୋଭାବ ରଖି ସରକାରୀ ଚାକିରି ଦେବାକୁ ନିଷ୍ପତ୍ତି ନେଇଥିବା ବିରୋଧୀ ଗୋଷ୍ଠୀ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କୁ ଘେରିଥିଲେ। ପଞ୍ଜାବରେ ଦୁଇ ପରିବାର ବେଶ୍ ଲାଭବାନ ହେଉଛନ୍ତି ବୋଲି ସିଦ୍ଧୁ ମତ ରଖିବା ପରେ କଂଗ୍ରେସରେ ହଟଚମଟ ସୃଷ୍ଟି ହୋଇଛି। ତେବେ ସର୍ବସାଧାରଣରେ ସିଦ୍ଧୁଙ୍କ ଏଭଳି ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। କିଛି ସପ୍ତାହ ପୂର୍ବରୁ ଅମରିନ୍ଦର ଏବଂ ସିଦ୍ଧୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

# ଭିନ୍ନ ହେବେ 'ସ୍ପେସ୍ ବେବି'

**ମହାକାଶରେ ଗୁରୁତ୍ୱ ଆକର୍ଷଣ ନାହିଁ। ତେଣୁ ସେଠାରେ ଜଣେ ଗର୍ଭବତୀଙ୍କ ସାମାନ୍ୟ ପ୍ରସବ ଅସମ୍ଭବ। ଯଦିଓ ସ୍ୱାସ୍ଥ୍ୟ ବିଜ୍ଞାନର ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ପ୍ରସବ କରାଯାଏ, ତଥାପି ରେଡିଏଶନ ଏବଂ ଅନ୍ୟ ପ୍ରତିକ୍ରିୟା କାରଣରୁ ପୃଥିବୀରେ ଜନ୍ମିତ ଶିଶୁଙ୍କଠାରୁ ଭିନ୍ନ ହେବେ 'ସ୍ପେସ୍ ବେବି'। ସେମାନଙ୍କ ଶାରୀରିକ ଗଠନ, ରଙ୍ଗ ଏବଂ ହାବଭାବ ନିଆରା ହେବ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି।**



**ନୂଆଦିଲ୍ଲୀ:** ଜନସଂଖ୍ୟା ବୃଦ୍ଧି, ମାତ୍ରାଧିକ ପ୍ରଦୂଷଣ କାରଣରୁ ଆଗାମୀ କେତେ ଶହ ବର୍ଷ ପରେ ପୃଥିବୀରେ ଜୀବନଧାରଣ କଷ୍ଟକର ହୋଇପଡ଼ିବ। ଏହି ଆଶଙ୍କାରେ ଏବେଠୁ ପୃଥିବୀ ବାହାରେ ବାସୋପଯୋଗୀ ଗ୍ରହ ଖୋଜାଚାଲିଛି। ମହାକାଶରେ ରହଣି ସମ୍ଭବ ହେଲେ ମନୁଷ୍ୟ କଲୋନୀ ଗଢ଼ିଉଠିବ। ସମାନ୍ତରାଳ ଭାବେ ପ୍ରଜନନ, ଗର୍ଭଧାରଣ, ପ୍ରସବ ମଧ୍ୟ ହେବ। ହେଲେ ଜନ୍ମିତ ଶିଶୁ ପୃଥିବୀର ଶିଶୁଙ୍କ ଭଳି ହେବେ ନାହିଁ। ଗୁରୁତ୍ୱ ଆକର୍ଷଣ ବିହୀନ ମହାକାଶରେ ହେଉଥିବା ବିଭିନ୍ନ କ୍ରିୟା, ପ୍ରତିକ୍ରିୟା ସେମାନଙ୍କ ଶାରୀରିକ ଗଠନକୁ ପ୍ରଭାବିତ କରିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ମହାକାଶ ଅଭିଯାନ ଇତିହାସରେ ଅଦ୍ୟାବଧି ଜଣେ କେହି ବି ମହିଳା ମହାକାଶଚାରୀ ଗର୍ଭବତୀ ହୋଇନାହାନ୍ତି। ଏହାକୁ ଦେଖିଲେ 'ସ୍ପେସ୍ ବେବି' ଏକ ଉଦ୍ଭଟ ଚିନ୍ତାଧାରା ବୋଲି ମନେହୁଏ। ହେଲେ ପୃଥିବୀ ବାହାରେ ଜୀବଜଗତର ପରିକଳ୍ପନା ସହିତ ଏସବୁ ବିଷୟରେ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ମହାକାଶରେ ଜୀବଜଗତ ସହିତ ଆଗାମୀ ଭବିଷ୍ୟତ ଉପରେ ବୈଜ୍ଞାନିକମାନେ ଚିନ୍ତା କରିବା ଆରମ୍ଭ କରିଛନ୍ତି। ଏ କ୍ଷେତ୍ରରେ ଗୋଟିଏ ପାଦ ଆଗରେ ରହିଛନ୍ତି ୟୁନିଭର୍ସିଟି ଅଫ୍ ଏରିଜୋନାର ବୈଜ୍ଞାନିକ। ସେମାନଙ୍କ କହିବା କଥା, ଆସନ୍ତା ୩ ଦଶନ୍ଧି ଭିତରେ ମହାକାଶରେ ସନ୍ତାନ ପ୍ରସବ ଆଉ କଳ୍ପନା ଭିତରେ ସୀମିତ ହୋଇ ରହି ନ ଥିବ। ମଙ୍ଗଳ ସମେତ ଅନ୍ୟ କେତେକ ଗ୍ରହରେ ଜୀବନ ଲାଗି ଅନୁକୂଳ ବାତାବରଣ ଖୋଜାଯିବା ପରେ ସେଠାରେ ଜନସଂଖ୍ୟା ବୃଦ୍ଧି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ତେବେ ପୃଥିବୀ ଭଳି ମହାକାଶରେ ୯ମାସ ଯାଏ ସୁରକ୍ଷିତ ଗର୍ଭଧାରଣ ପ୍ରକ୍ରିୟା ସବୁଠାରୁ ଚ୍ୟାଲେଞ୍ଜିଂ ହେବ। କାରଣ ମହାକାଶରେ ତୀବ୍ର ରେଡିଏଶନର ବିପଦ ସହିତ ଅସ୍ଥିର ବିକାଶ ପ୍ରଭାବିତ ହେଉଛି। ତେଣୁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି। ସେହିପରି ଗୁରୁତ୍ୱଆକର୍ଷଣ ଅଭାବରୁ ସାଧାରଣ ପ୍ରସବ ଅସମ୍ଭବ। ତେଣୁ କେବଳ ସର୍ଜରି ଏକମାତ୍ର ପନ୍ଥା। ହେଲେ ରେଡିଏଶନ ଆତଙ୍କ ଭିତରେ ସୁରକ୍ଷିତ ଅସ୍ତ୍ରୋପଚାର କରିବା ଏକପ୍ରକାର ଅସମ୍ଭବ। ଯଦି ବି ବୈଜ୍ଞାନିକମାନେ ପ୍ରସବ କରାଇବାରେ ସଫଳ ହୁଅନ୍ତି, ତଥାପି ସ୍ପେସ୍ ବେବିଙ୍କ ଶାରୀରିକ ଗଠନ, ରଙ୍ଗ, ମୁଣ୍ଡର ଆକାର ପୃଥିବୀରେ ଜନ୍ମିତ ଶିଶୁଙ୍କଠାରୁ ଭିନ୍ନ ହେବ। 'ବିଜନେସ ଇନ୍‌ସାଇଡର'ର ଏକ ରିପୋର୍ଟରେ ଏ ସଂକ୍ରାନ୍ତରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରକାଶିତ ହୋଇଛି।

### ପରୀକ୍ଷା ଲାଗି ପ୍ରସ୍ତୁତ ସ୍ପେସ୍ କମ୍ପାନୀ

'ସ୍ପେସ୍ ବେବି' ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହେବା ପରେ ସ୍ପେସ୍ କମ୍ପାନୀଗୁଡ଼ିକ ପରୀକ୍ଷାନିରୀକ୍ଷା ଲାଗି ଚାହିଁ ବସିଛନ୍ତି। ନେଦରଲାଣ୍ଡର 'ସ୍ପେସଲାଇଫ୍ ଅରିଜିନ' ଆସନ୍ନ ପ୍ରସବାଙ୍କୁ ଭୂପୃଷ୍ଠରୁ ୪୦୦ କି.ମି. ଦୂର ମହାକାଶରେ ପ୍ରସବ କରାଇବାକୁ ଅନୁମତି ଅପେକ୍ଷାରେ ରହିଛି। ହେଲେ ଏହି ସ୍ପେସ୍ କମ୍ପାନୀକୁ ଅଦ୍ୟାବଧି ସବୁଜ ସଙ୍କେତ ମିଳିପାରିନାହିଁ। ତେବେ ଏକଥା ସତ ଯେ, ଏହା ଏକ ବ୍ୟୟବହୁଳ ପ୍ରକ୍ରିୟା ହେବ। ରେଡିଏଶନ ନିରୋଧୀ ଗୃହ, ପ୍ରସବ ପରେ ଶିଶୁଙ୍କ ଯତ୍ନରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୯୬,୮୫,୨୮୮ | ୩୮,୯୧,୧୨୮ | ୧୬,୪୩,୭୬,୩୩୮ |
| ଭାରତ | ୩,୦୦,୦୨,୬୯୧ | ୩,୮୯,୬୬୧ | ୨,୮୯,୫୦,୭୨୬ |
| ଓଡ଼ିଶା | ୮,୮୩,୪୯୦ | ୩୬୭୧(+୫୩) | ୮,୪୮,୯୬୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜାତୀୟତାବାଦର ପଥପ୍ରଦର୍ଶକ-ଶ୍ୟାମାପ୍ରସାଦ



**ଜଗତ୍ ପ୍ରକାଶ ନଡ୍ଡା**

ସ୍ୱାଧୀନତା ପରଠାରୁ ଭାରତୀୟ ଜାତୀୟତାବାଦର ଭାବନା ଉଦ୍ରେକ କରିବା, ଜାତୀୟ ଅଖଣ୍ଡତା ବଜାୟ ରଖିବା, ଦେଶରେ ଏକ ଦୃଢ଼ ରାଜନୈତିକ ବିକଳ୍ପର ବୀଜବପନ କରିବାରେ ଯାହାଙ୍କ ନାମ ସର୍ବାଗ୍ରେ ଆସେ, ସେ ହେଉଛନ୍ତି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ। ସ୍ୱାଧୀନତା ପରେ ଯଦିଓ ସେ ଦୀର୍ଘସମୟ ବଞ୍ଚି ରହି ନ ଥିଲେ, ତଥାପି ତାଙ୍କ ଆଦର୍ଶ ଓ ସଂଗ୍ରାମ ଭାରତୀୟ ରାଜନୈତିକ ଆକାଶରେ ଏକ ଅଲିଭା ଚିହ୍ନ ଛାଡ଼ିଯାଇଛି।

ଶ୍ୟାମାପ୍ରସାଦ ଜମ୍ମୁ ଓ କଶ୍ମୀରର ବାସ୍ତବ ସମସ୍ୟା ଭଲ ଭାବେ ହୃଦୟଙ୍ଗମ କରିବା ସହ ତାହାର ସମାଧାନ ଦିଗରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ବଙ୍ଗ ବିଭାଜନ ବେଳେ ଭାରତର ସ୍ୱାର୍ଥ ଓ ଅଧିକାର ସୁରକ୍ଷା ପାଇଁ ସେ ଥିଲେ ଜଣେ ସଫଳ ସଂଗ୍ରାମର ଧ୍ୱଜାଧାରୀ। ସ୍ୱାଧୀନତା ପରବର୍ତ୍ତୀ କାଳରେ କଂଗ୍ରେସ ବିଦେଶୀ ଚିନ୍ତାଧାରା ଓ ତତ୍ତ୍ୱକୁ ଆମଦାନୀ କରି ଦେଶ ଉପରେ ଲଦି ଦେବାକୁ ଯେଉଁ ପ୍ରୟାସ କରିଥିଲା, ତାହାକୁ ଶ୍ୟାମାପ୍ରସାଦ ଘୋର ବିରୋଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରତି ଭାରତୀୟଙ୍କୁ ଜୀବନର ଉପଯୁକ୍ତ ଓ ସ୍ଥାୟୀ ପଥପ୍ରଦର୍ଶନ କରିବା ଦିଗରେ 'ଭାରତ, ଭାରତୀୟ ଓ ଭାରତୀୟତା'ର ରାଜନୈତିକ ଓ ସାମାଜିକ ଆଦର୍ଶ ଗଢ଼ି ତୋଳିବାରେ ସେ ଜଣେ ପ୍ରମୁଖ ବିନ୍ଧାଣି ଥିଲେ।

ନେହେରୁଙ୍କ ସରକାରରେ ଶ୍ୟାମାପ୍ରସାଦ ଭାରତର ପ୍ରଥମ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ ନେହେରୁ-ଲିଆକତ୍ ଚୁକ୍ତିରେ କଂଗ୍ରେସ ଦ୍ୱାରା ହିନ୍ଦୁଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଦର୍ଶାଇ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ସେହି ଇସ୍ତଫା ତାଙ୍କ ଆଦର୍ଶଗତ ଚେତନାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଭାବେ ରହିଆସିଛି। ସେ କଦାପି ତାଙ୍କ ଆଦର୍ଶଗତ ପ୍ରତିବଦ୍ଧତାରେ ସାଲିସ କରିନାହାନ୍ତି। ନେହେରୁଙ୍କ କ୍ୟାବିନେଟରୁ ସେ ଇସ୍ତଫା ଦେବା ଦ୍ୱାରା ଦେଶରେ ଏକ ରାଜନୈତିକ ବିକଳ୍ପର ଅଭ୍ୟୁଦୟ ହୋଇଥିଲା।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବିଭିନ୍ନ ଆଦର୍ଶରେ ବିଶ୍ୱାସ ରଖିଥିବା ରାଜନୈତିକ ନେତା ଓ ଜନସାଧାରଣ କଂଗ୍ରେସ ଡାକରାରେ ଏକଜୁଟ ହୋଇଥିଲେ। କିନ୍ତୁ ସ୍ୱାଧୀନତା ପରେ ରାଜନୈତିକ ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ କଂଗ୍ରେସର ବିକଳ୍ପ ଖୋଜିବା ନେଇ ବିତର୍କ ଆରମ୍ଭ ହୋଇଥିଲା। ସାଂସ୍କୃତିକ ଜାତୀୟତାବାଦ ମାଧ୍ୟମରେ ଜାତୀୟ ଅଖଣ୍ଡତାର ମୂଳଦୁଆ ପକାଇବା ଓ ରାଜନୀତିରେ ତୁଷ୍ଟୀକରଣକୁ ବିରୋଧ କରି ଭାରତ ଯେତେବେଳେ ଏକ ରାଜନୈତିକ ଆଦର୍ଶ ଖୋଜୁଥିଲା, ସେତିକିବେଳେ ଶ୍ୟାମାପ୍ରସାଦ ଧ୍ୱଜାଧାରୀ ଭାବେ ଉଭା ହୋଇଥିଲେ। ତାଙ୍କ ଚିନ୍ତାଧାରାରୁ ହିଁ ଜନ୍ମ ନେଇଥିଲା ଜନସଂଘ ଓ ତାହା ୨୧ ଅକ୍ଟୋବର ୧୯୫୧ରେ ପ୍ରତିଷ୍ଠା ହୋଇଥିଲା। ତା' ପରେ ଅନେକ ଉତ୍ଥାନପତନ ଦେଇ ଆମେ ଆଜି ଏଇଠି ପହଞ୍ଚିଛୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୯୫୧-୫୨ ସାଧାରଣ ନିର୍ବାଚନରେ ଜନସଂଘ କେବଳ ୩ଟି ଆସନ ପାଇଥିଲା। ଶ୍ୟାମାପ୍ରସାଦ କଲିକତାରୁ ବିଜୟ ଲାଭ କରି ସଂସଦରେ ପହଞ୍ଚିଥିଲେ। ତାଙ୍କ ସ୍ୱଷ୍ଟ ଭାବନା, ଆଦର୍ଶଗତ ପ୍ରତିବଦ୍ଧତା ଓ ଦୂରଦର୍ଶିତାରେ ପ୍ରଭାବିତ ହୋଇ ବିରୋଧୀ ଦଳଗୁଡ଼ିକ ତାଙ୍କୁ ଲୋକ ସଭାରେ ବିରୋଧୀ ଦଳ ନେତା କରିଥିଲେ।

ଜମ୍ମୁ ଓ କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଲାଗୁ କରାଯିବା ଓ ସେଠାକାର ବାସିନ୍ଦାଙ୍କୁ ବିଭିନ୍ନ ପ୍ରକାର ସୁବିଧା ଦେବା ଲାଗି କରାଯାଇଥିବା ବ୍ୟବସ୍ଥା ଭାରତର ଅଖଣ୍ଡତାରେ ଏକ ବାଧକ ବୋଲି ଶ୍ୟାମାପ୍ରସାଦ ବିଚାର କରୁଥିଲେ। ସେ ଏହି ବିଷୟ ସଂସଦରେ ବହୁବାର ଉଠାଇଛନ୍ତି। ୨୬ ଜୁନ୍ ୧୯୫୨ରେ ଜମ୍ମୁ ଓ କଶ୍ମୀର ଉପରେ ହୋଇଥିବା ବିତର୍କରେ ଭାଗ ନେଇ ସେ କହିଥିଲେ ଯେ, ଭାରତୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାରେ ଗୋଟିଏ ରାଜ୍ୟର ନାଗରିକଙ୍କ ଅଧିକାର ଓ ସୁବିଧା କିଭଳି ଅନ୍ୟ ରାଜ୍ୟଠାରୁ ଭିନ୍ନ ହେବ। ଏହା ଦେଶର ଏକତା ଓ ଅଖଣ୍ଡତା ପ୍ରତି କ୍ଷତିକାରକ।

ଶ୍ୟାମାପ୍ରସାଦ ଜମ୍ମୁକୁ ପ୍ରବେଶ କରୁଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା, ଯାହାକୁ ନେଇ ସାରା ଭାରତରେ ପ୍ରବଳ ବିରୋଧ ହୋଇଥିଲା ଓ ଅନେକେ ଗିରଫ ହୋଇଥିଲେ। ତାଙ୍କ ଗିରଫର ୪୦ ଦିନ ପରେ ଭାରତମାତାର ଏହି ସୁଯୋଗ୍ୟ ସନ୍ତାନଙ୍କର ୨୩ ଜୁନ୍ ୧୯୫୩ରେ ଜମ୍ମୁର ଏକ ସରକାରୀ ଡାକ୍ତରଖାନାରେ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ତାଙ୍କର ଏଭଳି ବଳିଦାନକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା। ହେଲେ ନେହେରୁ ସରକାର ସେଥିପ୍ରତି ଆଖିବୁଜି ଦେଇଥିଲେ। ଶ୍ୟାମାପ୍ରସାଦଙ୍କ ମାତା ଯୋଗମାୟା ଦେବୀ ପୁଅଙ୍କ ରହସ୍ୟଜନକ ମୃତ୍ୟୁ ନେଇ ତଦନ୍ତ କରିବା ଲାଗି ନେହେରୁଙ୍କ ନିକଟକୁ ପତ୍ର ଲେଖିଥିଲେ। ମାତ୍ର ତାଙ୍କର ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଅଦ୍ୟାବଧି ତାଙ୍କ ଗିରଫ ଓ ମୃତ୍ୟୁ ରହସ୍ୟ ଉପରୁ ପର୍ଦ୍ଦା ହଟିନି।

ଶ୍ୟାମାପ୍ରସାଦ କହୁଥିଲେ ଭାରତରେ ଦୁଇଟି ସମ୍ବିଧାନ, ଦୁଇ ଜଣ ପ୍ରଧାନମନ୍ତ୍ରୀ ଓ ଦୁଇ ଜାତୀୟ ପ୍ରତୀକ ରହିପାରିବେ ନାହିଁ। ପ୍ରଥମେ ଜନସଂଘର ସଂକଳ୍ପ ଓ ସିଦ୍ଧାନ୍ତ ଥିବା ଏହି ସ୍ଲୋଗାନ ଏବେ ଭାରତୀୟ ଜନତା ପାର୍ଟି (ଭାଜପା) ଆପଣାଇଛି। ଗୋଟିଏ ପଟେ ତୁଷ୍ଟୀକରଣ ରାଜନୀତିକୁ ବିଶ୍ୱାସ କରୁଥିବା କଂଗ୍ରେସ ସମେତ ଅନେକ ରାଜନୈତିକ ଦଳ ଥିଲାବେଳେ ଅନ୍ୟପଟେ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ଥିଲା ଭାଜପାର ପ୍ରତିବଦ୍ଧତା। ଜନସଂଘ ଯୁଗ ହେଉ ବା ଭାଜପାର ଯାତ୍ରା, ଭାରତକୁ ଏକ ମଜଭୁତ ଓ ସଙ୍ଗଠିତ ରାଷ୍ଟ୍ର ଭାବେ ଦେଖିବାରେ ଆମ ଆଦର୍ଶ ଓ ପ୍ରତିବଦ୍ଧତାରେ କୌଣସି ପରିବର୍ତ୍ତନ ଘଟି ନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ପିତ ଭାବ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦକ୍ଷ ରଣନୀତି ଯୋଗୁ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇଥିବା ଅନୁଚ୍ଛେଦ ୩୭୦ ସବୁଦିନ ପାଇଁ ଉଚ୍ଛେଦ କରିବାରେ ଭାରତ ସଫଳ ହୋଇଥିଲା। ଫଳରେ ଶ୍ୟାମାପ୍ରସାଦଙ୍କ ସ୍ୱପ୍ନକୁ ମୋଦି ସାକାର କଲେ। ବାସ୍ତବରେ ଶ୍ୟାମାପ୍ରସାଦଙ୍କ ବଳିଦାନ ତାଙ୍କୁ ଭାରତମାତାର ଯୋଗ୍ୟତମ ସନ୍ତାନ ଭାବେ ମନେରଖିବ। ତାଙ୍କର ଏଭଳି ତ୍ୟାଗ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**(ରାଷ୍ଟ୍ରୀୟ ଅଧ୍ୟକ୍ଷ, ଭାରତୀୟ ଜନତା ପାର୍ଟି)**



କଟକର ନେତାଜୀ ସେତୁ ଉପରେ ମଙ୍ଗଳବାର ମେଘାଚ୍ଛନ୍ନ ଆକାଶ।

# ଜିଲା ଯୁବ ବିଜେଡି ଉପସଭାପତି ଗିରଫ

## ଟେଣ୍ଡରଧାରୀଙ୍କ ଡିଡି ଚିରିବା ଘଟଣା

**ପାଟଣା,୨୨।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ କାର୍ଯ୍ୟାଳୟରେ ଟେଣ୍ଡରଧାରୀଙ୍କ ଡିଡି (ଡିମାଣ୍ଡ ଡ୍ରାଫ୍ଟ) ଚିରିବା ଅଭିଯୋଗରେ ମଙ୍ଗଳବାର ଜିଲା ଯୁବ ବିଜେଡି ଉପସଭାପତି କରୁଣାସାଗର ଖଟୁଆଙ୍କୁ ପାଟଣା ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୮୩/୨୧) ରୁଜୁ କରି କରୁଣାସାଗରଙ୍କୁ କୋର୍ଟ ଚାଲାଣ କରିଥିବା ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସାହାରପଡ଼ା ବ୍ଲକରେ ଓଏମ୍‌ବିଏଡିସି ଯୋଜନାରେ ଆସିଥିବା ୪୭ ସ୍କୁଲ ଘର ଓ ପାଚେରି ପାଇଁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଟେଣ୍ଡରର ସୋମବାର ଶେଷଦିନ ଥିଲା। କରୁଣାସାଗର ୧୧ଟି ଡିଡିକୁ ଧରି ଚିରି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା।



କରୁଣାସାଗର ଖଟୁଆ

# ୨୬ ଯାଏ ପ୍ରବଳ ବର୍ଷା

## ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ପରାମର୍ଶ ଦେବା ସହ ସ୍ଥିତି ନିରୀକ୍ଷଣ କରି ପଦକ୍ଷେପ ନେବା ପାଇଁ କହିଛନ୍ତି।

ବୁଧବାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼ରେ ପ୍ରବଳ ବର୍ଷା ହେବ। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଜିଲାରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ଏଥିପାଇଁ ଏହି ସମସ୍ତ ଜିଲାରେ ୟେଲୋ ୱାର୍ନିଂ ଜାରି ହୋଇଛି। ୨୪ରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ରେ ପ୍ରବଳ ବର୍ଷା ସହିତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ଝଡ଼ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୫ରେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ ଯାଜପୁର ଏବଂ ୨୬ରେ ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଦୁଇଦିନ ମଧ୍ୟ ପ୍ରବଳ ବର୍ଷା ନେଇ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ଭୁବନେଶ୍ୱରରେ ସର୍ବାଧିକ ୪୧.୧ମି.ମି. ପାରାଦୀପରେ ୩୧, କେନ୍ଦୁଝରରେ ୨୭, ବାଲେଶ୍ୱରରେ ୨୧, ନୟାଗଡ଼ରେ ୨୦.୧, ପୁରୀରେ ୧୯, କଟକରେ ୧୨ମି.ମି. ବର୍ଷା ହୋଇଛି।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର କରୋନାର ତୃତୀୟ ଲହର ପ୍ରାଇଁ ପ୍ରସ୍ତୁତ ହୋଇ ଯୁଦ୍ଧକାଳୀନ ଭିତ୍ତିରେ ଟିକାକରଣ କରିବା ଉଚିତ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିସିପିଙ୍କୁ ହାଜର ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

## ନୟାପଲ୍ଲୀ ଶିଶୁ ବିକ୍ରି ଘଟଣା

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିର ଶିଶୁ ବିକ୍ରି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଏହାପରେ ନୟାପଲ୍ଲୀ ପୋଲିସକୁ ରିପୋର୍ଟ ତଲବ କରିଥିଲେ। ଅନ୍ୟପକ୍ଷରେ କମିଶନ ଭୁବନେଶ୍ୱର ଡିସିପିଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଥିଲେ। ମାତ୍ର ସେ ନ ଦେବାରୁ ଆସନ୍ତା ଅଗଷ୍ଟ ୨୪ରେ ବ୍ୟକ୍ତିଗତ ହାଜର ହେବା ପାଇଁ ତାଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ରିପୋର୍ଟ ଦାଖଲ ନିମନ୍ତେ ଜୁନ୍ ୧୦ରେ ହାଜର ହେବାକୁ ଡିସିପିଙ୍କୁ କୁହାଯାଇଥିଲା।

# କଂଗ୍ରେସ ଜାରି କଲା କରୋନା ଶ୍ୱେତପତ୍ର

**ନୂଆଦିଲ୍ଲୀ, ୨୨।୬**

ଦେଶରେ କୋଭିଡ୍ ମୁକାବିଲାରେ ବିଫଳତାକୁ ନେଇ କଂଗ୍ରେସ ସବୁବେଳେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସିଛି। ଏହି କ୍ରମରେ ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଶ୍ୱେତପତ୍ର ଜାରି କରିଛନ୍ତି। ମହାମାରୀ ତୃତୀୟ ଲହରର ମୁକାବିଲା ପାଇଁ ଏହା ଏକ ବ୍ଲୁ ପ୍ରିଣ୍ଟ। ପ୍ରଥମ ଓ ଦ୍ୱିତୀୟ ଲହର କେଉଁ ଭୁଲ୍ ପାଇଁ ଏତେ ବିପଜ୍ଜନକ ହେଲା ତାହା ଏଥିରେ ଉଲ୍ଲେଖ କରାଯାଇଛି। ସେହିପରି ତୃତୀୟ ଲହର ଆସିଲେ ତା'ର କିପରି ସଫଳ ମୁକାବିଲା କରାଯାଇପାରିବ ସେ ନେଇ ଶ୍ୱେତପତ୍ରରେ କେତେକ ପ୍ରସ୍ତାବ ଦିଆଯାଇଥିବା ରାହୁଲ କହିଛନ୍ତି। ସମସ୍ତଙ୍କୁ କମ୍ ସମୟ ମଧ୍ୟରେ ମାଗଣାରେ ଟିକା ଦେବା ଏବଂ ଦେଶରେ ଟିକା ଉତ୍ପାଦନ ବୃଦ୍ଧି ପାଇଁ କମ୍ପାନୀଗୁଡ଼ିକୁ ଲାଇସେନ୍ସ ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅନୁସାରେ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ କେନ୍ଦ୍ର ସରକାରଙ୍କୁ କଂଗ୍ରେସର ଶ୍ୱେତପତ୍ରରେ ସୁପାରିସ କରାଯାଇଛି।

# ପ୍ରବାସୀ ଖୋଜୁଛି ସବୁଠୁ ଖୁସି ଦେଶ

**ଜୀବନର ଗୁଣବତ୍ତା, ସ୍ୱାଧୀନତା ତଥା ଲିଙ୍ଗଗତ ସମାନତା ସହ ଦୁର୍ନୀତି, ଅପରାଧ ଓ ପ୍ରଦୂଷଣର ଅଭାବ ଫିନ୍‌ଲାଣ୍ଡକୁ କାଗଜପତ୍ରରେ ଏକ ଆକର୍ଷଣୀୟ ଦେଶ ଭାବେ ଗଢ଼ିତୋଳିଛି। ଅନେକ ଅନ୍ତର୍ଜାତୀୟ ସୂଚକାଙ୍କରେ ସର୍ବଦା ସର୍ବାଗ୍ରେ ରହୁଥିବା ଏହି ୟୁରୋପୀୟ ରାଷ୍ଟ୍ର ଏବେ ବିଦେଶରୁ ପ୍ରବାସୀଙ୍କୁ ଆଣି ସେଠାରେ ସେମାନଙ୍କୁ ବସତି ସ୍ଥାପନର ସୁଯୋଗ ଦେବାକୁ ଚାହୁଁଛି। କାରଣ ଫିନ୍‌ଲାଣ୍ଡର ଅଧିକାଂଶ ଲୋକ ବୟସ୍କ ହୋଇଗଲେଣି। ବୟସ୍କ ଲୋକଙ୍କୁ ବିଭିନ୍ନ କାର୍ଯ୍ୟରେ ସହାୟତା ଦେବା ପାଇଁ ମାନବ ସମ୍ବଳର ଘୋର ଅଭାବ ଦେଖାଦେଇଛି।**



**ହେଲ୍‌ସିଙ୍କି,୨୨।୬**

ଫିନ୍‌ଲାଣ୍ଡକୁ ବିଶ୍ୱର ସବୁଠୁ ଖୁସି ଦେଶ ଭାବେ ଅଭିହିତ କରାଯାଇଥାଏ। 'ୱାର୍ଲ୍ଡ ହାପିନେସ୍ ରିପୋର୍ଟ'ରେ ଲଗାତର ସର୍ବାଗ୍ରେ ରହୁଥିବା ଏହି ଦେଶରେ କାମ କରିବା ପାଇଁ ଲୋକ ମିଳୁନାହାନ୍ତି। ତେଣୁ ଅନ୍ୟ ଦେଶଗୁଡ଼ିକରୁ ଲୋକଙ୍କୁ ଆଣି ଫିନ୍‌ଲାଣ୍ଡରେ ବସତି ସ୍ଥାପନର ସୁଯୋଗ ଦିଆଯାଉ ବୋଲି ସେଠାକାର ବାସିନ୍ଦା ଚାହାଁନ୍ତି।

ଅନେକ ପାଶ୍ଚାତ୍ୟ ରାଷ୍ଟ୍ରରେ ଜନସଂଖ୍ୟା ବୃଦ୍ଧି ଧିମେଇ ଯାଇଥିବାରୁ ଚିନ୍ତା ବଢ଼ିଯାଇଛି। ଫିନ୍‌ଲାଣ୍ଡ ତନ୍ମଧ୍ୟରୁ ଅନ୍ୟତମ। ବୟସ୍କ ଜନସଂଖ୍ୟା ଦୃଷ୍ଟିରୁ ଜାପାନ ପରେ ଫିନ୍‌ଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦେଶର ଅଧିକାଂଶ ଲୋକଙ୍କ ବୟସ ବଢ଼ିଯାଇଛି। ବୟସାଧିକ କାରଣରୁ ସେମାନେ କାମ କରିବାକୁ ଅକ୍ଷମ ହୋଇଯାଇଥିବାରୁ ଅନ୍ୟମାନଙ୍କଠାରୁ ସହାୟତା ଆଶା କରୁଛନ୍ତି। କିନ୍ତୁ ଅନ୍ୟମାନେ ମଧ୍ୟ ବୃଦ୍ଧାବୃଦ୍ଧଙ୍କୁ ସହଯୋଗ କରିବା ଅବସ୍ଥାରେ ନାହାନ୍ତି। ଜାତିସଂଘ ପକ୍ଷରୁ ମିଳିଥିବା ସୂଚନାନୁସାରେ ୧୦୦ ଶ୍ରମଜୀବୀଙ୍କ ମଧ୍ୟରୁ ୩୯.୨ ଜଣଙ୍କ ବୟସ ୬୫ ବର୍ଷରୁ ଊର୍ଦ୍ଧ୍ୱ। ୨୦୩୦ ସୁଦ୍ଧା ଏଭଳି ଲୋକଙ୍କ ନିର୍ଭରଶୀଳତା ୪୭.୫%କୁ ବୃଦ୍ଧି ପାଇବ ବୋଲି ଜାତିସଂଘ ଆକଳନ କରିଛି। ପ୍ରାୟ ୫୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଫିନ୍‌ଲାଣ୍ଡର ସରକାର ଦେଶବାସୀଙ୍କୁ ଚେତାଇଛନ୍ତି ଯେ, ବାର୍ଷିକ ଇମିଗ୍ରେଶନକୁ ବଢ଼ାଇବାକୁ ପଡ଼ିବ। ସାଧାରଣ ସେବା ପ୍ରଦାନ ବଜାୟ ରଖିବାକୁ ହେଲେ ଅନ୍ୟ ଦେଶରୁ ବର୍ଷକୁ ଅନ୍ୟୂନ ୨୦,୦୦୦ରୁ ୩୦,୦୦୦ ପର୍ଯ୍ୟନ୍ତ ପ୍ରବାସୀଙ୍କୁ ଆଣିବାକୁ ପଡ଼ିବ। ଫିନ୍‌ଲାଣ୍ଡ ସ୍ପେନ୍‌ରୁ ସ୍ୱାସ୍ଥ୍ୟକର୍ମୀ, ସ୍ଲୋଭାକିଆରୁ ମେଟାଲ ୱାର୍କର ଏବଂ ରୁଷିଆ ଓ ଭାରତରୁ ଆଇଟି ତଥା ମାରିଟାଇମ୍ ବିଶେଷଜ୍ଞଙ୍କୁ ଆଣିଥାଏ। କିନ୍ତୁ ନିକଟରେ ଏଦିଗରେ ନିଆଯାଇଥିବା କିଛି ପଦକ୍ଷେପ ସଫଳ ହୋଇନାହିଁ। କାରଣ ଅଧିକାଂଶ ପଶ୍ଚିମ ୟୁରୋପୀୟ ଦେଶରେ ପ୍ରବାସୀ ବିରୋଧୀ ମାନସିକତା ଓ ବାହାର ଲୋକଙ୍କୁ ନିଯୁକ୍ତି ଦେବାରେ ଅନାଗ୍ରହ ଭଳି ଅସୁବିଧା ରହିଛି। ଏପରି କି ନିର୍ବାଚନ ବେଳେ ସେମାନଙ୍କ ମତଦାନ ଅଧିକାରକୁ ମଧ୍ୟ ଅନେକେ ଗ୍ରହଣ କରି ନ ଥାଆନ୍ତି। ତେଣୁ ଅନ୍ୟ ଦେଶରୁ ସେଠାକୁ ଯାଇ ସ୍ଥାୟୀ ବସତି ସ୍ଥାପନ କରିବାକୁ ଅନେକେ ଚାହିଁ ନ ପାରନ୍ତି। ୨୦୧୩ରେ ସ୍ପେନ୍‌ରୁ ୮ ଜଣ ନର୍ସଙ୍କୁ ଫିନ୍‌ଲାଣ୍ଡର ଭାସ ସହରକୁ କାମ କରିବା ପାଇଁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣ ସେଠାକାର ଆକାଶଛୁଆଁ ଦରଦାମ, ଅତ୍ୟଧିକ ଶୀତ ଓ ଜଟିଳ ଭାଷା ଯୋଗୁ ଛାଡ଼ି ଚାଲିଯାଇଥିଲେ।

ପ୍ରକାଶ ଯେ ଫିନ୍‌ଲାଣ୍ଡ ହେଉଛି ୟୁରୋପୀୟ ସଂଘର ଏକ ସଦସ୍ୟ। ୧୯୧୭ ପର୍ଯ୍ୟନ୍ତ ସେଠାରେ ରୁଷିଆର ଶାସନ ଚାଲିଥିଲା। ରୁଷିଆ ବିପ୍ଳବ ପରେ ଏହି ଦେଶ ନିଜକୁ ସ୍ୱାଧୀନ ଘୋଷଣା କରିଥିଲା। ଲିଙ୍ଗଗତ ସମାନତା କ୍ଷେତ୍ରରେ ଫିନ୍‌ଲାଣ୍ଡ ସବୁଠୁ ଆଗରେ ରହିଛି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗୁଣିଆର ଦ୍ୱିଗୁଣ ସରେ ବଡଁଶ ଚୁହାଁର କୁଟୁମ୍ବ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇ ପାରିନଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟ୍‌ଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପରିବାର ସଦସ୍ୟ ଭୋକ ଉପାସରେ ପଡି ରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖୁଣ ଯେଉଁଠି ଗୁଣ ସେଇଠି।**

ଈଶ୍ୱର କାହାକୁ ସବୁ ଭଲ ଦେଇନଥାନ୍ତି। ସୁନ୍ଦର ପଣ ଓ ଗୁଣରେ କେଉଁଠି ନା କେଉଁଠି କିଛି ଶୂନ୍ୟସ୍ଥାନ ରହିଯାଇଥାଏ। ସାଗର ବିଶାଳ ଅଥଚ ତାହାର ପାଣି ଲୁଣିଆ ପରି ଚନ୍ଦ୍ରରେ ମଧ୍ୟ କଳଙ୍କ ରହିଛି। ତେଣୁ ଯେଉଁଠି ଗୁଣ ଅଛି ସେଠି ମଧ୍ୟ କିଛି ନା କିଛି ଖୁଣ ରହିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



**classifieds Everyday 0674-2580101, 2549302**




**GROOM WANTED**

Kaibarta Bride, Very Fair, Searching for Suitable Kaibarta BrideGroom in Bhubaneswar. Mob: 9990161440 (Brother, IAS Faculty in Delhi). D-20923

54 ବୟସ୍କା ତେଲୀ caste, widow ଏକାକୀ ରହି Govt. Lecturer ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7606947424. D-67600




**SALE**

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/- ରେ ମିଳୁଛି। Contact: 7008045582, 7749800648. D-20926




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

**LOST**

ମୁଁ ଉତ୍ତମ କୁମାର ଖେମକା ଜଣାଉଛି ଯେ, ମୋ ନାମରେ ଥିବା ଜମି ଖାତା ନଂ. ୧୪୪, ପ୍ଲଟ୍ ନଂ. ୧୨୩୫/୨୦୯୪, ଏରିଆ ଏକର ୦.୦୯ ଡିସିମିଲ, ମୌଜା: ଖରିଆର–୧, ଥାନା/ତହସିଲ ଖରିଆର, ଜିଲ୍ଲା– ନୂଆପଡ଼ାର ରେଜିଷ୍ଟର ସେଲଡିଡି ନଂ. ୧୧୪୩୧୮୦୦୯୨୮/୨୦୧୮। ମୁଁ ମୋ ଘରୁ ଖରିଆର ଥାନା ଛକକୁ ଯାଉଥିବା ସମୟରେ ଉପରୋକ୍ତ ରେଜିଷ୍ଟର ସେଲଡିଡି କେଉଁଠାରେ ହଜିଯାଇଛି। ଯେ କେହି ସହୃଦୟ ବ୍ୟକ୍ତି ପାଇଥିବେ ଦୟାକରି ମୋବାଇଲ ନଂ.– ୮୮୯୫୨୨୪୨୪୭ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୨୦୯୨୮

**AFFIDAVIT**

ଏତଦ୍ୱାରା ମୁଁ ଲକ୍ଷ୍ମୀ ନାୟକ, ସ୍ୱାମୀ: ଗଙ୍ଗାଧର ନାୟକ, ଗ୍ରାମ/ପୋ: ସନ୍ଧାଡୋ, ଥାନା: ଆଗରପଡ଼ା ଭଦ୍ରକ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ଘୋଷଣା କରେ କି ଲକ୍ଷ୍ମୀ ନାୟକ, ପିତା: ପଞ୍ଚାନନ ବେହେରା, ଗ୍ରାମ: ନହଙ୍ଗ, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର ଜଣେ ବ୍ୟକ୍ତି ଅଟନ୍ତି। ଏହା ଭବିଷ୍ୟତରେ କାମରେ ଲାଗିବ। ଧ–୨୦୯୨୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଭିତିରି କଥା...

ବୈଠକରେ ପ୍ରକୃତରେ କ'ଣ ଆଲୋଚନା ହୋଇଛି ତାହା ପଦାକୁ ଆସିପାରି ନାହିଁ। ବିରୋଧୀ ଦଳଗୁଡ଼ିକ ବୈଠକର ଭିତିରି କଥା ନେଇ ମୁହଁ ଖୋଲୁ ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ହ୍ୟାଟ୍ରିକ୍ ବିଜୟକୁ ନେଇ ଭାଜପା ବିଚଳିତ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଗୈରିକ ଦଳ ଏବେ ଘର ସଜାଡ଼ିବାକୁ ଉଦ୍ୟମ କରୁଛି। ବିଶେଷକରି କୋଭିଡ୍ ମୁକାବିଲାରେ କେନ୍ଦ୍ର ସରକାରଙ୍କ ବିଫଳତା ଯୋଗୁ ଆସନ୍ତା ବର୍ଷ ହେବାକୁ ଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ବିଧାନସଭା ନିର୍ବାଚନରେ ଗୈରିକ ଦଳକୁ ପୁଣି ପରାଜୟର ମୁହଁ ଦେଖିବାକୁ ପଡ଼ିପାରେ ବୋଲି ଭାଜପା ନେତାମାନେ ଚିନ୍ତିତ ଅଛନ୍ତି। ଏଭଳି ସମୟରେ ଭାରତୀୟ ରାଜନୀତିର ଚାଣକ୍ୟ ବୋଲାଯାଉଥିବା ପାୱାରଙ୍କୁ ସୋମବାର ଟିଏମ୍‌ସି ବିଜୟର ସୂତ୍ରଧର ତଥା ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ଭେଟିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଟିଏମ୍‌ସି ଉପାଧ୍ୟକ୍ଷ ଯଶୱନ୍ତ ସିହ୍ନା ୨୦୧୮ରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନୀତିଗୁଡ଼ିକୁ ବିରୋଧ କରି ଗଢ଼ିଥିବା ରାଷ୍ଟ୍ରୀୟ ମଞ୍ଚ ବ୍ୟାନରରେ ଏହି ବୈଠକ ହୋଇଥିବାରୁ ଏଥିରେ ତୃତୀୟ ସାମ୍ମୁଖ୍ୟର ମୂଳଦୁଆ ପଡ଼ିବ ବୋଲି ଚର୍ଚ୍ଚା ହେଉଥିଲା। ପାୱାରଙ୍କ ନୂଆଦିଲ୍ଲୀସ୍ଥିତ ୬ ଜନପଥ ବାସଭବନରେ ଅନୁଷ୍ଠିତ ବୈଠକରେ ଟିଏମ୍‌ସି, ସମାଜବାଦୀ ପାର୍ଟି (ଏସ୍‌ପି), ଆମ୍ ଆଦ୍‌ମୀ ପାର୍ଟି (ଏଏପି), ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି), ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇଏମ୍), ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତାମାନେ ଯୋଗଦେଇଥିଲେ। ବୈଠକ ପରେ ଏହା ସମଭାବପନ୍ନ ଲୋକଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସେମାନେ କହିଛନ୍ତି। ସିପିଆଇଏମ୍ ନେତା ନିଳୋତ୍ପଳ ବସୁ କହିଛନ୍ତି, ଏହା ରାଜନୈତିକ ବୈଠକ ନ ଥିଲା। ଏଥିରେ ସମଭାବାପନ୍ନ ନେତାଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୋଇଥିଲା। ସମ୍ପ୍ରତି ଦେଶ ସମ୍ମୁଖୀନ ହେଉଥିବା କୋଭିଡ୍–୧୯ ମହାମାରୀ, ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ, ବେରୋଜଗାରୀ ଭଳି ବହୁବିଧ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକରେ ଏସ୍‌ପିର ଘନଶ୍ୟାମ ତିୱାରୀ, ଆରଏଲ୍‌ଡି ଅଧ୍ୟକ୍ଷ ଜୟନ୍ତ ଚୌଧୁରୀ, ଏଏପିର ସୁଶୀଲ ଗୁପ୍ତା ଏବଂ ସିପିଆଇ ନେତା ବିନୟ ବିଶ୍ୱମ୍, ଏନ୍‌ସି ଉପାଧ୍ୟକ୍ଷ ତଥା ଜମ୍ମୁ–କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା, ପୂର୍ବତନ କଂଗ୍ରେସ ନେତା ସଞ୍ଜୟ ଝା, ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ନେତା ପବନ ବର୍ମା ସାମିଲ ହୋଇଥିଲେ। ପାୱାରଙ୍କ ଘରକୁ ଆସିଥିବା ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଜାଭେଦ ଅଖ୍‌ତର ଏବଂ କେ.ସି. ସିଂ ଥିଲେ। ଏହା ପୂର୍ବରୁ ନିଜ ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ବରିଷ୍ଠ ଏନ୍‌ସିପି ନେତା କହିଥିଲେ, ରାଷ୍ଟ୍ରୀୟ ମଞ୍ଚ ଆବାହକ ଯଶୱନ୍ତ ସିହ୍ନାଙ୍କ ପକ୍ଷରୁ ଆୟୋଜିତ ବୈଠକରେ ପାୱାର ଅଧ୍ୟକ୍ଷତା କରିବେ। କଂଗ୍ରେସକୁ ମଧ୍ୟ ଉକ୍ତ ବୈଠକକୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ଆଞ୍ଚଳିକ ଦଳଗୁଡ଼ିକ ପକ୍ଷରୁ ନେତୃତ୍ୱ ନିଆଯାଉଥିବା ଅଭିଯାନରେ ମୁଖ୍ୟ ବିରୋଧୀ ଦଳର କେହି ନେତା ସାମିଲ ହୋଇନାହାନ୍ତି। ସେହିପରି କଂଗ୍ରେସର ଝାଡ଼ଖଣ୍ଡ ସହଯୋଗୀ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍), ତାମିଲନାଡୁରେ ଅଂଶୀଦାର ଦ୍ରାବିଡ଼ ମୁନେତ୍ରା କାଜାଗାମ (ଡିଏମ୍‌କେ) ଏବଂ ମହାରାଷ୍ଟ୍ର ସହଯୋଗୀ ଶିବସେନା ମଧ୍ୟ ପାୱାରଙ୍କ ବୈଠକରେ ଅନୁପସ୍ଥିତ ରହିଥିଲା।

## ବିଳମ୍ବ ହୋଇପାରେ...

ସଂଶୋଧନ କରିବାକୁ ହେବ। ଉଲ୍ଲେଖଯୋଗ୍ୟ ଅଣଅନୁସୂଚିତ ଅଞ୍ଚଳରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ପାଇଁ ଥିବା ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ୨୦୧୮ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ପୌର ନିର୍ବାଚନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବା ସହ ଆଇନରେ ସଂଶୋଧନ ଆଣିବାକୁ ପରାମର୍ଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ୨୦୧୮ ସେପ୍ଟେମ୍ବରରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିଲେ। ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଫଳରେ ରାଜ୍ୟ ସରକାର ପୌର ନିର୍ବାଚନ କରିବାରେ ସମର୍ଥ ହୋଇପାରି ନାହାନ୍ତି। ଆଇନରେ ସଂଶୋଧନ ଆଣିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଧାନସଭାରେ ସଂଶୋଧନ ବିଧେୟକ ଉପସ୍ଥାପନ ହୋଇପାରି ନାହିଁ। ପୌର ନିର୍ବାଚନ ଭଳି ପଞ୍ଚାୟତ ନିର୍ବାଚନ ମଧ୍ୟ ବିଳମ୍ବ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ବିଳମ୍ବ ହୋଇପାରେ ବୋଲି ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ରନାଥ ସାହୁ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ତାଙ୍କ କାମ ସାରି ନ ଥିବାରୁ ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ କାମ ସରିବା କଥା। ଏ ଦୁଇଟି କାମ ସାରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ଏ ଦୁଇଟି କାର୍ଯ୍ୟ ସରିଲେ କମିଶନ ନିର୍ବାଚନ ପାଇଁ ପଦକ୍ଷେପ ନେବେ। ଏଯାଏ ସୀମା ପୁନଃ ନିର୍ଦ୍ଧାରଣ, ସଂରକ୍ଷଣ କାର୍ଯ୍ୟ କରାଯାଇନାହିଁ। ସେ ଦୃଷ୍ଟିରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ବିଳମ୍ବ ହେବା ସମ୍ଭାବନା ଥିବା ଜଣାପଡୁଛି ବୋଲି ସେ କହିଛନ୍ତି।

କମିଶନ ଦୁଇଥର ଚିଠି ଲେଖିବା ସତ୍ତ୍ୱେ ଏ ସମ୍ପର୍କରେ ସରକାରଙ୍କଠାରୁ କୌଣସି ଇଣ୍ଟିମେଶନ ମିଳି ନ ଥିବା କମିଶନ ଜଣାଇଛନ୍ତି। ଆସନ ସଂରକ୍ଷଣକୁ ନେଇ ସରକାର ଅଡୁଆରେ ପଡ଼ିଥିବାରୁ ନିଷ୍ପତ୍ତି ନେବାରେ ଜାଣିଶୁଣି ବିଳମ୍ବ କରୁଥିବା କୁହାଯାଉଛି। ତେବେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଛନ୍ତି।

## ପେଟ୍ରୋଲ ୨୯...

ଦିଆଯାଇଛି। କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୮.୫୯ ଟଙ୍କା ଏବଂ ଡିଜେଲ ୯୬.୪୬ ଟଙ୍କାରେ ଖାଉଟି କ୍ରୟ କରୁଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାର ବୌଦ୍ଧ, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ଡିଜେଲ ଦର ୧୦୦ଟଙ୍କା ନିକଟତର ହୋଇଛି। ତେବେ ମାଲକାନଗିରି ଜିଲାର ସମସ୍ତ ବ୍ଲକରେ ଡିଜେଲ ଲିଟର ପିଛା ୧୦୧ ଟଙ୍କା ଟପିଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି। ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୮ ପଇସା ଏବଂ ଡିଜେଲ ୨୬ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟରେ ପିଛା ୯୭.୫୦ ଟଙ୍କା ଏବଂ ଡିଜେଲ ୮୮.୨୩ ଟଙ୍କାରେ ପହଞ୍ଚିଛି। ମେ ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭.୧୦ ଟଙ୍କା ଏବଂ ଡିଜେଲ ୭.୫୦ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୮.୬୫ଟଙ୍କା, ୯୭.୩୮ ଟଙ୍କା ଏବଂ ୧୦୩.୬୩ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୨.୮୩ ଟଙ୍କା, ୯୧.୦୮ ଟଙ୍କା ଏବଂ ୯୫.୭୨ ଟଙ୍କା ଛୁଇଁଥିବା ଜଣାପଡ଼ିଛି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଏବଂ ଲଦାଖ ଭଳି କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୮ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ମଧ୍ୟ ୧୦୧ ଟଙ୍କା ଟପିଯାଉଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବଜାରର ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୋଷ ଦେଇ ଖସିଯିବାକୁ ବସିଛନ୍ତି। ସେହିପରି ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ସରକାର ତୈଳ ଦର ହ୍ରାସ କରୁ ନ ଥିବା କହି ଚୁପ୍ ରହିଯାଉଛନ୍ତି। ମହାମାରୀ ସମୟରେ ତେଲ ଉପରୁ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ଆକାରରେ ପେଟ୍ରୋଲରୁ ୩୨.୯୦ ଟଙ୍କା ଏବଂ ଡିଜେଲରୁ ୩୧.୮୦ ଟଙ୍କା ଆଦାୟ କରୁଛନ୍ତି। ସେହିଭଳି ଓଡ଼ିଶା ସରକାର ମଧ୍ୟ ଭାଟ୍ ଆକାରରେ ପେଟ୍ରୋଲରୁ ୨୩ ଟଙ୍କା ଏବଂ ଡିଜେଲରୁ ୨୦.୫୬ ଟଙ୍କା ଆଦାୟ କରୁଛନ୍ତି। ଫଳରେ ଏଭଳି ଏକ ମାନ୍ଦାବସ୍ଥା ସମୟରେ ଖାଉଟିର ପକେଟରୁ ଆଦାୟ କରାଯାଉଥିବା ଗ୍ରାହକମାନେ କହିଛନ୍ତି।

## ୨ କୋଟି କ୍ଷତିପୂରଣ...

ଇନ୍‌ଫ୍ରାଷ୍ଟ୍ରକଚର କରିଡର ପ୍ରକଳ୍ପ କାମ କରୁଛି। ଏହି ପ୍ରକଳ୍ପ ଭାରତର ସବୁଠାରୁ ବଡ଼ ବିଲ୍ଡ–ଓନ୍–ଅପରେଟ୍–ଟ୍ରାନ୍ସଫର(ବିଓଓଟି) ପ୍ରୋଜେକ୍ଟ ମଧ୍ୟରୁ ଅନ୍ୟତମ। କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଥିଲା ଯେ, ଦେବେଗୌଡ଼ା ଏକ କନ୍ନଡ଼ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ଏନ୍‌ଆଇସିଇ ଏବଂ ଏହାର ପରିଚାଳନା ନିର୍ଦ୍ଦେଶକ ଅଶୋକ ଖେନିଙ୍କ ବିରୋଧରେ ତଥ୍ୟବିହୀନ ମନ୍ତବ୍ୟ ରଖିଥିଲେ। ବିଓଓଟି ପ୍ରୋଜେକ୍ଟକୁ 'ଲୁଟ୍ ପ୍ରୋଜେକ୍ଟ' ବୋଲି କହିବା ସହ ଖେନିଙ୍କୁ ଜମି ମାଫିଆ ବୋଲି ସେ ଦର୍ଶାଇଥିଲେ। ଏ ବାବଦରେ କମ୍ପାନୀ ମାନହାନି ମକଦ୍ଦମା କରିବା ସହ କୋର୍ଟରେ ୧୦ କୋଟି ଟଙ୍କା କ୍ଷତିପୂରଣ ମାଗିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ବୈଷୟିକ ସୁଖ,ସମୃଦ୍ଧି ସମ୍ବନ୍ଧୀୟ କାର୍ଯ୍ୟ ପ୍ରତି ଅନୁରକ୍ତି କରାଇବ। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ସବୁକଥାକୁ ଭଲରୂପେ ବିଚାର କରି କାମ କରନ୍ତୁ, ନତୁବା ବିଭିନ୍ନ ଦିଗରୁ ସମସ୍ୟା ମାଡ଼ି ଆସିପାରେ। କାର୍ଯ୍ୟବ୍ୟସ୍ତତା କାରଣରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ** ଆଗାମୀ ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଭଲ ସମ୍ପର୍କ ରଖି ନ ଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ମିଥୁନ** ପରିସ୍ଥିତିବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ହଠାତ୍ ଦୂରକୁ ଯିବାକୁ ପଡ଼ିପାରେ। କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ସଙ୍କୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରି ପାରନ୍ତି।

**କର୍କଟ** ମନ ଚାହୁଁ ନ ଥିବା କେତେକ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ସଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ନିଜ ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

**ସିଂହ** କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଅର୍ଥ ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କେତେକ ସମସ୍ୟା ସୁଧାରିବା ସକାଶେ ନିଜକୁ କିଛି କରିବାକୁ ପଡ଼ିବ।

**କନ୍ୟା** ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡ଼ିପାରେ। ଅପୂରଣୀୟ ଆଶା ଓ ସନ୍ତାନ ମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ବକେୟା ଅର୍ଥ ଆଦାୟ କରିବାରେ ଆଜି ହିଁ ସକ୍ଷମ ହେବେ ।

**ତୁଳା** ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଘରେ ଯେତେ ଭଲକାମ କଲେ ସୁଦ୍ଧା ଆଦର ପାଇପାରିବେ ନାହିଁ ।

**ବିଛା** ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡ଼ିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମରେ ସମାଲୋଚିତ ହେବେ।

**ଧନୁ** କୌଣସି ଅସୁବିଧା ନ ଥିଲେ ମଧ୍ୟ ଯଥା ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ୍ୟ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଯାଇ ସମସ୍ୟାରେ ପଡ଼ିପାରନ୍ତି। ଆତ୍ମୀୟମାନେ ଆତ୍ମୀୟତାର ସହ ସହଯୋଗ ପ୍ରଦାନ କରି ଆପଣଙ୍କର କାମକୁ ସୁଗମ କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମୀନ** ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବା ସକାଶେ ପଦକ୍ଷେପ ନେବେ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଶ୍ରୀମନ୍ଦିରରେ ଦଇତାପତିଙ୍କ ପ୍ରବେଶ, ଶ୍ରୀଜୀଉଙ୍କ ଚତୁର୍ଥୀ ହୋମ ଓ ସେନାପଟା ଲାଗି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଜୁନ୍ ୨୩ ତାରିଖ। ରାଶିନକ୍ଷତ୍ର– ଦିବା ଘ.୧୧.୪୭ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। କର୍କଟ ରାଶିର ଘାତବାର। ସକାଳ ଘ.୦୭.୫୧ମି. ଗତେ ଘ.୧୧.୨୨ମି. ମଧ୍ୟେ, ଘ.୦୨.୦୦ମି. ଗତେ ଘ.୦୫.୩୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।

# ଚାଷୀ ନ ଥାଇ ଧାନ କିଣା

**ଯାଜପୁର ଅଫିସ,୨୨।୬**

୨୦୨୦-୨୧ରେ ଧାନ ସଂଗ୍ରହରେ ଘୋର ଅନିୟମିତତା ହୋଇଛି। ଏଥିରେ ଯାଜପୁର, ବରଗଡ଼, ଭଦ୍ରକ, ଗଞ୍ଜାମ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୩୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍ଏଚଜି) ୪୬୬୧.୨୨ କୁଇଣ୍ଟାଲ ଧାନ ଦୁର୍ନୀତି କରିଛନ୍ତି। ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରାଯାଇଛି। ଏହିକ୍ରମରେ ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି କମିଶନରଙ୍କୁ ୨୩।୪।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ସୁପାରିସ କରିଥିଲେ। ଏହି ସୁପାରିସକୁ ଆଧାରକରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ ଦାସ ୧୮।୬।୨୦୨୧ରେ ଉପରୋକ୍ତ ୭ ଜିଲାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଚାଷୀଙ୍କଠାରୁ ଭେଣ୍ଡର ରିସିପ୍ଟ ପରେ ଧାନ ସଂଗ୍ରହ ହୋଇ ନ ପାରିବାରୁ ଏଭଳି ଦୁର୍ନୀତିର ରହସ୍ୟ ଉନ୍ମୋଚନ ହୋଇପାରିଛି। କିନ୍ତୁ ବିନା ଚାଷୀରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅନୁରୂପ ଭାବେ



ବହୁ କୁଇଣ୍ଟାଲ ଧାନ ଅର୍ଥ ହଡ଼ପ ହୋଇଥିବା ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି। ତେଣୁ ଗତ ଖରିଫରେ ଧାନ ସଂଗ୍ରହରେ ଭାଗ ନେଇଥିବା ସମସ୍ତ ଡବ୍ଲ୍ୟୁଏସ୍ଏଚଜିର ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ନିରପେକ୍ଷ ଭାବେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

ଯାଜପୁର ଜିଲାରେ ୧୪୫ ପ୍ୟାକ୍ସ ଏବଂ ଏସ୍ଏଚଜି ଜରିଆରେ ୧୧ ଲକ୍ଷ ୪୨ କୁଇଣ୍ଟାଲ ଖରିଫ ଧାନସଂଗ୍ରହ କରାଯାଇଥିଲା। ଏଥିରେ ୨୩ ଏସ୍ଏଚ୍‌ଜି ଭାଗ ନେଇଥିଲେ। ଗତ ଖରିଫ ବର୍ଷ ୪୩,୮୧୧ ଜଣ ଚାଷୀ(ନୂଆ-୧୪,୦୪୮ ଓ ନବୀକରଣ-୨୯୭୬୩) ପଞ୍ଜୀକରଣ କରିଥିଲେ। ଏଥିରୁ ବହୁ କୁଇଣ୍ଟାଲ ଧାନ କାଗଜପତ୍ରରେ ସଂଗ୍ରହ ଚାଲିଛି ବୋଲି ସେତେବେଳେ ଅଭିଯୋଗ ହୋଇଥିଲା। ନିଜ ସମ୍ପର୍କୀୟ ଓ ପାଖ ଲୋକଙ୍କୁ ଚାଷୀ ଦର୍ଶାଇ ଜାଲ୍ କାଗଜପତ୍ରରେ ଧାନସଂଗ୍ରହ କରାଯାଇଥିଲା। ତେବେ ଏହି ବ୍ୟବଧାନକୁ ପୂରଣ କରିବାକୁ ଏଠାରେ ବାହାର ଜିଲାରୁ କମ୍ ଦରରେ ଧାନ କିଣାଯାଇଛି। ଏପରିକି ମିଲର୍ସମାନଙ୍କ ସହ ହାତ ମିଳାଇ ପିଡିଏସ୍ ଚାଉଳକୁ ରିସାଇକ୍ଲିଂ କରି କାଗଜପତ୍ର ଅପ୍‌ଡେଟ୍ କରାଯାଇଥିବା ଚର୍ଚ୍ଚା ହେଉଛି। ୨୦୧୯ରେ ଯାଜପୁର ଜିଲା ମାର୍କଣ୍ଡପୁର ପ୍ୟାକ୍ସରେ ୪ ଚାଷୀଙ୍କ ନାମରେ ଏଭଳି ମିଥ୍ୟା କାଗଜପତ୍ର ଜରିଆରେ ଧାନ କିଣାଯାଇ ପ୍ରାୟ ୧୯ ଲକ୍ଷ ଟଙ୍କା ହଡପ ହୋଇଥିବା ନଜିର ରହିଛି। ଏହି ଘଟଣାରେ ସମ୍ପୃକ୍ତ ୩ ଅଧିକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ଅନ୍ୟ କେତେକ ପ୍ୟାକ୍ସରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ଉପରେ ତଦନ୍ତ ଜାରି ରହିଛି। ତେବେ ଏହି ଖରିଫ ଧାନ କିଣାରେ ଏସ୍ଏଚଜିମାନଙ୍କୁ ହାତ କରି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଦୁର୍ନୀତି କରୁଥିବା କୁହାଯାଉଛି। ଯାଜପୁର ଜିଲାର ବାବା ଆଖଣ୍ଡଳମଣି ଏସ୍ଏଚଜି ଚଞ୍ଚକତା କରି ୧୦୩.୩ କୁଇଣ୍ଟାଲ ଧାନ କିଣିଛି। ଅନ୍ୟପକ୍ଷେ ବରଗଡ଼ ଜିଲାର ୩, ଭଦ୍ରକର ୫, ଗଞ୍ଜାମର ୭, ନୂଆପଡ଼ାର ୧, ସମ୍ବଲପୁରର ୧୨ ଓ ସୁବର୍ଣ୍ଣପୁରର ୪ ଏସ୍ଏଚଜି ଏହି ମିଥ୍ୟା ଧାନ କିଣାରେ ସାମିଲ ହୋଇଥିବା ଖାଦ୍ୟ ଯୋଗାଣ ଓ କଲ୍ୟାଣ ବିଭାଗ ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ସମ୍ବଲପୁର ଜିଲାର କେଛୁଆପାଣି ବିଶବ ଏସ୍ଏଚ୍‌ଜି ନାମରେ ସର୍ବାଧିକ ୧୨୮୭.୪୩ କୁଇଣ୍ଟାଲ ମିଥ୍ୟା ଧାନ କିଣାଯାଇଛି। ତେବେ ଏହି ଦୁର୍ନୀତି ପଛରେ କେବଳ ଏସ୍ଏଚ୍‌ଜି ନୁହେଁ, ପ୍ୟାକ୍ସ କର୍ମକର୍ତ୍ତାଙ୍କ ଜରିଆରେ ଚଞ୍ଚକତା କରି ବିପୁଳ ପରିମାଣର ଧାନ କିଣାଯାଇ ସରକାରଙ୍କ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ଉଠିଛି।

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 4038/PSC, (1R-27-21-22) (DR-V), Dt. 22.06.21**

**No. D-38:-** It is for information of all concerned that, pursuant to the advertisement No. 08 of 2020-2021, 02 (two) candidates, bearing following PPSAN application numbers have been shortlisted for the physical verification of original documents and interview to determine their eligibility and suitability for recruitment to the post of Assistant Professor. The physical verification of original certificates / documents etc and the interview, in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 07.7.2021 as per the programme mentioned below. The candidate(s) shall be allowed to the interview on the scheduled date and time mentioned below subject to fulfillment of their eligibility in all respect. The decision of the Commission thereon shall be final.

The candidates are required to submit the hard copies of online application forms (indicating their PPSAN application numbers at the top right hand corner), three passport size photographs, self-attested photo copies of all relevant certificates and such other documents etc. with original as per Para -9 of the advertisement and duly filled in "Attestation Form" & "Bio-data Form" (to be downloaded from the website of the Commission.) in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**PROGRAMME OF VERIFICATION & INTERVIEW**

| Date | Time of Verification | Time of Interview | Subject | PPSAN number of candidates |
|---|---|---|---|---|
| 07.07.2021 | 09.30 AM | 11.30 AM | Mass Communication & Media Technology | 00091291OD000820APU00008396 & 00094183OD000820APU-00008479 |

The candidates are advised to report in the office of the Commission one half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. COVID-19 test report (RT-PCR) showing negative obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0019/2122 **Sd./- Secretary**

# ମହିଳା ଉଦ୍ୟୋଗୀଙ୍କ ପାଇଁ ଋଣ ଉପରେ ୫% ସୁଧ ଛାଡ଼ ହେବ

**ଭୁବନେଶ୍ୱର,୨୨।୬(ବ୍ୟୁରୋ):** କୋଭିଡ୍-୧୯ ମହାମାରୀରେ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଉପରୁ ରାଜ୍ୟ ସରକାର ଋଣ ଭାର କମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏମରଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ୍ ଜରିଆରେ ରାଜ୍ୟ ସରକାର ମହିଳା ଏମ୍ଏସ୍ଏମ୍ଇ ଉଦ୍ୟୋଗୀଙ୍କ ପାଇଁ ୫ ପ୍ରତିଶତ ଏବଂ ପୁରୁଷ ଉଦ୍ୟୋଗୀଙ୍କ ପାଇଁ ୨ ପ୍ରତିଶତ ଋଣ ଉପରୁ ସୁଧ ଛାଡ଼ କରିବେ। ନିର୍ଦ୍ଧାରିତ ସମୟରେ ଋଣ ପଇଠ କଲେ ଏହି ସୁବିଧା ମିଳିପାରିବ। ୨୦୨୦-୨୧ ଆର୍ଥିକବର୍ଷ ପାଇଁ ଏହି ସୁବିଧା ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ପରେ ଏହାକୁ ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ବୃଦ୍ଧି କରାଯିବା ନେଇ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ଯେଉଁ ଏମ୍ଏସ୍ଏମ୍ଇଗୁଡ଼ିକ ନିଜର ଉତ୍ପାଦନ ଜାରି ରଖିଥିବେ ସେମାନଙ୍କୁ ଏହାର ଫାଇଦା ମିଳିପାରିବ। ଏହାଛଡ଼ା କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ, ବିଦ୍ୟୁତ୍‌ଜନିତ ସମସ୍ୟା କିମ୍ବା ଶ୍ରମିକ ସମସ୍ୟା ଯୋଗୁ ଯଦି ବନ୍ଦ ହୋଇଥିବ ତେବେ ସେଭଳି ଏମ୍ଏସ୍ଏମ୍ଇଗୁଡ଼ିକୁ ମଧ୍ୟ ଏହି ସୁବିଧା ମିଳିପାରିବ।

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 4068/PSC, (1R-27-21-22) (DR-V), Dt. 22.06.21**

**No. D-41:-** It is for information of all concerned that, pursuant to the advertisement No. 08 of 2020-2021, 01 (one) candidate, bearing following PPSAN application number has been shortlisted for the physical verification of original documents and interview to determine their eligibility and suitability for recruitment to the post of Assistant Professor. The physical verification of original certificates / documents etc and the interview, in respect of the following candidate will be held in the office of the Commission at 19, Dr. P. K. Parija Road, Cuttack - 753001 on 09.07.2021 as per the programme mentioned below. The candidate(s) shall be allowed to the interview on the scheduled date and time mentioned below subject to fulfillment of their eligibility in all respect. The decision of the Commission thereon shall be final.

The candidate is required to submit the hard copies of online application forms (indicating their PPSAN application numbers at the top right hand corner), three passport size photographs, self-attested photo copies of all relevant certificates and such other documents etc. with original as per Para-9 of the advertisement and duly filled in "Attestation Form" & "Bio-data Form" (to be downloaded from the website of the Commission.) in person on the day of verification.

It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**PROGRAMME OF VERIFICATION & INTERVIEW**

| Date | Time of Verification | Time of Interview | Subject | PPSAN number of candidates |
|---|---|---|---|---|
| 09.07.2021 | 09.30 AM | 11.30 AM | Travel Tourism | 00085728OD000820APU-00006858 |

The candidate is advised to report in the office of the Commission one half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. COVID-19 test report (RT-PCR) showing negative obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0022/2122 **Sd./- Secretary**

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 4061/PSC, (1R-31-21-22) (DR-V), Dt. 22.06.21**

**No. D-42:-** It is for information of all concerned that, pursuant to the advertisement No. 08 of 2020-2021, 04 (Four) candidates, bearing following PPSAN application numbers have been shortlisted for the physical verification of original documents and interview to determine their eligibility and suitability for recruitment to the post of Assistant Professor. The physical verification of original certificates / documents etc and the interview, in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 09.7.2021 as per the programme mentioned below. The candidate(s) shall be allowed to the interview on the scheduled date and time mentioned below subject to fulfillment of their eligibility in all respect. The decision of the Commission thereon shall be final.

The candidates are required to submit the hard copies of online application forms (indicating their PPSAN application numbers at the top right hand corner), three passport size photographs, self-attested photo copies of all relevant certificates and such other documents etc. with original as per Para-9 of the advertisement and duly filled in "Attestation Form" & "Bio-data Form" (to be downloaded from the website of the Commission.) in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**PROGRAMME OF VERIFICATION & INTERVIEW**

| Date | Time of Verification | Time of Interview | Subject | PPSAN number of candidates |
|---|---|---|---|---|
| 09.07.2021 | 09.30 AM | 11.30 AM | Life Science (Zoology) | 00094854OD000820APU-00006212, 00051997OD000820APU-00000963, 00063633OD000820APU-00005896 & 00015837OD000820APU-00000584 |

The candidates are advised to report in the office of the Commission one half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. COVID-19 test report (RT-PCR) showing negative obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0023/2122 **Sd./- Secretary**

# ୩ ହଜାର ତଳକୁ ଖସିଲା ସଂକ୍ରମଣ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ରାଜ୍ୟରେ ୩ହଜାର ତଳକୁ ଦୈନିକ ସଂକ୍ରମଣ ଖସିଛି। ଗତ ୨୪ଘଣ୍ଟାରେ ୬୧,୬୦୮ ନମୁନା ପରୀକ୍ଷା ହୋଇଥିବାବେଳେ ୨,୯୫୭ ଜଣ ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪୦୮ଜଣ ରହିଛନ୍ତି। ସେହିପରି କଟକରୁ ୨୭୨, ଯାଜପୁର ୨୬୦, ବାଲେଶ୍ୱର ୨୪୭, ପୁରୀ ୨୧୯, ଭଦ୍ରକରୁ ୧୯୨, ମୟୂରଭଞ୍ଜ ୧୩୫, କେନ୍ଦ୍ରାପଡ଼ା ୧୧୬, ନୟାଗଡ଼ ୧୧୨, ଜଗତ୍‌ସିଂହପୁରରୁ ୧୦୩ ଜଣ ଥିବାବେଳେ ଅନ୍ୟ ସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮,୮୩,୪୯୦ରେ ପହଞ୍ଚିଛି। ତେବେ ମୃତ୍ୟୁ ସଂଖ୍ୟା ଚିନ୍ତା ବଢ଼ାଉଛି। ଗତ ୨୪ଘଣ୍ଟାରେ କରୋନା ଆଉ ୩୮ ଆକ୍ରାନ୍ତଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬ଜଣ ଥିବାବେଳେ ବରଗଡ଼ ଓ କଟକରୁ ୫ଜଣ ଲେଖାଏ, ମୟୂରଭଞ୍ଜ ଓ ପୁରୀରୁ ୪ଜଣ ଲେଖାଏ ରହିଛନ୍ତି। ସମ୍ବଲପୁରରୁ ୩, ଜଗତ୍‌ସିଂହପୁର, ଝାରସୁଗୁଡ଼ାରୁ ୨ଜଣ ଲେଖାଏ, ସୁନ୍ଦରଗଡ଼, କୋରାପୁଟ, କେନ୍ଦୁଝର, ଗଞ୍ଜାମ, ଢେଙ୍କାନାଳ, ଦେବଗଡ଼ ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୬୭୧କୁ ବୃଦ୍ଧି ପାଇଛି।

# 'ଟିକାକରଣ ଜୋର୍‌ଦାର ହେବ'

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ରାଜ୍ୟରେ କ୍ରମାଗତ ଭାବେ କରୋନା ସଂକ୍ରମଣ ହ୍ରାସ ପାଉଛି। ତୃତୀୟ ଲହର ଆସୁ କି ନ ଆସୁ ଟିକାକରଣକୁ ଜୋରଦାର କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। କୋଭିଡ୍ ଭୂତାଣୁକୁ ଦୂରେଇବା ପାଇଁ ସମସ୍ତେ ଟିକା ନେବା ଦରକାର। ତୃତୀୟ ଲହରର ପ୍ରଭାବ କ'ଣ ରହିବ ଏବେଠୁ କହିହେବନି। ଭୂତାଣୁର ମ୍ୟୁଟେଶନ ହେଉଛି। ତେଣୁ ତା' ପାଇଁ ଆଶଙ୍କା ରହୁଛି। ଦ୍ୱିତୀୟ ଲହରରେ ଯେପରି ଅସୁବିଧାରେ ପଡ଼ିଲେ ତୃତୀୟ ଲହରରେ ବି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ତେଣୁ ଆମେ ସମସ୍ତେ ମିଳିମିଶି କାମକଲେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ମଧ୍ୟ ଟିକାକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ତୃତୀୟ ଲହର ଆସିବା ପୂର୍ବରୁ ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଏବେ ସୁଦ୍ଧା ୧କୋଟିରୁ ଅଧିକ ଡୋଜ୍ ଟିକାକରଣ ହୋଇସାରିଛି। କେନ୍ଦ୍ର ସରକାରଙ୍କ ପରିବର୍ତ୍ତିତ ଟିକାକରଣ ନୀତି ଲାଗୁ ହେବା ପରେ ଘରୋଇ ହସ୍ପିଟାଲଗୁଡ଼ିକ ସର୍ଭିସ ଚାର୍ଜ ନେଇ ଦେଉଥିବା ଟିକାକୁ ବନ୍ଦ କରିଦିଆଯାଇଛି। ଏଣିକି ଘରୋଇ ହସ୍ପିଟାଲଗୁଡ଼ିକ ଚାହିଁଲେ ସିଧାସଳଖ ଟିକା ପ୍ରସ୍ତୁତକାରୀ କମ୍ପାନୀଠାରୁ ଟିକା କିଣି ଦେଇପାରିବେ। ସରକାର ଯେଉଁ ଦର ଧାର୍ଯ୍ୟ କରିଛନ୍ତି ସେହି ଦର ଅନୁଯାୟୀ ଟିକାକରଣ କରିବେ। କୋଭିଶିଲ୍ଡ ଟିକା ପାଇଁ ୭୮୦ ଓ କୋଭାକ୍ସିନ ପାଇଁ ୧୪୧୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଆଉ ୧ଲକ୍ଷ ୭୪ ହଜାର ଡୋଜ୍ କୋଭିଶିଲ୍ଡ ଟିକା ଆସି ରାଜ୍ୟରେ ପହଞ୍ଚିଛି।

**ଆସିଲା ୧ଲକ୍ଷ ୭୪ହଜାର ଡୋଜ୍ କୋଭିଶିଲ୍ଡ**

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 4054/PSC, (1R-33-21-22) (DR-V), Dt. 22.06.21**

**No. D-40:-** It is for information of all concerned that, pursuant to the advertisement No. 08 of 2020-2021, 10 (Ten) candidates, bearing following PPSAN application numbers have been shortlisted for the physical verification of original documents to determine their eligibility for recruitment to the post of Assistant Professor. The physical verification of original certificates/ documents etc. in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 05.7.2021 as per the programme mentioned below.

The candidates are required to submit the hard copies of online application forms (indicating their PPSAN application numbers at the top right hand corner), three passport size photographs, self-attested photo copies of all relevant certificates and such other documents etc. with original as per Para -9 of the advertisement and duly filled in "Attestation Form" & "Bio-data Form" (to be downloaded from the website of the Commission.) in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The detailed programme of interview of the eligible candidates will be published in the website of the Commission after completion of the verification process. The candidates are advised to visit the website of the Commission regularly for information about the date & time of interview.

**PROGRAMME OF VERIFICATION**

| Date | Time of Verification | Subject | PPSAN number of candidates |
|---|---|---|---|
| 05.07.2021 | 10.30 AM | Marine Science (Marine Biology) | 00079185OD000820APU-00008940, 00077583OD000820APU-00002580, 00090226OD000820APU-00008586, 00091706OD000820APU-00008556, 00098186OD000820APU-00012221, 00095456OD000820APU-00008526, 00094945OD000820APU-00011807, 00088158OD000820APU-00010490, 00094370OD000820APU-00008824, & 00093852OD000820APU-00009850 |

The candidates are advised to report in the office of the Commission one hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. COVID-19 test report (RT-PCR) showing negative obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0021/2122 **Sd./- Secretary**

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 4046/PSC, (1R-17-21-22) (DR-V), Dt. 22.06.21**

**No. D-39:-** It is for information of all concerned that, pursuant to the advertisement No. 08 of 2020-2021, 08 (Eight) candidates, bearing following PPSAN application numbers have been shortlisted for the physical verification of original documents to determine their eligibility for recruitment to the post of Assistant Professor. The physical verification of original certificates/ documents etc. in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 06.7.2021 as per the programme mentioned below.

The candidates are required to submit the hard copies of online application forms (indicating their PPSAN application numbers at the top right hand corner), three passport size photographs, self-attested photo copies of all relevant certificates and such other documents etc. with original as per Para -9 of the advertisement and duly filled in "Attestation Form" & "Bio-data Form" (to be downloaded from the website of the Commission.) in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The detailed programme of interview of the eligible candidates will be published in the website of the Commission after completion of the verification process. The candidates are advised to visit the website of the Commission regularly for information about the date & time of interview.

**PROGRAMME OF VERIFICATION**

| Date | Time of Verification | Subject | PPSAN number of candidates |
|---|---|---|---|
| 06.07.2021 | 10.30 AM | Gender Studies | 00083828OD000820APU-00004428, 00097601OD000820APU-00011307, 00091291OD000820APU-00008396, 00088023OD000820APU-00003176, 00049824OD000820APU-00006993, 00069758OD000820APU-00001897, 00096708OD000820APU-00006759 & 00036163OD000820APU-00002498 |

The candidates are advised to report in the office of the Commission one hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. COVID-19 test report (RT-PCR) showing negative obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0020/2122 **Sd./- Secretary**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ଜୁନ୍, ୨୦୨୧

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ଇମ୍ରାନ୍‌ଙ୍କ ମନ୍ତବ୍ୟ

ସ୍ୱଳ୍ପ କପଡ଼ା ପିନ୍ଧୁଥିବା ଯୁବତୀ ଓ ମହିଳାଙ୍କ ଯୋଗୁ ଦେଶରେ ବଳାତ୍କାର ମାମଲା ବୃଦ୍ଧି ପାଉଛି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି। ନିକଟରେ ଏକ ଅନ୍ତର୍ଜାତୀୟ ଇଂଲିଶ ଚ୍ୟାନେଲକୁ ସାକ୍ଷାତ୍କାର ଦେବା ଅବସରରେ ସେ କହିଛନ୍ତି ଯେ, ପୁରୁଷମାନେ ଏଭଳି ପୋଷାକ ପିନ୍ଧୁଥିବା ମହିଳାଙ୍କ ଦ୍ୱାରା ଆକର୍ଷିତ ହେଉଛନ୍ତି ଓ ସେମାନଙ୍କ ମନରେ କାମୋଦ୍ଦୀପକ ଭାବନା ସୃଷ୍ଟି ହେଉଛି। ଦେଖିବାକୁ ଗଲେ ଏଭଳି ଚିନ୍ତାଧାରାରେ ଭାରତୀୟମାନେ ଅନେକ ଥର ପ୍ରୋତ୍ସାହିତ ହୋଇଆସିଛନ୍ତି। ବହୁ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ତଥାକଥିତ ନେତୃବର୍ଗ ସବୁବେଳେ ମହିଳାଙ୍କ ଉପରେ ଦୋଷ ଲଦିଦେଇ ପୁରୁଷଙ୍କ ଚାରିଖୁରାକୁ କ୍ଷମା କରିଦିଅନ୍ତି। ଇମ୍ରାନ୍‌ଙ୍କ ଏହି ଉଚ୍ଚାରଣ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ସକାଶେ ଏଇଥିପାଇଁ ନୂତନ ଲାଗୁ ନାହିଁ, କାରଣ ରାଜନୀତିରେ ଦେଶକୁ ନେତୃତ୍ୱ ଦେବାରେ ବିଫଳ ବ୍ୟକ୍ତିମାନେ ଏହିଭଳି ରକ୍ଷଣଶୀଳ ମତବ୍ୟକ୍ତ କରି ନିଜର ଗୋଷ୍ଠୀ ସୃଷ୍ଟି କରନ୍ତି। ଯେତେବେଳେ ସରକାରୀ ବ୍ୟବସ୍ଥାରେ ଦେଶବାସୀଙ୍କୁ ସୁରକ୍ଷା ଦେବା ପାଇଁ ବିଫଳ ହୁଅନ୍ତି, ସେତେବେଳେ ଇମ୍ରାନ୍‌ଙ୍କ ଭଳି ନେତା ନିଜର ଅପାରଗତା ପରିବର୍ତ୍ତେ ମହିଳାଙ୍କ ପୋଷାକକୁ ଦାୟୀ କରନ୍ତି।

ବିଦେଶରେ ପାଠ ପଢ଼ିଥିବା ଜଣେ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ ଖେଳାଳି ତଥା ରାଜନେତା ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଇମ୍ରାନଙ୍କ ମନ୍ତବ୍ୟ ନିଶ୍ଚିତ ଭାବେ ସମାଲୋଚନାଯୋଗ୍ୟ। ଏକ ତଥ୍ୟରୁ ଜଣାପଡ଼ିଛି ଯେ, ପାକିସ୍ତାନରେ ଦିନକ ମଧ୍ୟରେ ୧୧ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ମାତ୍ର ୦.୦୩ ପ୍ରତିଶତ ଅଭିଯୁକ୍ତ ଦଣ୍ଡିତ ହେଉଛନ୍ତି। ଅପରାଧ କମାଇବା ପାଇଁ କୌଣସି ପଦକ୍ଷେପ ନେଇପାରୁ ନ ଥିବା ଜଣେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଛି।

ଦେଖିବାକୁ ଗଲେ ୟୁରୋପୀୟ ମହିଳା ଜେମିମା ଗୋଲ୍ଡସ୍ମିଥ୍‌ଙ୍କୁ ଇମ୍ରାନ୍ ବିବାହ କରିଥିଲେ। ଆଜିର ସ୍ଥିତି ଦେଖିଲେ ଏକଦା ପ୍ରଗତିଶୀଳ ଚିନ୍ତାଧାରା ନେଇ ଜୀବନ ଜିଉଁଥିବା ଇମ୍ରାନ୍ ଗାଦି ରକ୍ଷା ପାଇଁ ମୌଳବାଦୀଙ୍କ ପଥ ଅନୁସରଣ କରିଛନ୍ତି। ସେମାନଙ୍କୁ ଖୁସି କରାଇବା ସକାଶେ ଏଭଳି ମନ୍ତବ୍ୟ ଦେଉଛନ୍ତି। ଏହା ଜଣାଶୁଣା ଯେ ତାଲିବାନ, ଅଲ୍‌କାଏଦା, ଲଶ୍କର–ଇ–ତୋଇବା ହେଉ ବା ଜମାତ୍–ଉଦ୍–ଦାୱା ଭଳି ସଙ୍ଗଠନ ଇମ୍ରାନ୍‌ଙ୍କ ସରକାରଙ୍କୁ ପରୋକ୍ଷରେ ସମର୍ଥନ କରୁଥିବାରୁ ସମ୍ଭବତଃ ଚାପରେ ପଡ଼ି ସେ ଏଭଳି କହିଛନ୍ତି। ବର୍ତ୍ତମାନ ପାକିସ୍ତାନରେ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବହୁ ଉଚ୍ଚକୁ ଚାଲିଯାଇଛି। ଅସଂଖ୍ୟ ଯୁବତୀଯୁବକ ବେକାର ହୋଇଯାଇଛନ୍ତି। ଏପରି କି ସରକାର ଚଳାଇବା ପାଇଁ ତହବିଲରେ ପାଣ୍ଠିର ଘୋର ଅଭାବ ଦେଖାଦେଇଛି। ଆତଙ୍କବାଦୀଙ୍କୁ ପାକିସ୍ତାନ ସରକାର ସିଧାସଳଖ ପ୍ରୋତ୍ସାହନ ଦେଉଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ହୋଇଯାଇଥିବାରୁ ତାହାକୁ ବିଦେଶରୁ ଆର୍ଥିକ ସହାୟତା ପୂର୍ବଭଳି ମିଳିପାରୁ ନାହିଁ। ଏଭଳି ପରିପ୍ରେକ୍ଷୀରେ ନାଗରିକଙ୍କର ସରକାର ବିରୋଧୀ ଅସନ୍ତୋଷ ଓ ପ୍ରତିବାଦଠାରୁ ନଜର ହଟାଇବା ପାଇଁ ଇମ୍ରାନ୍ ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି କୁହାଯାଇପାରେ। ଯେତେବେଳେ ଶାସନ ଦୁର୍ବଳ ହୋଇଯାଏ ଓ ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ କୌଣସି ଦିଗ୍‌ଦର୍ଶନ ନ ଥାଏ, ସେତେବେଳେ ନେତାମାନେ ବାଉଳିଚାଉଳି ହେଇଥାଆନ୍ତି। ଆଜି ଇମ୍ରାନ୍ ସେହିଭଳି ଏକ ଗାତରେ ପଡ଼ିଯାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନେତାମାନେ ବିଫଳ ହେଲେ ପୀଡ଼ିତଙ୍କୁ ଦୋଷ ଦେଇ ଖସିଯିବା ହେଉଛି ଏକ ସହଜ ଉପାୟ।

# ଅସଲ ଖୁସିର ମୁହୂର୍ତ୍ତ



ପ୍ରକାଶ ତ୍ରିପାଠୀ

ଚିତ୍ତେ ପ୍ରସନ୍ନେ ଭୁବନମ୍ ପ୍ରସନ୍ନମ୍,ଚିତ୍ତେ ବିଷଣ୍ଣେ ଭୁବନମ୍ ବିଷଣ୍ଣମ୍। ଅର୍ଥାତ୍ ଯଦି ଆମ ହୃଦୟ ପ୍ରସନ୍ନ ବା ଖୁସି ଅଛି, ତେବେ ସାରାଦୁନିଆ ଆମକୁ ଖୁସି ଲାଗିବ। ମାତ୍ର ଯଦି ଆମ ହୃଦୟ ବିଷଣ୍ଣ ବା ଦୁଃଖରେ ଅଛି, ସାରା ଦୁନିଆ ବି ଆମପାଇଁ ବିଷଣ୍ଣ ଲାଗିବ। ତେବେ ଆମ ମନ, ଆମ ହୃଦୟ ଖୁସି କେମିତି ରହିବ ? ପୁଳା ପୁଳା ଟଙ୍କା ରୋଜଗାର, ବିଳାସପୂର୍ଣ୍ଣ ଜୀବନଯାପନ ମାଧ୍ୟମରେ ନା ଆମ ଚାରିକଡ଼ରେ ଥିବା ଅଭାବୀ ମଣିଷଙ୍କ ମୁହଁରେ ଚେନାଏ ହସ ଫୁଟାଇବାରେ ? ଏହି ପ୍ରସଙ୍ଗରେ ଆଲୋକପାତ କରିବା ପୂର୍ବରୁ ଗୋଟିଏ ସତ୍ୟଘଟଣା ଆଧାରିତ କାହାଣୀଟିଏ ଶୁଣିବା।

ଥରେ ଗୋଟିଏ ଘରୋଇ କ୍ଲିନିକକୁ ଜଣେ ସମ୍ଭ୍ରାନ୍ତ ମହିଳା ଗଲେ। ଉପସ୍ଥିତ ଥିବା ଜଣେ ମନୋଚିକିତ୍ସକଙ୍କୁ କହିଲେ– ସାର୍ , ମୋର କେଉଁଥିରେ ଅଭାବ ନ ଥିବା ସତ୍ତ୍ୱେ ମୁଁ ଖୁସିରେ ରହିପାରୁନି। କେମିତି ଖୁସି ପାଇପାରିବି ମୋତେ ସାହାଯ୍ୟ କରନ୍ତୁ। ମନୋଚିକିତ୍ସକ ମହିଳା ଜଣଙ୍କୁ ନିରୀକ୍ଷଣ କଲେ। ତାଙ୍କ ବେଶପୋଷାକ ଓ କଥାବାର୍ତ୍ତାରୁ ସେ ଜଣେ ଧନୀ ପରିବାରର ଭଳି ଲାଗୁଥିଲେ। ମନୋଚିକିତ୍ସକ କ୍ଲିନିକରେ ଝାଡୁପୋଛା କାମ କରୁଥିବା ଜଣେ ବୃଦ୍ଧାଙ୍କୁ ଡାକିଲେ ଓ ସେହି ମହିଳା କେମିତି ଖୁସି ପାଇପାରିବେ ସେ ସମ୍ପର୍କରେ ତାଙ୍କୁ କିଛି ପରାମର୍ଶ ଦେବାକୁ କହିଲେ। ବୃଦ୍ଧା ନିଜର ଝାଡୁକୁ ଯଥାସ୍ଥାନରେ ରଖି ସେହି ସମ୍ଭ୍ରାନ୍ତ ମହିଳାଙ୍କ ପାଖରେ ବସିପଡ଼ିଲେ ଓ ନିଜ ଅଙ୍ଗେନିଭା କଥା କହିବାକୁ ଲାଗିଲେ। ମୁଁ ଏକ ସମ୍ଭ୍ରାନ୍ତ ପରିବାରର ନ ହେଲେ ମଧ୍ୟ ଆମର କେଉଁଥିରେ ଅଭାବ ନ ଥିଲା। ସ୍ୱାମୀ ଓ ଗୋଟିଏ ପୁଅକୁ ନେଇ ମୋ ପରିବାର ହସଖୁସିରେ ଆଗକୁ ବଢୁଥିଲା। ହଠାତ୍ ଦିନେ ମୋ ସ୍ୱାମୀ ମ୍ୟାଲେରିଆରେ ପୀଡ଼ିତ ହେଲେ ଓ ତାଙ୍କର ମୃତ୍ୟୁ ପରେ ମୋ ଜୀବନର ଅର୍ଦ୍ଧେକ ଖୁସି ଚାଲିଗଲା। ସ୍ୱାମୀଙ୍କ ମୃତ୍ୟୁର ତିନିମାସ ପରେ ମୋ ପୁଅର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଲା। ଯେଉଁ ଖୁସି ଟିକକ ମୋ ଜୀବନରେ ବଳିଥିଲା ସେତକ ବି ସେହିଦିନ ଚାଲିଗଲା। ଜୀବନ ମୋପାଇଁ ମୂଲ୍ୟହୀନ ଭଳି ଲାଗିଲା। ଜୀବନ ହାରିବା ପାଇଁ ମନେମନେ ଉପାୟ ପାଞ୍ଚୁଥିଲି। ଦିନେ ସନ୍ଧ୍ୟାରେ ଟିପି ଟିପି ବର୍ଷାରେ ଘରକୁ ଫେରୁଥିଲି। ପ୍ରବଳ ଥଣ୍ଡା ହେଉଥିଲା। ଗୋଟିଏ ବିରାଡି ଛୁଆଟିଏ ମୋ ପଛେ ପଛେ ଆସୁଥିଲା। ବେଳେବେଳେ ମୋ ଗୋଡରେ ସେ ତା' ଦେହକୁ ଘଷି ଦେଉଥିଲା। ଚାଲିଲା ବେଳେ କାଳେ ସେ ପାଦ ତଳେ ଚକଟି ହୋଇଯିବ ସେଥିପାଇଁ ମୁଁ ସତର୍କତା ସହ ପାଦ ପକାଉଥାଏ। ଶେଷରେ ତାକୁ ନିଜ ଘରକୁ ଆଣିଲି। ଘରେ ତାକୁ କ୍ଷୀର ପିଇବାକୁ ଦେଲି। କ୍ଷୀରତକ ପିଇଦେଇ ମୋ ମୁହଁକୁ ଚାହିଁଲା। ପାଖରେ ବସି ମୋ ପାଦକୁ ଚାଟିବାକୁ ଲାଗିଲା। ବହୁଦିନ ପରେ ମୁଁ ସେଦିନ ଟିକିଏ ହସିଲି ଓ ମନ ହାଲୁକା ଲାଗିଲା। ମୋତେ ଖୁସିଲାଗିଲା। ମନେ ମନେ ଭାବିଲି ଯଦି ବିରାଡ଼ିଛୁଆକୁ ଏତିକିଟିକେ ସହାୟତା କରି ମୋତେ ଏତେ ଖୁସି ମିଳୁଛି, ତେବେ ଅନ୍ୟମାନଙ୍କୁ ସାହାଯ୍ୟ କଲେ ନିଶ୍ଚିତ ଅଧିକ ଖୁସି ମିଳିପାରିବ। ତା' ପରଦିନ ଆମ ପଡ଼ିଶାଘରେ ରହୁଥିବା ଜଣେ ଭଦ୍ରବ୍ୟକ୍ତି, ଯେ କି ଅସୁସ୍ଥ ଥିଲେ, ତାଙ୍କ ପାଇଁ ନିଜେ କିଛି ବିସ୍କୁଟ ପ୍ରସ୍ତୁତ କରି ତାଙ୍କ ଘରକୁ ଗଲି। ମୋ ହାତ ତିଆରି ବିସ୍କୁଟ ଖାଇ ସେ ଖୁବ୍ ଖୁସି ହେଲେ ଓ ମୋତେ ଆଶୀର୍ବାଦ ଦେଲେ ଯାହାକି ମୋ ଖୁସିକୁ ଦ୍ୱିଗୁଣିତ କଲା । ଏହା ପରେ ମୁଁ ମୋ ଚାରିପାଖରେ ରହୁଥିବା ଲୋକମାନଙ୍କୁ ମୋ ଦକ୍ଷତା ମତେ ସାହାଯ୍ୟ କରିବାକୁ ଆରମ୍ଭ କଲି। ସେମାନଙ୍କ ଖୁସିରେ ମୋ ଖୁସିକୁ ପାଇଗଲି। କ୍ରମେ ମୁଁ ବଞ୍ଚିବାର ଖୋରାକ ପାଇଗଲି ଓ ଅନ୍ୟକୁ ଖୁସିକରାଇବାକୁ ଜୀବନର ବ୍ରତ କରିନେଲି। ବୃଦ୍ଧାଙ୍କ କଥା ଶୁଣି ସମ୍ଭ୍ରାନ୍ତ ମହିଳା କାନ୍ଦିବାକୁ ଲାଗିଲେ। ବୃଦ୍ଧାଙ୍କୁ କହିଲେ, ତାଙ୍କ ପାଖରେ ଯାହାସବୁ ଅଛି ସେସବୁ ସେ କିଣିପାରିଛନ୍ତି। ମାତ୍ର ସେ ଯେଉଁ ଖୁସି ହଜାଇ ଦେଇଛନ୍ତି ତାହା ସେ ଟଙ୍କାରେ କିଣିପାରୁ ନାହାନ୍ତି।

ପାଠକେ, ଏଇଟା ବଡ଼କଥା ନୁହେଁ ଯେ ଆପଣ କେତେ ଖୁସି ଅଛନ୍ତି। ହଁ ଏହା ନିଶ୍ଚିତ ବଡ଼ କଥା ଯେ ଆପଣଙ୍କ ପାଇଁ କେତେଜଣ ଖୁସି ଅଛନ୍ତି। କେତେଜଣଙ୍କ ମନରେ ଖୁସି ଓ ହସ ଭରିପାରିଛନ୍ତି। ମଣିଷ ଜୀବନ ଆଦର୍ଶ, ଅନାଦର୍ଶର ସମାହାର। ଏହାଭିତରେ ରହିଛି ଦୈବୀଗୁଣ ଓ ରହିଛି ଆସୁରିକ ଗୁଣ ବି। ଆସୁରିକ ଗୁଣ କ୍ଷଣିକ ସୁଖ ଦେଇପାରେ, ମାତ୍ର ତାହା ମାନବୀୟ ପତନର କାରଣ ହୋଇଥାଏ। କିନ୍ତୁ ଦୈବୀଗୁଣ ମଣିଷକୁ ଉନ୍ନତ କରିଥାଏ । ଏହା ଚିରନ୍ତନ ଖୁସି ପ୍ରଦାନ କରେ ସ୍ୱୟଂକୁ ଓ ଅନ୍ୟକୁ। ଅଭାବୀ ମଣିଷକୁ ସାହାଯ୍ୟ, ଭୋକିଲାଙ୍କ ମୁହଁରେ ମୁଠାଏ ଦାନା, ଅସହାୟଙ୍କୁ ଆହାପଦ ହେଉଛି ମାନବତାର ସଙ୍କେତ, ଯାହାକି ମନରେ ଅଫୁରନ୍ତ ଖୁସି ଭରିଦିଏ। ଉଦାସୀ ମୁହଁରେ ହସ ଟିକେ ଭରିଦେଲେ ହୃଦୟ ଖୁସିରେ ଭରିଯାଏ, ଯାହାକି କୋଟିଏ ଟଙ୍କାରେ ମିଳି ନ ଥାଏ। ପଦିଏ ମିଠାକଥାରେ, ଚେନାଏ ହସରେ ଯେଉଁ ଖୁସି ହାସଲ କରାଯାଇପାରେ, କୋଟି କୋଟି ଟଙ୍କାର ଧନସମ୍ପତ୍ତି ତାହା ଦେଇପାରି ନ ଥାଏ। ଆଜିର ମଣିଷ କିନ୍ତୁ ଖୁସି ଖୋଜୁଛି ଧନ ଦୌଲତରେ, ନାମୀଦାମୀ ସୌଖୀନ ଗାଡିରେ, ବିଳାସମୟ ପ୍ରାସାଦରେ ଓ ଭୋଗ ବିଳାସରେ। କେମିତି ଜଣେ ଖୁସି ହୋଇପାରିବ ଯେତେବେଳେ ତା ପାଖରେ ଥିବା ମଣିଷ ଦୁଃଖ ଦୈନ୍ୟତାରେ ଜୀବନ ଅତିବାହିତ କରୁଥିବ, ଭୋକ ଉପାସରେ ଦିନ କାଟୁଥିବ, ରୋଗ ଯନ୍ତ୍ରଣାରେ ଚିତ୍କାର କରୁଥିବ।

ଖୁସି ଏକ ମାନସିକ ସମ୍ପଦ। ଏହାକୁ ବୁଝୁ ବୁଝୁ ଆତ୍ମକୈନ୍ଦ୍ରିକ ମଣିଷର ଆୟୁଷ ସରିଯାଏ। ନିଜର ଓ ନିଜ ପରିବାରର ସୁଖ ସ୍ୱାଚ୍ଛନ୍ଦ୍ୟ ପୂରଣ କରିବାରେ ସେ ମୋହଗ୍ରସ୍ତ ହୁଏ । ବୁଝିପାରେନି ଅନ୍ୟର ସୁଖରେ ଥାଏ ବାସ୍ତବ ସୁଖ। ଅନ୍ୟକୁ ଖୁସିଦେବାରେ ଥାଏ ଅଫୁରନ୍ତ ଖୁସି। ଭୋଗ ନୁହେଁ, ତ୍ୟାଗରେ ଥାଏ ଖୁସି। କାମନା ନୁହେଁ, ନିବୃତିରେ ଥାଏ ଖୁସି। ଏହି କଥାକୁ ବୁଝିପାରିଛନ୍ତି ନାଇଜେରିଆର ଅଚଳାଚଳ ସମ୍ପତ୍ତିର ମାଲିକ ତଥା ପ୍ରଖ୍ୟାତ ଫୋର୍ବସ ପତ୍ରିକାଦ୍ୱାରା ପ୍ରସ୍ତୁତ ବିଶ୍ୱର ସର୍ବାଧିକ ଧନିତାଲିକାରେ ସ୍ଥାନପାଇଥିବା ଫେମି ଓଟେଡୋଲା। ବିଜ୍‌ନେସ ଟାଇକୁନ ଫେମି ଓଟେଡୋଲାଙ୍କୁ ଥରେ ପଚରାଯାଇଥିଲା ଯେ କେଉଁ ସମୟରେ ସେ ନିଜକୁ ଜଣେ ସର୍ବୋତ୍ତମ ସୁଖୀ ମଣିଷ ଭାବେ ଅନୁଭବ କରିଛନ୍ତି । ଏହାର ଉତ୍ତରରେ ଓଟେଡୋଲା କହିଥିଲେ ଯେ ଚାରୋଟି ପର୍ଯ୍ୟାୟରେ ସେ ଖୁସି ଅନୁଭବ କରିଛନ୍ତି। ମାତ୍ର ଶେଷପର୍ଯ୍ୟାୟରେ ପ୍ରକୃତ ଖୁସିର ଅର୍ଥ ସେ ବୁଝିପାରିଥିଲେ। ପ୍ରଥମ ପର୍ଯ୍ୟାୟରେ ସେ ନିଜ ବ୍ୟବସାୟରେ ଅନେକ ଧନ ରୋଜଗାର କଲେ। କିନ୍ତୁ ପର୍ଯ୍ୟାପ୍ତ ଧନ ଆହରଣ ତାଙ୍କୁ ଖୁସି କରିପାରି ନ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସେ ସୌଖୀନ ଜୀବନଯାପନ ପାଇଁ ବିଳାସପୂର୍ଣ୍ଣ ଘର, ଦାମୀ ଗାଡ଼ି ଓ ଅନ୍ୟାନ୍ୟ ଭୋଗବିଳାସ ସାମଗ୍ରୀ କିଣିଲେ, ମାତ୍ର ତାହା କ୍ଷଣିକ ଓ ଅଳିକ ଥିଲା। କ୍ରମେ ସେଗୁଡିକର ଆକର୍ଷଣ ହ୍ରାସ ପାଇବା ପରେ ସେ ତାଙ୍କର ବ୍ୟବସାୟ ଦୁନିଆର ସାମ୍ରାଜ୍ୟ ବୃଦ୍ଧିକଲେ। ନାଇଜେରିଆ ସହ ଅନେକ ଆଫ୍ରିକୀୟ ଦେଶରେ ସେ ଖଣିଜ ତୈଳ ଓ ଶକ୍ତି ବ୍ୟବସାୟ ବୃଦ୍ଧି କଲେ। ତାଙ୍କର ବ୍ୟବସାୟ ଦେଢ଼ ବିଲିୟନରେ ପହଞ୍ଚିଲା। ମାତ୍ର ସେଥିରେ ତାଙ୍କୁ ପ୍ରକୃତ ଖୁସି ଉପଲବ୍ଧି ହେଲାନାହିଁ। ଥରେ ତାଙ୍କର ଜଣେ ବନ୍ଧୁ ଦୁଇଶହ ଭିନ୍ନକ୍ଷମ ପିଲାଙ୍କ ପାଇଁ ୨୦୦ ହୁଇଲ୍ ଚେୟାର କିଣିଦେବା ପାଇଁ ପ୍ରସ୍ତାବ ଦେଲେ। ଓଟେଡୋଲା ୨୦୦ ହୁଇଲ ଚେୟାର କିଣିଦେଲେ। ବନ୍ଧୁଙ୍କ ସହ ସେ ଯିବେ ଓ ନିଜ ହାତରେ ଭିନ୍ନକ୍ଷମ ପିଲାଙ୍କୁ ଏହି ଚେୟାର ପ୍ରଦାନ କରିବାପାଇଁ ଓଟେଡୋଲାଙ୍କୁ ତାଙ୍କ ବନ୍ଧୁ ଅନୁରୋଧ କଲେ।

ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମରୁ ସମୟ ବାହାର କରି ଓଟେଡୋଲା ଠିକ୍ ସମୟରେ ସେଠାରେ ପହଞ୍ଚିଲେ ଓ ନିଜ ହାତରେ ଭିନ୍ନକ୍ଷମ ପିଲାଙ୍କୁ ହୁଇଲ୍ ଚେୟାର ଦେଲେ। ହୁଇଲ ଚେୟାର ପାଇବା ପରେ ସବୁପିଲାଙ୍କ ମୁହଁରେ ଖୁସି ଭରିଯାଇଥିଲା। ପିଲାଙ୍କ ମୁହଁରେ ହସ ଓ ସେମାନଙ୍କ ଆତ୍ମତୃପ୍ତିରେ ଓଟେଡୋଲା ଆତ୍ମବିଭୋର ହୋଇଯାଇଥିଲେ। ଯେତେବେଳେ ସେ ପ୍ରସ୍ଥାନ କରିବାକୁ ଉଠିଲେ ସେଇ ସମୟରେ ଜଣେ ଭିନ୍ନକ୍ଷମ ପିଲା ଓଟେଡୋଲାଙ୍କ ଦୁଇଗୋଡ଼ କୁଣ୍ଢାଇ ଧରିଲା। ନିଜ ଗୋଡ଼କୁ ପିଲାଟିଠାରୁ ମୁକୁଳାଇବାକୁ ସେ ଯେତେଚେଷ୍ଟାକଲେ ବି ସକ୍ଷମ ହୋଇ ନ ଥିଲେ। ପିଲାଟି ତାଙ୍କ ମୁହଁକୁ ବଲବଲ ଚାହିଁବା ସହ ଆହୁରି ଅଧିକ ଜୋରରେ ଗୋଡ଼କୁ ଜାବୁଡି ଧରିଥିଲା । ଓଟେଡୋଲା ନଇଁପଡି ପିଲାଟିକୁ ପଚାରିଲେ – ତୁମେ ଆଉ କିଛି ଚାହୁଁଛ କି ? ପିଲାଟି ଯାହା ଉତ୍ତରଦେଲା ତାହା ଶୁଣି ଓଟେଡୋଲା କେବଳ ଖୁସିରେ ଆତ୍ମହରା ହୋଇ ନ ଥିଲେ, ଜୀବନ ଉପରେ ଥିବା ତାଙ୍କର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପିଲାଟି ବଡ଼ବଡ଼ ଆଖିରେ ଓଟେଡୋଲାଙ୍କୁ ଚାହିଁ କହିଥିଲା ମୁଁ ତୁମର ମୁହଁକୁ ମନେ ରଖିବାକୁ ଚାହୁଁଛି। ଯେତେବେଳେ ମୁଁ ତୁମକୁ ସ୍ୱର୍ଗରେ ଦେଖିବି ସେତେବେଳେ ଯେମିତି ଚିହ୍ନିପାରିବି ଓ ତୁମକୁ ପୁଣି ଥରେ ଧନ୍ୟବାଦ ଦେଇପାରିବି। ଓଟେଡୋଲା ଏହାପରେ ଜୀବନ ଓ ଅସଲ ଖୁସିର ଅର୍ଥ ବୁଝିପାରିଥିଲେ। ଅଚଳାଚଳ ସମ୍ପତ୍ତି, ବିଳାସପୂର୍ଣ୍ଣ ଜୀବନଯାପନ ଯେଉଁ ଖୁସି ଦେଇପାରି ନ ଥିଲା, ମାତ୍ର ୨୦୦ଟି ହୁଇଲ ଚେୟାର ତାଙ୍କୁ ଜୀବନର ଅସଲ ଖୁସି ଦେଇପାରିଲା। ଏହାପରେ ସେ ଅନାଥ ପିଲାଙ୍କ କଲ୍ୟାଣ ପାଇଁ ୧୪ ମିଲିୟନ ଡଲାର ଦାନକରିଥିଲେ। ଅନାଥ ପିଲାଙ୍କ କଲ୍ୟାଣ ପାଇଁ ତାଙ୍କର ଝିଅ ଦ୍ୱାରା ପ୍ରତିଷ୍ଠିତ ଡି ଯେ କୁପି ଫାଉଣ୍ଡେଶନକୁ ଅଯାଚିତ ଅର୍ଥ ପ୍ରଦାନ କରୁଛନ୍ତି ଓଟେଡୋଲା। ସର୍ବେକ୍ଷଣ କୁହେ ବିଶ୍ୱର ଅର୍ଦ୍ଧେକ ଧନ ମୋଟ ଜନସଂଖ୍ୟାର ମାତ୍ର ଏକଶତାଂଶ ଲୋକଙ୍କ ପାଖରେ ଗଚ୍ଛିତ ଅଛି। ସେମାନେ ଯଦି ଚାହିଁବେ ସମଗ୍ର ବିଶ୍ୱବାସୀଙ୍କ ମୁହଁରେ ଖୁସି ଦେଖିବାକୁ ବେଶିସମୟ ଲାଗନ୍ତା ନାହିଁ।

ମୋ– ୯୪୩୭୨୩୨୪୬୩

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୯୬

- ବ୍ରାଣ୍ଡାର ଉପଦ୍ରୁତ ଅଞ୍ଚଳ କିବୁଏରେ ୩୦ ଜଣ ସଶସ୍ତ୍ର ବ୍ୟକ୍ତି ଏକ ଶରଣାର୍ଥୀ ଶିବିର ଉପରେ ଆକ୍ରମଣ କରି ୮ ଶିଶୁ ସମେତ ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ବାଂଲାଦେଶର ଦକ୍ଷିଣ ପ୍ରାନ୍ତରେ ଥିବା ଭୁଲା ଜିଲାରେ ପ୍ରବାହିତ ମେଘନା ନଦୀରେ ଏକ ମାଛଧରା ଟ୍ରଲର ବୁଡ଼ିଯିବା ଫଳରେ ୧୧ ମୃତ।
- ଆମେରିକା ନିବାସୀ ଭାରତୀୟ ଛାତ୍ରୀ ବେନେକା ବାଲୀ ସମ୍ମାନଜନକ ଲିନୋଆ ସିଗ୍‌ମା ସ୍କାର୍ଟସ ସ୍କଲାରସିପ ଲାଭକରି ପ୍ରଥମ ଥର ପାଇଁ ଆମେରିକାର ପ୍ରସିଦ୍ଧ ସାମରିକ ପ୍ରତିଷ୍ଠାନ ୱେଷ୍ଟ ପଏଣ୍ଟରେ ଅଧ୍ୟୟନ ପାଇଁ ମନୋନୀତ ହୋଇଛନ୍ତି।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ! –(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 9 | |
| 8 | | | | | 9 | 7 | 3 | |
| | | 7 | | | | | | 6 |
| | | 5 | | 9 | 2 | | 8 | |
| 3 | | | 8 | | | 1 | | |
| | | | | 5 | 7 | | | |
| | 1 | | | | | | | |
| | | | | | | | 2 | 8 |
| | | 4 | 2 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 8 | 4 | 9 | 2 | 6 | 5 | 1 |
| 5 | 6 | 4 | 8 | 3 | 1 | 7 | 9 | 2 |
| 2 | 1 | 9 | 5 | 6 | 7 | 4 | 3 | 8 |
| 6 | 5 | 2 | 3 | 4 | 8 | 1 | 7 | 9 |
| 1 | 4 | 7 | 6 | 2 | 9 | 3 | 8 | 5 |
| 9 | 8 | 3 | 1 | 7 | 5 | 2 | 4 | 6 |
| 8 | 3 | 1 | 7 | 5 | 6 | 9 | 2 | 4 |
| 4 | 2 | 5 | 9 | 1 | 3 | 8 | 6 | 7 |
| 7 | 9 | 6 | 2 | 8 | 4 | 5 | 1 | 3 |

ଗତକାଲିର ଉତ୍ତର

# କରୋନା ମୃତ୍ୟୁ



ଗୌରାଙ୍ଗ ଚରଣ ପରିଡ଼ା

କରୋନା ମହାମାରୀରେ ମୃତ୍ୟୁସଂଖ୍ୟାକୁ ନେଇ ଏବେ ସବୁଠି ବେଶ ଚର୍ଚ୍ଚା। ଏ ସଂଖ୍ୟା ନେଇ ସରକାରୀ ହିସାବ ଠିକ୍ ନୁହେଁ ବୋଲି ଅନେକେ ଅଭିଯୋଗ ଆଣନ୍ତି। ଶ୍ମଶାନରେ ଶବ ସତ୍କାର ଏବଂ ନଦୀରେ ଭାସି ଯାଉଥିବା ମୃତକଙ୍କ ଦୃଶ୍ୟ ଏ ଅଭିଯୋଗର ଆଧାର ବୋଲି କୁହାଯାଉଛି। ଏ ପ୍ରଶ୍ନ ମଧ୍ୟ ଆସିଲାଣି, ଯେଉଁଠି ମଲା ମଣିଷଙ୍କ ଠିକ୍ ହିସାବ ଦିଆଯାଇପାରୁନି, ସେଠି ନାଗରିକଙ୍କ ପରିଚୟପତ୍ର ଲୋଡ଼ିବା କେତେବା ଦରକାର! ଅବଶ୍ୟ ଏହା ଖାଲି ଏକ ଅଭିଯୋଗର ପ୍ରଶ୍ନ ନୁହେଁ, ଏହା ବି ଏକ ଆବେଗର ପ୍ରଶ୍ନ।

ବିହାର ସରକାର ସମ୍ପ୍ରତି କରୋନା ମୃତ୍ୟୁର ଏକ ସଂଶୋଧିତ ତାଲିକା ଦେଲେଣି। ପୂର୍ବରୁ ଯେତିକି ମୃତକଙ୍କ ସଂଖ୍ୟା ଥିଲା, ଏଥିରେ ଆଉ ଚାରି ହଜାର ଅଧିକ ବଢ଼ିଛି। ଏହା ସେଠାରେ ଏକ ସ୍ୱତନ୍ତ୍ର ଅଡିଟ୍‌ରୁ ଜଣାପଡ଼ିଛି। ପ୍ରକାଶଥାଉ କି, ମୃତକଙ୍କ ପୁନଃ ଗଣନା କରିବାକୁ ପାଟଣା ଉଚ୍ଚ ନ୍ୟାୟାଳୟ ବିହାର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଙ୍ଗାନଦୀରେ ଭାସୁଥିବା ଶହ ଶହ ଶବଙ୍କ ପରିଚୟ ପାଇଁ ଏକ ଜନସ୍ୱାର୍ଥ ମାମଲା କୋର୍ଟରେ ଦାଖଲ ହୋଇଥିଲା।

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବଂ ତଜ୍ଜନିତ ମୃତ୍ୟୁ ପୃଥିବୀସାରା ବି ନଜରରେ ଅଛି। କାରଣ କରୋନା ମହାମାରୀର ପ୍ରଭାବ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ନୁହେଁ, ହୋଇ ବି ପାରିବନି। କାରଣ ଏହା ଏକ ବିଶ୍ୱ ମହାମାରୀ।

ନ୍ୟୁୟର୍କ ଟାଇମ୍‌ସ ଖବରକାଗଜର ଏକ ରିପୋର୍ଟରେ କୁହାଯାଇଛି, ଭାରତରେ କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଭାରତର ସରକାରୀ ହିସାବଠାରୁ ଢେର ଅଧିକ। ସଂକ୍ରମିତଙ୍କ ସଂଖ୍ୟା ଏଠି ପ୍ରାୟ ଚାଳିଶ କୋଟି ଏବଂ ମୃତ୍ୟୁସଂଖ୍ୟା ବୟାଳିଶ ଲକ୍ଷ ହୋଇପାରେ। ରିପୋର୍ଟରେ ଏ କଥା ବି ଅଛି, ଭାରତର ଗ୍ରାମାଞ୍ଚଳରେ କରୋନାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ହିସାବକୁ ନିଆ ଯାଇପାରୁନି। ଗାଁ ଲୋକ ନିଜ ଆତ୍ମୀୟଙ୍କ ଦେହାନ୍ତ କରୋନାରେ ହୋଇଛି ବୋଲି କହିବାକୁ ଭୟ ଆଉ ଲଜ୍ଜା ଅନୁଭବ କରୁଛନ୍ତି। ଭାରତରେ ପ୍ରାୟ ସାଢ଼େ ଛ' ଲକ୍ଷ ଗାଁ ଅଛି। ଦେଶର ସତୁରି ଭାଗ ଲୋକ ଗାଁରେ ରହନ୍ତି। ପୃଥିବୀର କିଛି ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ଦ୍ୱାରା ଭାରତରେ କରୋନା ସଂକ୍ରାନ୍ତ ଏପରି ଅଧ୍ୟୟନ ହୋଇଛି ବୋଲି ନ୍ୟୁୟର୍କ ଟାଇମ୍‌ସ ଦାବି କରେ। କିନ୍ତୁ ଏ ଖବରକାଗଜ ରିପୋର୍ଟରେ କିଛି ବାସ୍ତବ ଆଧାର ଯେ ନାହିଁ, ସରକାର ଜବାବ ଦେଇ ସାରିଲେଣି।

ଏହା ସତ, ଭାରତରେ କରୋନା ମହାମାରୀ ମୃତ୍ୟୁର ତାଣ୍ଡବ ରଚିଛି। ଏଇ ମୃତ୍ୟୁ ତାଲିକାରେ ଡାକ୍ତର, ପ୍ରଫେସର, ଶିଳ୍ପୀ, ଇଞ୍ଜିନିୟର, ସମାଜସେବୀ, ଖବରଦାତା, କ୍ରୀଡ଼ାବିତ୍‌ଙ୍କ ନାଁ ଅଛି। ଅଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟର ପ୍ରାୟ ଷାଠିଏ ଜଣ ପ୍ରଫେସରଙ୍କ କରୋନାରେ ମୃତ୍ୟୁ ହେଲାଣି ବୋଲି ଖବର ମଧ୍ୟ ଆସେ। ଏହା ଖାଲି ଏକ ନିର୍ଦ୍ଦିଷ୍ଟ ବିଶ୍ୱବିଦ୍ୟାଳୟର ଖବର ନୁହେଁ। ଭାରତର ଅନେକ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନମାନଙ୍କରେ ଏପରି ଘଟଣା ଘଟୁଛି। ସବୁଠାରୁ ବଡ଼ କଥା ହେଲା, ଅନେକ ଯୁବକଙ୍କର ଅକାଳ ମୃତ୍ୟୁ ସମାଜ ପାଇଁ ଅପୂରଣୀୟ କ୍ଷତି ଆଣିଛି।

ସମାଜରେ ଏକ ଉତ୍କୃଷ୍ଟ ମାନବସମ୍ବଳ ହଠାତ୍ ଗଢ଼ି ହୋଇଯାଏନି। ଏହାକୁ ଗଢ଼ି ତୋଳିବାକୁ ବର୍ଷ ବର୍ଷ ସମୟ ଲାଗିଥାଏ। କରୋନା ମହାମାରୀ ଭାରତରେ ଏକ ବୁଦ୍ଧିଜୀବୀ ଶୂନ୍ୟତା ସୃଷ୍ଟି କରି ସାରିଲାଣି। ଗାନ୍ଧିଜୀ କହନ୍ତି, ଗୋଟିଏ ଦେଶର ଗରିମା ସେ ଦେଶର ପାର୍ଥିବ ସମ୍ପତ୍ତିରୁ ଜଣାଯାଏନି, ସେ ଦେଶରେ କେତେ ଧୀଶକ୍ତି ସମ୍ପନ୍ନ ମାନବସମ୍ବଳ ଅଛି, ସେଥିରୁ ଜଣାଯାଏ।

ପ୍ରଶ୍ନ ଆସେ, ସରକାର ଜାଣି ଜାଣି କରୋନା ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି ନା ପ୍ରକୃତ ମୃତ୍ୟୁସଂଖ୍ୟା ଜାଣି ହେଉନାହିଁ? ଏ ପ୍ରଶ୍ନର ହୃଦ୍‌ବୋଧ ହେବା ପରି ଠିକ୍ ଉତ୍ତର ବାସ୍ତବରେ ମିଳେନି। ଉତ୍ତରରେ କିନ୍ତୁ ଏପରି କୁହାଯାଏ, କୋଭିଡ୍ ଗାଇଡ୍‌ଲାଇନ୍ସ ଅନୁସାରେ ଯେଉଁ ମୃତ୍ୟୁ ତଥ୍ୟ ଆସେ, ତାହା ପ୍ରକାଶ କରାଯାଏ। ଗ୍ରାମାଞ୍ଚଳରୁ ତଥ୍ୟ ପାଇବା କଷ୍ଟ ହେଉଛି। କାରଣ ଗ୍ରାମାଞ୍ଚଳରେ କୋଭିଡ୍ ପରୀକ୍ଷା କମ୍ ହେଉଛି। ପରିବାର ଲୋକ ସାମାଜିକ ବାସନ୍ଦ ଏବଂ ଘୃଣାକୁ ଭୟ କରି ସୂଚନା ଦେବାକୁ କୁଣ୍ଠା କରୁଛନ୍ତି। କିନ୍ତୁ ବର୍ତ୍ତମାନର ଆଧୁନିକ ଭାରତରେ ସମସ୍ତ ଶକ୍ତ ସୂଚନା ତନ୍ତ୍ର ଥିବା ସତ୍ତ୍ୱେ ଯେ ଗ୍ରାମାଞ୍ଚଳର ନିର୍ଭୁଲ ସୂଚନା ଆମେ ପାଇ ପାରୁନାହୁଁ, ତାହହିଁ ବିଡ଼ମ୍ବନା।

ଭାରତରେ ମୃତକଙ୍କୁ ମର୍ଯ୍ୟାଦା ଦିଆଯାଏ। ସତ୍କାର ପୂର୍ବରୁ ଶବକୁ ଶୁଦ୍ଧ, ପବିତ୍ର କରାଯାଏ। ନୂତନ ବସ୍ତ୍ର, ଫୁଲ ଚନ୍ଦନରେ ସଜେଇ ଦିଆଯାଏ। ମୃତ୍ୟୁକୁ ନେଇ ଉତ୍ସବ ପାଳନ ହୁଏ। କିନ୍ତୁ ନଈପଠାରେ, ନଈପାଣିରେ ନିଜ ଆତ୍ମୀୟଙ୍କ ଶବକୁ ଏବେ ଏମିତି ଅମର୍ଯ୍ୟାଦା ଭାବେ ଫିଙ୍ଗାଯାଉଛି କାହିଁକି? ଏହାର କିଛି କାରଣ ଆସୁଛି। ପ୍ରଥମ କାରଣ ହେଉଛି, ଶବ ସତ୍କାର ପାଇଁ ଆବଶ୍ୟକ ଅର୍ଥ ଗାଁ ଲୋକଙ୍କ ପାଖରେ ଏବେ ନାହିଁ। କାଠ କିଣିବାକୁ ପଇସା ନାହିଁ। କାମ ଅଭାବରୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ବୃଦ୍ଧି ପାଇଛି। ଅନ୍ୟ ଏକ କାରଣ ହେଲା, କରୋନା ଯେ ଏକ ସାଙ୍ଘାତିକ ଅଛୁଆଁ ରୋଗ ଯାହାକୁ ଛୁଇଁଦେଲେ ଅନ୍ୟ ଜଣଙ୍କର ମୃତ୍ୟୁ ବି ହୋଇପାରେ, ଏ ଧାରଣା ଏବେ ମଧ୍ୟ ଲୋକଙ୍କ ଭିତରେ ଜମାଟ ବାନ୍ଧି ରହିଛି। ଏ ଧାରଣା ବିରୋଧରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସଚେତନତା ସୃଷ୍ଟି ହୋଇ ପାରିନାହିଁ। ହଜାର ହଜାର ବର୍ଷ ଧରି ଭାରତୀୟ ସାମାଜିକ ତଥା ପାରିବାରିକ ସମ୍ପର୍କରେ ଆତ୍ମୀୟତାକୁ ନେଇ ଯେଉଁ ଗର୍ବ ଥିଲା, ସେଇ ଆତ୍ମୀୟତା ଏବଂ ଗର୍ବକୁ କରୋନା ଛଡ଼େଇ ନେଇସାରିଲାଣି। 'ମଲା ଗଲା'ର ପୁରୁଣା ଧାରଣା ଏବେ କେମିତି ନିଷ୍ଠୁରତା ଆଣିଦେଇଛି। ଶବ ପ୍ରତି ସମ୍ମାନ ପଛକୁ, ତେଣୁ ଠେଲି ହୋଇଗଲାଣି।

କରୋନାରେ ସଂକ୍ରମିତ ଏବଂ ମୃତ୍ୟୁସଂଖ୍ୟା ଯଦି ଜାଣି ଜାଣି ଗୋପନ ରଖାଯାଉଥାଏ ଏବଂ ମିଛ ଆଶା ସୃଷ୍ଟି ପାଇଁ ପ୍ରୟାସ ହେଉଥାଏ, ଏହା ସାଙ୍ଘାତିକ। ଏଥିରେ ବିପଦ ଅଛି। ଏ ବିପଦ ହେଉଛି ସାଧାରଣରେ କରୋନା ଆଚରଣ ପାଳନ କରିବାର ଗମ୍ଭୀରତାକୁ ଏହା ହ୍ରାସ କରିଦେବ ଏଇ ଯେମିତି ପ୍ରଥମ ଲହର ପରେ ଆମର ଢିଲାପଣ କରୋନାର ଦ୍ୱିତୀୟ ଲହରକୁ ଆମନ୍ତ୍ରଣ କଲା ଏବଂ ଅନ୍ୟ ବିପଦଟି ହେଉଛି ମିଛ ମୃତ୍ୟୁସଂଖ୍ୟା ଭବିଷ୍ୟତ ପାଇଁ ଉପଯୁକ୍ତ ଯୋଜନା ତିଆରି କରିବାରେ ବାଧକ ହିଁ ହେବ। ସତ୍ୟ ଏବଂ ନିର୍ଭୁଲ ତଥ୍ୟ ଆଧାରରେ ପ୍ରସ୍ତୁତ ହୋଇ ନଥିବା ଯେକୌଣସି ଯୋଜନା କେବେ ସଫଳ ହୋଇ ନଥାଏ। ପଥ ଭୁଲ ହେଲେ ଲକ୍ଷ୍ୟ ଭୁଲ ହୁଏ। ଭାରତ ର ବିଶେଷଜ୍ଞମାନେ ତେଣୁ ତଥ୍ୟ ନ ଲୁଚେଇବାକୁ ସରକାରଙ୍କୁ ପରାମର୍ଶ ଦେଇ ସାରିଲେଣି। ସୁତରାଂ ସତ୍ୟ ନ ଲୁଚୁ। ଅନ୍ତତଃ ପରିସଂଖ୍ୟାନଟିରେ ରହିବା ପାଇଁ, ସେ ଜନ୍ମ ହେଉ ବା ମୃତ୍ୟୁ ନାଗରିକର ଅଧିକାର ରହୁ।

ପୁରୀ, ମୋ: ୯୮୬୧୪୬୯୩୨୮

## ଏଇ ଭାରତରେ

ମହାମାରୀ କରୋନାର ଦ୍ୱିତୀୟ ଲହରରେ ପ୍ରିୟଜନଙ୍କୁ ହରାଇଛନ୍ତି ଅନେକେ। ସେମାନଙ୍କ ମଧ୍ୟରୁ କେତେକ ଦୁଃଖୀ ସମୟରୁ ନିଜକୁ ବାହାରକୁ ଆଣି କିଛି ଭିନ୍ନ କାର୍ଯ୍ୟ କରି ଉଦାହରଣ ପାଲଟିଛନ୍ତି। ସେଭଳି ଜଣେ ହେଲେ ଚେନ୍ନାଇର ଆର୍ ସିଥା ଦେବୀ। ଡାଏଲିସିସ୍ ରୋଗୀ ଥିବା ସିଥାଙ୍କ ମା' କରୋନାରେ ଆକ୍ରାନ୍ତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସିଥା ତାଙ୍କୁ ରାଜୀବ ଗାନ୍ଧୀ ସରକାରୀ ଜେନେରାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଖାଲିଶଯ୍ୟା ନ ଥିବାରୁ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ବାହାରେ ଅପେକ୍ଷା କରିବାକୁ ପଡ଼ିଲା। ଦୀର୍ଘ ୪ ଘଣ୍ଟା ପରେ ଶଯ୍ୟା ମିଳିଥିଲେ ହେଁ ତାଙ୍କୁ ବଞ୍ଚାଯାଇ ପାରି ନ ଥିଲା। ଶେଷରେ ନିଜ ମା'ଙ୍କୁ ହରାଇଥିଲେ ସେ। ଠିକ୍ ସମୟରେ ଅମ୍ଳଜାନ ଯୋଗାଣ ହୋଇପାରିଥିଲେ ତାଙ୍କୁ ବଞ୍ଚାଯାଇପାରିଥାନ୍ତା ବୋଲି ସିଥା ଅନୁଭବ କରିଥିଲେ। ତାଙ୍କ ମା'ଙ୍କ ପରି ଆଉ କେହି ସେଭଳି ସମସ୍ୟାରେ ନ ପଡ଼ନ୍ତୁ ଆଶା ରଖି ମା'ଙ୍କ ସ୍ମୃତିରେ ଅମ୍ଳଜାନ ଯୋଗାଇବାକୁ ସେ ନିଷ୍ପତ୍ତି ନେଇଥିଲେ।

ମେ' ୬ ରେ ସିଥା ନିଜ ସ୍ୱେଚ୍ଛାସେବୀ ସଂସ୍ଥାର ଖାଦ୍ୟ ଯୋଗାଣରେ ବ୍ୟବହୃତ ଏକ ଅଟୋରିକ୍ସାକୁ ଠିକ୍ କରିଥିଲେ। ସେଥିରେ ସେ ଏକ ଅମ୍ଳଜାନ ସିଲିଣ୍ଡର ରଖିଥିଲେ। ସେଦିନଠାରୁ ପ୍ରତିଦିନ ସକାଳ ୭ଟା ବେଳକୁ ତାଙ୍କ ଗାଡ଼ି ରାଜୀବ ଗାନ୍ଧୀ ହସ୍ପିଟାଲ ବାହାରେ ଛିଡ଼ା ହୋଇଥାଏ। ସେ ଦୀର୍ଘ ୧୨ ଘଣ୍ଟା ଧରି ଆବଶ୍ୟକ କରୁଥିବା ରୋଗୀଙ୍କୁ ଅମ୍ଳଜାନ ଯୋଗାଇଥାନ୍ତି। ସହାୟତା ଦେବା ଲାଗି ୨୪ ଘଣ୍ଟା ଧରି ତାଙ୍କ ଫୋନ୍ ଅନ୍ ରହିଥାଏ। ଜରୁରୀକାଳୀନ ପରିସ୍ଥିତିରେ କେହି ଅମ୍ଳଜାନ ନେଇ ଫୋନ୍ କଲେ ତାଙ୍କ ସ୍ୱେଚ୍ଛାସେବୀ ଟିମ୍ ସେଠାରେ ପହଞ୍ଚି ଗାଡ଼ିରେ ସେମାନଙ୍କୁ ଅମ୍ଳଜାନ ଯୋଗାଇ ଦେଇଥାନ୍ତି। ଇତି ମଧ୍ୟରେ ସେ ୫୦୦ରୁ ଅଧିକ ଲୋକଙ୍କୁ ମାଗଣାରେ ଏହି ସୁବିଧା ଯୋଗାଇବାରେ ସକ୍ଷମ ହୋଇଛନ୍ତି। ଏବେ ସେ ଆଉ ଦୁଇଟି ଅଟୋରିକ୍ସାକୁ ଅମ୍ଳଜାନ ଯୋଗାଣକାରୀ ଯାନରେ ପରିଣତ କରିଛନ୍ତି। ଏହାଛଡ଼ା ସେ ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ, ସାନିଟାରୀ ନାପକିନ୍ ଡିସ୍‌ପେନସର ସ୍ଥାପନ ଏବଂ କୋଭିଡ ୧୯ରେ ସଂକ୍ରମିତ ଅଜ୍ଞାତ ଶବ ସତ୍କାର ଭଳି କାର୍ଯ୍ୟ କରୁଥିବା ସିଥା କୁହନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସେନାଙ୍କୁ ଶକ୍ତିଶାଳୀ କରାଯାଉ

ମହାଶୟ,

ଅତୀତରେ ଆମେରିକାର ସାମରିକ ବିଶେଷଜ୍ଞମାନେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଓ ଭାରତୀୟ ସେନାମାନଙ୍କର ରଣନୈପୁଣ୍ୟ ଦକ୍ଷତା ଦେଖି ଯେଉଁ ଅନୁକୂଳ ମନ୍ତବ୍ୟ ଦେଇଥିଲେ, ମୁଁ ଖବରକାଗଜରୁ ଭଲଭାବରେ ପଢ଼ିଥିଲି। ସାମରିକ ବିଶେଷଜ୍ଞଙ୍କ ମତରେ ମୋ ଛାତି ଗର୍ବରେ ଫୁଲି ଉଠିଲା। ସେମାନେ କହିଥିଲେ– ଭାରତ ପ୍ରତିରକ୍ଷା କ୍ଷେତ୍ରରେ ସାଂଘାତିକ ଶକ୍ତିଶାଳୀ। ଏପରିକି ଭାରତର ପରମ ଶତ୍ରୁ ଭାରତ ଓ ପାକିସ୍ତାନର ମିଳିତ ମୁକାବିଲା ପାଇଁ ଭାରତୀୟ ସେନା ସମର୍ଥ। ତଥାପି ପରିସ୍ଥିତିକୁ ଚାହିଁ ଭାରତୀୟ ସେନାଙ୍କୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୪୯୯୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଏପରି ଭାବେ ଆତ୍ମନିର୍ଭରଶୀଳ କରିବ, ପ୍ରତିରକ୍ଷା ସାମଗ୍ରୀ ପାଇଁ ଭାରତ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭର କରିବ ନାହିଁ। ବେଳ ଆସିବ ଭାରତ ପ୍ରତିରକ୍ଷା ସାମଗ୍ରୀ ଅନ୍ୟ ଦେଶକୁ ରପ୍ତାନି କରିପାରିବ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନ୍ୟୁଜିଲାଣ୍ଡ ୨୪୯ରେ ଅଲଆଉଟ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

**ସାଉଥାମ୍ପଟନ,୨୨ା୬**

ବର୍ଷା ବାଧାପ୍ରାପ୍ତ ବିଶ୍ୱ ଟେଷ୍ଟ ଚାମ୍ପିୟଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ରୋମାଞ୍ଚ ଆସିଛି। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଚାଲିଥିବା ଏହି ହାଇପ୍ରୋଫାଇଲ ମ୍ୟାଚ୍‌ର ପ୍ରଥମ ଓ ଚତୁର୍ଥ ଦିନ ଖେଳି ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଥିଲା ଓ ଅନ୍ୟ ଦିବସଗୁଡିକରେ ମଧ୍ୟ ବର୍ଷା ଏବଂ ତଦ୍‌ଜନିତ ଆଲୋକ ଅଭାବ ଖେଳରେ ବାଧା ସୃଷ୍ଟି କରିଥିଲା। ମଙ୍ଗଳବାର ପଞ୍ଚମ ଦିବସରେ ମଧ୍ୟ ବର୍ଷା ଯୋଗୁ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ଏହା ସତ୍ତ୍ୱେ ଉଭୟ ଦଳ ପ୍ରଥମ ଇନିଂସ ଖେଳିବାକୁ ସକ୍ଷମ ହୋଇଛନ୍ତି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୯୨.୧ ଓଭରରେ ୨୧୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ା ସ୍କୋର ହାସଲ କରିପାରି ନ ଥିଲା। ପଞ୍ଚମ ଦିବସରେ ନ୍ୟୁଜିଲାଣ୍ଡ ୯୯.୨ ଓଭରରେ ୨୪୯ ରନକରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ୩୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ପଞ୍ଚମ ଦିବସ ଖେଳ ଶେଷ ସୁଦ୍ଧା ୩୦ ଓଭରରେ ୨ ଉଇକେଟ ହରାଇ ୬୪ ରନ୍ ସଂଗ୍ରହ କରିଛି। ଫଳରେ ଭାରତ ୮ ଉଇକେଟ ହାତରେ ରଖି ୩୨ ରନ୍‌ର ଅଗ୍ରଣୀ ହାସଲ କରିଛି। ବୁଧବାର ରିଜର୍ଭ ଡେ'ରେ ମ୍ୟାଚ୍ ଫଳାଫଳ ନିର୍ଣ୍ଣିତ ହେବ। ଯୁବ ଓପନର ଶୁଭମନ ଗିଲ୍ ୮ ଓ ଅଭିଜ୍ଞ ରୋହିତ ଶର୍ମା ୩୦ ରନ୍ ଟିମ୍ ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ବିରାଟ କୋହଲି ୮ ଓ ଚେତେଶ୍ୱର ପୂଜାରା ୧୨ ରନ୍ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୧/୨ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା ଓ ଏହାପରେ ଚା'ପାନ ବିରତି ଘୋଷଣା କରାଯାଇଥିଲା। ଏକଦା ଗୋଟିଏ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୧୦୦ ରନ ପୂରଣ କରିଥିଲେ ମଧ୍ୟ ପଞ୍ଚମ ଦିନରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦୁଇ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଓ ଈଶାନ୍ତ ଶର୍ମା ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ କେନ୍ ୱିଲିୟମସନ ୧୨ରୁ ଖେଳ ଆରମ୍ଭ କରି ୪୯ ରନକରି ଈଶାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ ଓ କ୍ୟାରିୟରର ୩୩ତମ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି ବିନା ସ୍କୋରରୁ ଇନିଂସ ଆରମ୍ଭ କରି ଅଭିଜ୍ଞ ରସ ଟେଲର ୧୧ ରନକରି ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡ ଶୀଘ୍ର ଅଲଆଉଟ ହେବ ବୋଲି ଲାଗୁଥିଲା। ତେବେ କାଏଲ ଜେମିସନ ଓ ଟିମ ସୌଦି ଯଥାକ୍ରମେ ୨୧ ଓ ୩୦ ରନକରି ଦଳକୁ ଅଗ୍ରଣୀ କରାଇଥିଲେ। ଡବ୍ଲ୍ୟୁଟିସି ଫାଇନାଲର ପ୍ରଥମ ଛକା ମାରିବା ପରେ ଜେମିସନ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେନେରୀ ନିକୋଲ୍ସ ୭, ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୧, କଲିନ ଡି ଗ୍ରାଣ୍ଡହୋମ ୧୩ ଓ ନିଲ ୱାଗନର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଟ୍ରେଣ୍ଟ ବୋଲ୍ଟ ୭ ରନକରି ଅପରଜିତ ରହିଥିଲେ। ସାମି ରସ୍ ଟେଲର, ୱାଟ୍‌ଲିଂ, ଗ୍ରାଣ୍ଡ୍‌ହୋମ୍ ଓ ଜେମିସନ୍‌ଙ୍କୁ ଆଉଟ୍ କରିଥିଲେ। ସେହିପରି ଈଶାନ୍ତ ୱିଲିୟମ୍‌ସନ୍, ନିକୋଲ୍ସ ଓ କନ୍‌ୱେଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ସ୍ପିନର ଅଶ୍ୱିନ ୱାନଗର ଓ ଲଥାମଙ୍କୁ ଆଉଟ୍ କରିଥିବା ବେଳେ ଜାଡେଜା ସୌଦିଙ୍କୁ ପ୍ୟାଭିଲିୟନ ଫେରାଇ ନ୍ୟୁଜିଲାଣ୍ଡର ଇନିଂସ୍‌ର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାରତ ତରଫରୁ ସାମି ସର୍ବାଧିକ ୪, ଈଶାନ୍ତ ୩, ରବିଚନ୍ଦ୍ରନ ଅଶ୍ୱିନ ୨ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ନେବାପରେ ଭାରତର ମହମ୍ମଦ ସାମିଙ୍କ ପ୍ରତିକ୍ରିୟା।

## ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୯୨.୧ ଓଭରରେ ୨୧୭ ଅଲଆଉଟ।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୯୯.୨ ଓଭରରେ ୨୪୯ ଅଲଆଉଟ (ଡେଭନ କନ୍‌ୱେ- ୫୪, କେନ ୱିଲିୟମସସନ- ୪୯, ଟମ୍ ଲଥାମ- ୩୦, ଟିମ ସୌଦି- ୩୦, କାଏଲ ଜେମିସନ- ୨୧, ମହମ୍ମଦ ସାମି- ୪/୭୬, ଈଶାନ୍ତ ଶର୍ମା- ୩/୪୮, ରବିଚନ୍ଦ୍ରନ ଅଶ୍ୱିନ- ୨/ ୨୮, ରବୀନ୍ଦ୍ର ଜାଡେଜା- ୧/୨୦)।

**ଭାରତ ଦ୍ୱିତୀୟ ଇନିଂସ:** ୩୦ ଓଭରରେ ୬୪/୨ (ଶୁଭମନ ଗିଲ୍ ୮, ରୋହିତ ଶର୍ମା ୩୦, ଚେତେଶ୍ୱର ପୂଜାରା ୧୨*, ବିରାଟ କୋହଲି ୮*, ଟିମ୍ ସୌଦି ୨/୧୭)।

# ବୀରେନ୍ଦ୍ର ଉପ ଅଧିନାୟକ

**ମନପ୍ରୀତ ଅଧିନାୟକ, ହରମନପ୍ରୀତ ମଧ୍ୟ ଉପ ଅଧିନାୟକ**



ମନପ୍ରୀତ ସିଂ, ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା।

**ଟୋକିଓ ଅଲିମ୍ପିକ୍ସ**

**ନୂଆଦିଲ୍ଲୀ, ୨୨ା୬ (ପି.ଟି.):** ଟୋକିଓ ଅଲିମ୍ପିକ୍ସ ପାଇଁ ମନପ୍ରୀତ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଉପଅଧିନାୟକ ପାଇଁ ୨ ଜଣଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ହରମନପ୍ରୀତ ସିଂ ଏବଂ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା। ଟୋକିଓ ପାଇଁ ଗତ ସପ୍ତାହରେ ୧୬ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଥିଲେ ହେଁ ଅଧିନାୟକ ଓ ଉପଅଧିନାୟକଙ୍କ ନାମ ଘୋଷଣା ହୋଇ ନ ଥିଲା। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଭାରତୀୟ ମହିଳା ହକି ଦଳର ଉପଅଧିନାୟିକା ମନୋନୟନ କରାଯିବାର ଗୋଟିଏ ଦିନପରେ ବୀରେନ୍ଦ୍ରଙ୍କୁ ପୁରୁଷ ଦଳର ଡେପୁଟି ଦାୟିତ୍ୱ ଦିଆ ଯାଇଛି।

"ତୃତୀୟ ଥରପାଇଁ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ଏଥର ଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ଏପରି ଦାୟିତ୍ୱ ତୁଲାଇବା ମୋ ପାଇଁ ଗର୍ବର ବିଷୟ'' ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି। ମିଡ୍ ଫିଲ୍ଡର ମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ଦଳ ପୂର୍ବରୁ ଅନେକ ମାଇଲଖୁଣ୍ଟ ସ୍ପର୍ଶ କରିଛି। ୨୦୧୭ରେ ଏସିଆ କପ୍ ଚାମ୍ପିୟନ ହେବା ସହ ୨୦୧୮ରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା। ସେହିପରି ଦଳ ୨୦୧୯ରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରେ ମଧ୍ୟ ଟାଇଟଲ ହାସଲ କରିଥିଲା। ମନପ୍ରୀତଙ୍କ ନେତୃତ୍ୱରେ ଭାରତ ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ମଧ୍ୟପ୍ରଭାବୀ ପ୍ରଦର୍ଶନ କରିଥିଲା। ଅଧିନାୟକ ଦାୟିତ୍ୱକୁ ସଫଳତାର ସହ ସମ୍ପନ୍ନ କରି ସେ ଭାରତକୁ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନରେ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

"ଗତ କିଛି ବର୍ଷ ଧରି ଏହି ତିନି ଖେଳାଳି ଦଳୀୟ ନେତୃତ୍ୱ ନେବାର ଅଂଶବିଶେଷ ରହି ଆସିଛନ୍ତି। ଚ୍ୟାଲେଞ୍ଜିଂ ସମୟରେ ଏମାନେ ଅଭିଜ୍ଞତାର ଉପଯୋଗ କରି ଯୁବ ଖେଳାଳିଙ୍କୁ ଠିକ୍‌ଭାବେ ଗାଇଡ୍ କରି ଆସିଛନ୍ତି। ଆଗାମୀ ଟୁର୍ନାମେଣ୍ଟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମେ ନେତୃତ୍ୱକୁ ଦୃଢ଼ କରିଛୁ। ଫଳରେ ୨ ଜଣଙ୍କୁ ଉପଅଧିନାୟକ ଦାୟିତ୍ୱ ଦେଇଛୁ। ଏମାନେ ଦଳକୁ ସଫଳତା ଦିଗରେ ନେବାନେଇ ଆମେ ଦୃଢ଼ ଆଶା ରଖିଛୁ'' ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି।

# ଦ୍ୱିତୀୟ ଇନିଂସ ଲଢ଼େଇକୁ ଅପେକ୍ଷା

**ଭିଭିଏସ୍ ଲକ୍ଷ୍ମଣ**

ବର୍ଷାଜନିତ କାରଣରୁ ସାଉଥାମ୍ପଟନରେ ୫ମ ଦିବସ ଖେଳ ଆରମ୍ଭରେ ବିଳମ୍ବ ହୋଇଥିଲା। ସେତେବେଳେ ନ୍ୟୁଜିଲାଣ୍ଡ ହାତରେ ୮ ଉଇକେଟ ଥାଇ ୧୧୬ରନ ପଛରେ ରହିଥିଲା। ଏହି ପରିସ୍ଥିତିରେ ଭାରତୀୟ ବୋଲରମାନଙ୍କୁ ଶୃଙ୍ଖଳିତ ବୋଲିଂ ପରିବର୍ତ୍ତେ ଆକ୍ରମଣାତ୍ମକ ଓ ଉଇକେଟ ହାସଲ ରଣନୀତିକୁ ଆପଣେଇବାକୁ ହୋଇଥିଲା। ବର୍ଷାଜନିତ ପାଗରେ ଦ୍ରୁତ ବ୍ୟାଟିଂ ସମ୍ଭବ ନ ଥିଲା। ଭାରତୀୟ ବୋଲରମାନେ ନ୍ୟୁଜିଲାଣ୍ଡର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ସଫଳ ହୋଇଥିଲେ। ଅଧିନାୟକ ବିରାଟ କୋହଲିଙ୍କ ଫିଲ୍ଡିଂ ସଜା ମଧ୍ୟ ଖୁବ୍ ଭଲ ଥିଲା। ସବୁଠାରୁ ଉଲ୍ଲେଖନୀୟ ହେଲା ରସ୍ ଟେଲରଙ୍କ ପାଇଁ ସେ ସିଲି-ମିଡ୍‌ଅଫ୍‌ରେ ଶୁବମନ ଗିଲ୍‌ଙ୍କୁ ମୁତୟନ କରିଥିଲେ। ଫଳତଃ ଟେଲର ମହମ୍ମଦ ଶାମିଙ୍କ ବଲ୍‌ରେ ଗିଲ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ସେହିପରି ଈଶାନ୍ତ ଶର୍ମାଙ୍କ ବୋଲିଂରେ ରୋହିତ ଶର୍ମା ସ୍ଲିପ୍‌ରେ ହେନରୀ ନିକୋଲ୍ସଙ୍କ ଏକ ଚମତ୍କାର କ୍ୟାଚ ନେଇଥିଲେ। ନ୍ୟୁଜିଲାଣ୍ଡର ଆରମ୍ଭ ଉତ୍ସାହଜନକ ଥିଲା। ହେଲେ ଦଳ ପ୍ରଥମ ଇନିଂସ ଅଗ୍ରଣୀ ସଂଖ୍ୟା ଯଥେଷ୍ଟ ନ ଥିଲା। ବୁଧବାର ରିଜର୍ଭ ଡେ' ଥିବାରୁ ତଥାପି ବହୁ ସମୟ ବାକି ରହିଛି। ଦ୍ୱିତୀୟ ଇନିଂସ ଲଢେଇ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। **(ଗେମ୍‌ପ୍ଲାନ)**

OFFICIAL SPONSOR
ICC WTC FINAL 2021
SEAGRAM'S ROYAL STAG
PACKAGED DRINKING WATER

**ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ**

# କ୍ରୀଡ଼ାର ପ୍ରସାର ପାଇଁ...

କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ପ୍ରତିବର୍ଷ ଜୁନ ୨୩କୁ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ଭାବେ ପାଳନ କରାଯାଇଥାଏ। ୧୮୯୪ ମସିହା ଏହି ଦିବସରେ ପ୍ରତିଷ୍ଠା ହୋଇଥିଲା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)। ଖ୍ରୀଷ୍ଟପୂର୍ବ ୮ମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଗ୍ରୀସ୍‌ର ଅଲିମ୍ପିଆରେ ପୁରାତନ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜିତ ହେଉଥିଲା। ଏଥିରୁ ପ୍ରେରଣା ପାଇ ଏବେ ଆଧୁନିକ ଅଲିମ୍ପିକ୍ସ ଆୟୋଜିତ ହୋଇ ଆସୁଛି। ୧୮୯୪ରେ ବାରନ ପିଏର ଡି କୋବେର୍ଟିନ ଆଇଓସି ପ୍ରତିଷ୍ଠା କରିଥିଲେ ଓ ଅଲିମ୍ପିକ୍ସ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ।

୧୯୪୭ରେ ସୁଇଡେନ ରାଜଧାନୀ ଷ୍ଟକହୋମରେ ଅନୁଷ୍ଠିତ ଆଇଓସିର ଅଧିବେଶନରେ ଡକ୍ଟର ଗ୍ରୁସ୍ ଅଲିମ୍ପିକ ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାର ପର ବର୍ଷ ଅର୍ଥାତ ୧୯୪୮ରେ ଜୁନ ୨୩କୁ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳନ କରିବାକୁ ଆୟୋଜକ କମିଟି ନିଷ୍ପତ୍ତି ନେଇଥିଲା। ପ୍ୟାରିସର ସୋରବନ୍‌ଠାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ପ୍ରତିଷ୍ଠାକୁ ସମ୍ମାନ ଦେବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାର ଠିକ୍ ମାସେ ପୂର୍ବରୁ ଅଲିମ୍ପିକ ଦିବସ ପାଳନ ହେବାକୁ ଯାଉଥିବା ବେଳେ ଏହାର ଗୁରୁତ୍ୱ ବଢିଯାଇଛି। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଅଧିକରୁ ଅଧିକ କ୍ରୀଡ଼ାବିତଙ୍କୁ ପ୍ରେରିତ କରିବା,




ଇଭେଣ୍ଟର ଗୁରୁତ୍ୱକୁ ପ୍ରଚାର ଓ ଅଲିମ୍ପିକ୍ ବିପ୍ଲବକୁ ଆହୁରି ଆଗକୁ ବଢାଇବାକୁ ଏହି ଦିବସ ପାଳନ କରାଯାଉଛି। ୩ଟି ସ୍ତମ୍ଭ ଉପରେ ଏହି ଆଭିମୁଖ୍ୟ ଆଧାରିତ। ସେଗୁଡିକ ହେଲା ଗତି, ଶିକ୍ଷା ଓ ଆବିଷ୍କାର। ଜାତି, ଧର୍ମ, ବୟସ, ଲିଙ୍ଗ, ସାମାଜିକ ସ୍ଥିତି, ଦକ୍ଷତା ନିର୍ବିଶେଷରେ କ୍ରୀଡ଼ାରେ ଅଂଶଗ୍ରହଣକୁ ଏହା ମାଧ୍ୟମରେ ପ୍ରୋତ୍ସାହିତ ଲାଗି ପ୍ରୟାସ କରାଯାଇ ଆସୁଛି।

# ୱେଷ୍ଟଇଣ୍ଡିଜକୁ ଜରିମାନା

**ଦୁବାଇ, ୨୨ା୬ (ପି.ଟି.)**

ସେଣ୍ଟ ଲୁସିଆଠାରେ ଦକ୍ଷିଣ ଅଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ସେମାନଙ୍କ ମ୍ୟାଚ ଫି'ର ୬୦ ପ୍ରତିଶତ ଜରିମାନା କରାଯାଇଛି। ଏହାଛଡ଼ା ୬ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଜରିମାନା ମଧ୍ୟ କରାଯାଇଛି। ଆୟୋଜକ ଦଳ ଟାର୍ଗେଟ ସମୟ ମଧ୍ୟରେ ୩ ଓଭର କମ୍ ବୋଲିଂ କରିଥିଲା। ଆଇସିସି ମ୍ୟାଚ ରେଫରି ରିଚି ରିଚାର୍ଡସନ ଏଥିପାଇଁ ୱେଷ୍ଟଇଣ୍ଡିଜ ଦଳକୁ ଦଣ୍ଡିତ କରିଥିଲେ। ସୋମବାର ଶେଷ ହୋଇଥିବା ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧୫୮ରନରେ ବିଜୟ ଲାଭ କରିବା ସହ ସିରିଜ ୨-୦ରେ ଜିତିନେଇଥିଲା। ଭ୍ରମଣକାରୀ ଦଳ ପୂର୍ବରୁ ପ୍ରଥମ ଟେଷ୍ଟ ମ୍ୟାଚ ଏକ ଇନିଂସ ଓ ୬୩ ରନରେ ବିଜୟୀ ହୋଇଥିଲା।

## ଲାହିରିଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୨୨ା୬ (ପି.ଟି.):** ଭାରତର ପୁରୁଖା ଗଲ୍ଫ ଖେଳାଳି ଅନିର୍ବାଣ ଲାହାରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ପୁରୁଷ ବିଭାଗ ଟୋକିଓ ଗେମ୍ସ ର୍‍ୟାଙ୍କିଙ୍ଗ ତାଲିକା ଅନୁସାରେ ଯେଉଁ ୬୦ଜଣ ଯୋଗ୍ୟତା ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରେ ସେ ଅନ୍ତିମ ସ୍ଥାନରେ ରହିଛନ୍ତି। କିନ୍ତୁ ସଦ୍ୟ ପ୍ରକାଶିତ ବିଶ୍ୱ ଗଲ୍ଫ ର୍‍ୟାଙ୍କିଙ୍ଗରେ ସେ ୩୪୦ତମ ସ୍ଥାନରେ ଅଛନ୍ତି। ଭାରତୀୟ ଗଲ୍‌ଫ ଖେଳାଳିଙ୍କ ମଧ୍ୟରେ ସେ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଯୋଗ୍ୟତା ହାସଲ ଦୌଡ଼ରେ ଭାରତର ଆଦିତି ଅଶୋକ ରହିଛନ୍ତି। ଜୁନ୍ ୨୯ରେ ଅଲିମ୍ପିକ ମହିଳା ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହେବ।

# ବେଲ୍‌ଜିୟମର ହ୍ୟାଟ୍ରିକ ବିଜୟ

**ୟୁରୋକପ୍ ଫୁଟ୍‌ବଲ**

**ସେଣ୍ଟ ପିଟର୍ସବର୍ଗ,୨୨ା୬**

ୟୁରୋକପ୍‌ରେ ବେଲ୍‌ଜିୟମ ତା'ର ଆଧିପତ୍ୟ ବଜାୟ ରଖିଛି। ଗ୍ରୁପ୍ ବି'ରେ ବେଲ୍‌ଜିୟମ ସବୁ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ହ୍ୟାଟ୍ରିକ ଅର୍ଜନ କରିଛି। ମୋଟ ୯ ପଏଣ୍ଟ ହାସଲ କରି ବିଶ୍ୱର ଏହି ୧ ନମ୍ବର ଦଳ ଗ୍ରୁପ୍' ବି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ସୋମବାର ସ୍ଥାନୀୟ କ୍ରେସୋଭସ୍କି ଷ୍ଟାଡିୟମରେ ଖେଳାଯାଇଥିବା ମୁକାବିଲାରେ ବେଲ୍‌ଜିୟମ ୨-୦ ଗୋଲରେ ଫିନ୍‌ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍ ଚାମ୍ପିୟନ ହୋଇ ପୂରା ଢଙ୍ଗରେ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ବେଲ୍‌ଜିୟମକୁ ବାଦ୍ ଦେଲେ ଇଟାଲୀ ଓ ନେଦରଲାଣ୍ଡ୍ସ ଯଥାକ୍ରମେ ଗ୍ରୁପ୍ ଏ ଓ ଗ୍ରୁପ୍ ସି'ରେ ସବୁ ମ୍ୟାଚ୍ ଜିତି ୯ ପଏଣ୍ଟ ହାସଲ କରି ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ପରାଜୟ ସହ ଫିନ୍‌ଲାଣ୍ଡ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୩ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଏବେ ଫିନ୍‌ଲାଣ୍ଡ ନକ୍ ଆଉଟକୁ ଉଠିବାର ସମ୍ଭାବନା କମ୍ ରହିଛି। ବିଭିନ୍ନ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଶ୍ରେଷ୍ଠ ଦଳଗୁଡିକ ମଧ୍ୟ ନକ୍ ଆଉଟ ପ୍ରବେଶ କରିବେ।

ଫିନ୍‌ଲାଣ୍ଡ ବିପକ୍ଷରେ ବେଲ୍‌ଜିୟମ ପୂରା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ବେଲ୍‌ଜିୟମ ବହୁ ଆଗରେ ରହିଥିଲା। ତେବେ ପ୍ରଥମାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଦ୍ୱିତୀୟାର୍ଦ୍ଧରେ ୭୪ତମ ମିନିଟ୍‌ରେ ଫିନ୍‌ଲାଣ୍ଡ ଗୋଲକିପର ଲୁକାସ ରାଡେକିଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ଏକ ଆତ୍ମଘାତୀ ଗୋଲ ହୋଇଥିଲା। ଫଳରେ ବେଲ୍‌ଜିୟମ ଅଗ୍ରଣୀ ହାସଲ କରିଥିଲା। ବେଲ୍‌ଜିୟମ ଡିଫେଣ୍ଡର ଥୋମାସ ଭେର୍ମାଲେନ ହେଡ୍ କରିଥିଲେ ଓ ବଲ୍ ପୋଷ୍ଟରେ ବାଜି ଫେରିଥିଲା ଏବଂ ଲୁକାସଙ୍କ ହାତରେ ବାଜି ପୋଷ୍ଟକୁ ଯାଇଥିଲା। ଏହାପରେ ୮୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ଦେଇ ବେଲ୍‌ଜିୟମକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହି ପରାଜୟ ଦ୍ୱାରା ଫିନ୍‌ଲାଣ୍ଡ କୋଚ୍ ମାର୍କୁ କାନେର୍ଭା ଅସନ୍ତୋଷ ଜାହିର କରିଛନ୍ତି। ରବିବାର ରାଉଣ୍ଡ ଅଫ୍ ୧୬ରେ ବେଲ୍‌ଜିୟମ ତୃତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ୪ଟି ଦଳ ମଧ୍ୟରୁ ଗୋଟିଏକୁ ଭେଟିବ। ଏହାପୂର୍ବରୁ ବେଲ୍‌ଜିୟମ ରୁଷିଆକୁ ୩-୦ରେ ଓ ଡେନ୍‌ମାର୍କକୁ ୨-୧ ଗୋଲରେ ହରାଇଥିଲା। ଗ୍ରୁପ ପର୍ଯ୍ୟାୟରେ ବେଲ୍‌ଜିୟମର ପ୍ରଦର୍ଶନ ଐତିହାସିକ ସାବ୍ୟସ୍ତ ହୋଇଛି। ଏବେ ଲୁକାକୁ ମୋଟ ୩ଟି ଗୋଲ ସ୍କୋର କରି କ୍ରିଷ୍ଟିଆନୋ ରୋନାଲ୍ଡୋ, ଜିଓଜିନିଓ ୱିଜନାଏଡମ ଓ ପାଟ୍ରିକ ସିକଙ୍କ ସମକକ୍ଷ ହୋଇଛନ୍ତି।



ବିଜୟ ହାସଲ ପରେ ବେଲଜିୟମ ଖେଳାଳିମାନେ ଖୁସି ମନାଉଛନ୍ତି।

# ଡେନ୍‌ମାର୍କର ବିଜୟ

**କୋପେନହାଗେନ,୨୨ା୬:** ଘରୋଇ ପରିବେଶରୁ ଫାଇଦା ଉଠାଇ ଡେନ୍‌ମାର୍କ ୟୁରୋ କପ୍ ଗ୍ରୁପ୍ ବି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ରୁଷିଆକୁ ୪-୧ ଗୋଲ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ସ୍ଥାନୀୟ ପାର୍କେନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଡେନ୍‌ମାର୍କ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏହି ବିଜୟ ସହ ଡେନ୍‌ମାର୍କ ରାଉଣ୍ଡ ଅଫ୍ ୧୬ ଅର୍ଥାତ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ଗ୍ରୁପ୍ ବି'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୨ଟି ପରାଜୟ ସହ ୩ ପଏଣ୍ଟ ପାଇଥିଲେ ମଧ୍ୟ ଡେନ୍‌ମାର୍କ ଉନ୍ନତ ଗୋଲ ବ୍ୟବଧାନରେ ଫିନ୍‌ଲାଣ୍ଡ ଓ ରୁଷିଆ (ଉଭୟ ୩ ପଏଣ୍ଟ)କୁ ପଛରେ ପକାଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଡେନ୍‌ମାର୍କ ରୁଷିଆକୁ ବହୁ ପଛରେ ପକାଇଥିଲା।

ପ୍ରଥମାର୍ଦ୍ଧର ୩୮ତମ ମିନିଟ୍‌ରେ ମିକେଲ ଡାମ୍ସଗାର୍ଡ ପ୍ରଥମ ଗୋଲ ଦେଇ ଡେନ୍‌ମାର୍କକୁ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ ଦେଖିବାକୁ ମିଳିଥିଲା। ୫୯ତମ ମିନିଟ୍‌ରେ ୟୁସୁଫ ପୌଲସେନ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। କିନ୍ତୁ ୭୦ତମ ମିନିଟ୍‌ରେ ରୁଷିଆ ତରଫରୁ ଅର୍ଟେମ ଡିଜିଉବା ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳର ପ୍ରତ୍ୟାବର୍ତ୍ତନ କରାଇଥିଲେ। ଏହାପରେ ଡେନ୍‌ମାର୍କ ତରଫରୁ ଆଣ୍ଡ୍ରିଆସ କ୍ରିଷ୍ଟେନସେନ ଓ ଜୋଆକିମ ମାହେଲେ ଯଥାକ୍ରମେ ୭୯ ଓ ୮୨ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରାଇଥିଲେ। ଦଳର ବୃହତ୍ ବିଜୟରେ ଡେନ୍‌ମାର୍କ କୋଚ୍ କାସ୍ପର ହଜୁଲମାଣ୍ଡ ଖୁସି ଜାହିର କରିଛନ୍ତି। ସେ ଖେଳାଳିମାନଙ୍କୁ ଏହି ବିଜୟ ଉତ୍ସର୍ଗ କରିଛନ୍ତି। ଡେନ୍‌ମାର୍କ, ରୁଷିଆ ଓ ଫିନ୍‌ଲାଣ୍ଡ ପ୍ରତ୍ୟେକ ୩ ଲେଖାଏ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଉନ୍ନତ ଗୋଲ ବ୍ୟବଧାନରେ ଡେନ୍‌ମାର୍କ ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଏବେ ଡେନ୍‌ମାର୍କ ଶନିବାର ୱେଲ୍ସକୁ ଭେଟିବ।

# ନକ୍‌ଆଉଟରେ ଆର୍ଜେଣ୍ଟିନା

**କୋପା ଆମେରିକା ଫୁଟ୍‌ବଲ**

**ସାଓ ପାଉଲୋ,୨୨ା୬**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ନକ୍‌ଆଉଟରେ ପ୍ରବେଶ କରିଛି। ବ୍ରାସିଲିଆର ମାନେ ଗାରିଞ୍ଚା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଆର୍ଜେଣ୍ଟିନା ୧-୦ ଗୋଲରେ ପାରାଗୁଏକୁ ହରାଇ ଅଗ୍ରଗତି କରିଛି।

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଆର୍ଜେଣ୍ଟିନା ଦଶମ ମିନିଟ୍‌ରୁ ଅଗ୍ରଣୀ ହାସଲ କରିଥିଲା। ଦଳ ତରଫରୁ ଆଲେଜାଣ୍ଡ୍ରୋ ଡାରିଓ ଗୋମେଜ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଆର୍ଜେଣ୍ଟିନା ଗ୍ରୁପ୍ ଏ'ରେ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ହାସଲ କରି ତାଲିକା ଶୀର୍ଷରେ ରହିଛି। ମେସି ଏହି ମୁକାବିଲାରେ ଆର୍ଜେଣ୍ଟିନା ପାଇଁ ୧୪୭ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ଏଥିସହ ସେ ଅବସରପ୍ରାପ୍ତ ଡିଫେଣ୍ଡର ଜାଭିଏର ମାସ୍କେରାନୋଙ୍କ ସମକକ୍ଷ ହୋଇଛନ୍ତି। ଏଥର ସଫଳ ହେଲେ ମେସି ଦେଶ ପାଇଁ କୌଣସି ପ୍ରଥମ ମେଜର ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ। ଆର୍ଜେଣ୍ଟିନା ଦଳରେ ଏକାଧିକ ଅଦଳବଦଳ କରାଯାଇଥିଲା। ଦଳ ବିଜୟରେ ଆର୍ଜେଣ୍ଟିନା କୋଚ୍ ଲିଓନେଲ ସ୍କାଲୋନି ଖୁସି ଜାହିର କରିଛନ୍ତି। ତେବେ ଖେଳାଳିମାନେ କ୍ରମାଗତ ୩ଟି କୋପା ଆମେରିକା ମ୍ୟାଚ୍ ଖେଳି କ୍ଳାନ୍ତ ଅନୁଭବ କରୁଥିବାରୁ ସେ ଚିନ୍ତା ପ୍ରକଟ କରିଛନ୍ତି। ଟୁର୍ନାମେଣ୍ଟରେ ଅବଶ୍ୟ ମେସି ଏ ପର୍ଯ୍ୟନ୍ତ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ଆର୍ଜେଣ୍ଟିନା ତା'ର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ସୋମବାର ବଲିଭିଆକୁ ଭେଟିବ। ଅନ୍ୟ ଏକ ମ୍ୟାଚରେ ଉରୁଗୁଏ ସହିତ ମ୍ୟାଚ ଡ୍ର ରଖି ଚିଲି ମଧ୍ୟ ନକ୍‌ଆଉଟରେ ପ୍ରବେଶ କରିଛି।



ଆର୍ଜେଣ୍ଟିନା ପକ୍ଷରୁ ଗୋଲ ଦେଇଥିବା ଆଲେଜାଣ୍ଡ୍ରୋ ଡାରିଓ ଗୋମେଜ (ମଝି)।

## ରାଜଧାନୀରେ ଥମୁନି କୋଭିଡ୍ ମୃତ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ ଦୈନିକ ମୃତ୍ୟୁରେ ରୋକ୍ ଲାଗି ପାରୁନାହିଁ। ତେବେ ପ୍ରତିଦିନ ଶତାଧିକ ଆକ୍ରାନ୍ତ ସୁସ୍ଥ ହେଉଥିବାରୁ ମହାନଗର ଅଞ୍ଚଳରେ ସକ୍ରିୟ ସଂଖ୍ୟା ହ୍ରାସ ପାଉଛି। ଏବେ ୧୪ଶହ ୮୯ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଗତ ୨୪ଘଣ୍ଟାରେ ପୁଣି ସହରରେ ୪ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୪୧୧କୁ ବୃଦ୍ଧି ପାଇଛି। ସେହିପରି ଗୋଟିଏ ଦିନରେ ୩୩୯ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୯୦ ଜଣ ସୁସ୍ଥ ହୋଇଛନ୍ତି। ସହରରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୮୭ହଜାର ୨୭୪କୁ ବୃଦ୍ଧି ପାଇଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୮୫ହଜାର ୩୭୩ ରହିଛି।

# ‘ଆହାର’ ରିହାତି ଚାଲୁ

**କଟକ ଅଫିସ, ୨୨।୬**

- କେନ୍ଦ୍ରକୁ ଆସୁଛି ସ୍ଥିରୀକୃତ ଠାରୁ କମ୍ ମିଲ୍
- ସନ୍ଦେହ ଘେରରେ ଯୋଗାଣକାରୀ ସଂସ୍ଥା
- ଘଟଣାର ତଦନ୍ତ କରାଯିବ: ମନ୍ତ୍ରୀ

ଗରିବ ଓ ନିରାଶ୍ରୟଙ୍କୁ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଯୋଗାଇବାକୁ ରାଜ୍ୟ ସରକାର ବିଭିନ୍ନ ସହରାଞ୍ଚଳରେ ୨୦୧୫ ଏପ୍ରିଲ ୧ରୁ ଆହାର ଯୋଜନା ଆରମ୍ଭ କରିଛନ୍ତି। ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ) ସହାୟତାରେ ଏହି ଖାଦ୍ୟ ଯୋଗାଇ ଦିଆଯାଉଛି। ୨୦ଟଙ୍କା ମୂଲ୍ୟର ଖାଦ୍ୟକୁ ଲୋକେ ୫ଟଙ୍କା ଦେଇ ଖାଉଥିବାବେଳେ ବଳକା ୧୫ଟଙ୍କା ପିଏସ୍‌ୟୁ ବହନ କରୁଛନ୍ତି। ହେଲେ ପ୍ରତ୍ୟେକ ଆହାର କେନ୍ଦ୍ରକୁ ଯେତିକି ସଂଖ୍ୟକ ଖାଦ୍ୟ ଯୋଗାଣ କରାଯିବା କଥା ତାଠାରୁ କମ୍ ସଂଖ୍ୟକ ଦିଆଯାଇ ବଳକା ଖାଦ୍ୟର ରିହାତି ଟଙ୍କାକୁ ଯୋଗାଣକାରୀ ସଂସ୍ଥା ଲୁଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ମୁତାବକ, କଟକ, ଭୁବନେଶ୍ୱର ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଣ ଦାୟିତ୍ୱ ଟଚ୍ ଷ୍ଟୋନ ଫାଉଣ୍ଡେଶନକୁ ମିଳିଛି। ହେଲେ ଏହି ସଂସ୍ଥା ଦୈନିକ ଦର୍ଶାଯାଉଥିବା ଭୋଜନ ସଂଖ୍ୟାଠାରୁ ଯଥେଷ୍ଟ କମ୍ ଆଣି ରିହାତି ଅର୍ଥକୁ ମିଳିମିଶି ହଡ଼ପ କରୁଥିବା ଅନୁସନ୍ଧାନରୁ ଜଣାପଡିଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ ମଙ୍ଗଳବାର କଟକ ଶିଶୁ ଭବନ ଆହାର କେନ୍ଦ୍ରରେ ପୂର୍ବାହ୍ନ ସାଢେ ୧୦ଟାରୁ ସାଢ଼େ ୧୨ଟା ଖାଦ୍ୟ ସରିବା ପର୍ଯ୍ୟନ୍ତ ରହି ଅନୁଧ୍ୟାନ କରାଯାଇଥିଲା। ଏଠାରେ ଦୈନିକ ୫୦୦ମିଲ୍ ଦେବାର ବ୍ୟବସ୍ଥା ରହିଛି। ମିଲ୍ ଗାଡି ଠିକ୍ ୧୧ଟାରେ ପହଞ୍ଚିବାପରେ ମୋଟ ୪୩୩ଟି ୫ଟଙ୍କିଆ ଟୋକନ କଟାଯାଇଥିଲା। ମଧ୍ୟାହ୍ନ ୧୨ଟା ୨୦ବେଳକୁ ସତୀଚଉରାର କ୍ରିଷ୍ଣା ରାଓ, ବ୍ରଜବିହାରୀପୁରର ରାଜେଶ ସ୍ୱାଇଁଙ୍କ ସମେତ ପ୍ରାୟ ୩୦ଜଣ ବ୍ୟକ୍ତିଙ୍କୁ ଖାଦ୍ୟ ନ ଥିବା କୁହାଯାଇ ଟୋକନ ମିଳି ନ ଥିଲା। ଏଠାରେ ଦୈନିକ ୫୦୦ ମିଲ୍ ଦେବାକୁ ନିର୍ଦ୍ଦେଶ ଥିବାବେଳେ ବାକି ମିଲ୍ କୁଆଡ଼େ ଗଲା ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ ସୁଦ୍ଧା ଯୋଗାଣକାରୀ ସଂସ୍ଥା କୌଣସି ପଦକ୍ଷେପ ନେଇ ନ ଥିଲେ।

ଅନୁରୂପଭାବେ ଗତ ୧୭ ତାରିଖ ପୂର୍ବାହ୍ନ ୧୧ଟାବେଳେ ଭୁବନେଶ୍ୱର ମ୍ୟୁଜିୟମ ଛକସ୍ଥିତ ଆହାର କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଦିନ ୧୧ଟାରେ ଖାଦ୍ୟ ଭ୍ୟାନ ପହଞ୍ଚିବାପରେ ଖାଦ୍ୟ ଜରିରେ ପ୍ୟାକିଂ ହୋଇଥିଲା। ଏଠାରେ ୩୫୦ ମିଲ୍ ଦେବାର ବ୍ୟବସ୍ଥା ରହିଥିବାବେଳେ ମାତ୍ର ୨୯୫ ମିଲ୍ ଦିଆଯାଇଥିଲା। ଏଠାରେ ୫୦ରୁ ଅଧିକ ମିଲ୍ ଦିଆଯାଇ ନ ଥିଲା। ସେହିପରି ଗତ ୧୬ ତାରିଖରେ ମଧ ଉକ୍ତ କେନ୍ଦ୍ରରେ ଅଧାରୁ ଖାଦ୍ୟ ସରିଯିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ବଡଗଡ ଥାନା ପୋଲିସ ଆସିବାରୁ ପରିସ୍ଥିତି ଆୟତ୍ତ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଏବେ କଟକର ବିଭିନ୍ନ ଆହାର କେନ୍ଦ୍ରରେ ଦୈନିକ ୩୦୨୦ ଏବଂ ଭୁବନେଶ୍ୱରରେ ୪୦୫୦ ମିଲ୍ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ବିଭିନ୍ନ ଆହାର କେନ୍ଦ୍ରରେ ନିର୍ଦ୍ଧାରିତ ସଂଖ୍ୟାଠାରୁ କମ୍ ପରିମାଣର ମିଲ୍ ଦିଆଯାଇ ରିହାତି ଟଙ୍କାକୁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଆତ୍ମସାତ୍ କରୁଥିବା ଅଭିଯୋଗ ହେଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ଏନେଇ ଟଚ୍‌ଷ୍ଟୋନ ଫାଉଣ୍ଡେଶନର ଅପରେଶନ ମ୍ୟାନେଜର ରବୀନ୍ଦ୍ର କୁମାର ଜେନା କହିଛନ୍ତି, ସ୍ଥିରୀକୃତ ବ୍ୟବସ୍ଥା ଅନୁସାରେ କଟକ ଓ ଭୁବନେଶ୍ୱରର ଆହାର କେନ୍ଦ୍ରକୁ ମିଲ୍ ପଠାଯାଉଛି। କମ୍ ସଂଖ୍ୟକ ମିଲ୍ ଯୋଗାଣ ନେଇ ହେଉଥିବା ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଯଦି କୌଣସି ଆହାର କେନ୍ଦ୍ରରେ ଧାର୍ଯ୍ୟ କରାଯାଇଥିବା ମିଲ୍‌ଠାରୁ କମ୍ ଦିଆଯାଉଥିବ, ତାହେଲେ ଏନେଇ ତଦନ୍ତ କରାଯିବ। ତଦନ୍ତରେ ଅନିୟମିତତା ହେଉଥିବା ନଜରକୁ ଆସିଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃନିଯୁକ୍ତି ଦାବିରେ ମଙ୍ଗଳବାର ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ, ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ଓସେପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ବାହା ହେବାକୁ ଜିଦ୍ ଧରି ଯୁବତୀଙ୍କୁ ମାଡ଼

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

**ଘରୋଇ ହସ୍ପିଟାଲରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ**

- ସିସିଟିଭିରେ କଏଦ୍ ହେଲା ଦୃଶ୍ୟ
- ପୋଲିସ ଆଗରେ ଉତ୍ପାତ, ଅଭିଯୁକ୍ତ ଗିରଫ



ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ପଶି ସେଠାରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଏହି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମଙ୍ଗଳବାର ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ହସ୍ପିଟାଲକୁ ଯାଇ ଅଭିଯୁକ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ପୋଲିସ ଉପସ୍ଥିତିରେ ଯୁବକ ଜଣକ ଉତ୍‌କ୍ଷିପ୍ତ ହୋଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯୁବତୀଙ୍କୁ ମାଡ ମାରିଥିଲେ। ଫଳରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅଞ୍ଚଳର ମାନସ କୁମାର ସାହୁ (୩୬)। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ। ସମ୍ପୃକ୍ତା ଯୁବତୀଙ୍କୁ ବାହା ହେବାକୁ ଜିଦ୍ ଧରି ମାନସ ଏଭଳି କାଣ୍ଡ ଘଟାଇଥିବା ପୋଲିସ କହିଛି। ଅନ୍ୟପକ୍ଷେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଧାରା ୧୬୧ରେ ତାଙ୍କ ବୟାନ ରେକର୍ଡ କରିଛି। ଏନେଇ ଯୁବତୀଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୧୭୫/୨୧) ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ମାନସଙ୍କର ଖୋର୍ଦ୍ଧାରେ ଏକ ହସ୍ପିଟାଲ ଥିଲା। ସେ ବିବାହିତ ହୋଇଥିବାବେଳେ ତାଙ୍କର ଦୁଇଟି ପିଲା ମଧ ଅଛନ୍ତି। ତାଙ୍କ ହସ୍ପିଟାଲରେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଞ୍ଚଳର ଜଣେ ଯୁବତୀ ୪ବର୍ଷ ହେଲା ଲ୍ୟାବ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସେହି ସମୟରେ ମାନସ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରୁଥିଲେ ବି ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ମାନସଙ୍କ ହସ୍ପିଟାଲ ବନ୍ଦ ହୋଇଯିବାରୁ ଯୁବତୀ ଜଣକ ଭୁବନେଶ୍ୱର ଚାଲିଆସି ପଳାଶୁଣୀରେ ଥିବା ଏକ ଘରୋଇ ହସ୍ପିଟାଲରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ତେବେ ଏଠାକୁ ମାନସ ଅଧିକାଂଶ ସମୟରେ ଆସି ସମ୍ପୃକ୍ତା ଯୁବତୀଙ୍କ ସହ ଝଗଡ଼ା କରନ୍ତି। ଏପରି କି ଉତ୍ତେଜିତ ହୋଇ ହସ୍ପିଟାଲ କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରନ୍ତି ବୋଲି ଉକ୍ତ ହସ୍ପିଟାଲର ମାଲିକ ଗଣମାଧ୍ୟମକୁ କହିଛନ୍ତି। ୫ ମାସ ପୂର୍ବେ ସମ୍ପୃକ୍ତା ଯୁବତୀ ଓ ମାନସଙ୍କ ମଧ୍ୟରେ ଏପରି ଝଗଡ଼ା ହେବା ପରେ ଥାନାରେ ଆପୋସ ସମାଧାନ ହୋଇଥିଲା ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଚନ୍ଦକା ହାତୀଙ୍କର ହେବ ରେଡିଓ-କୋଲାରିଂ

**ବାରଙ୍ଗ,୨୨।୬(ଡି.ଏନ୍.ଏ.):** ଚନ୍ଦକାରେ ଥିବା ହାତୀଙ୍କର ରେଡିଓ-କୋଲାରିଂ ହେବ। ଉତ୍ପାତ କରୁଥିବା ହାତୀଙ୍କ ଗତିବିଧିକୁ ପରଖି ସେମାନଙ୍କୁ ଘଉଡ଼ାଇବା ସୁବିଧା ହେବ। ଏଭଳି ପ୍ରୟାସ ଆପଣାଇବାକୁ ଯାଉଛନ୍ତି ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷ। ଜଙ୍ଗଲି ହାତୀ ରାମୁ ସହ କାମେନା ଗତ କିଛିମାସ ଧରି ଉତ୍ପାତ ଆରମ୍ଭ କରିଛନ୍ତି । ସଞ୍ଜ ନଇଁଲେ ଜଙ୍ଗଲରୁ ବାହାରି କେତେବେଳେ ନନ୍ଦନକାନନର ସୁରକ୍ଷା ପ୍ରାଚୀର ଭାଙ୍ଗି ଭିତରକୁ ପଶୁଛନ୍ତି, କେତେବେଳେ ଗାଁରେ ପଶି କାହାବାଡିରେ ଥିବା ଧାନବସ୍ତା ନଷ୍ଟ କରିବା ସହ ଲୋକମାନଙ୍କୁ ମାରିବାକୁ ଗୋଡାଉଛନ୍ତି। ଏ ବିଷୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଉଥିଲେ ମଧ ଏହି ଦୁଇହାତୀଙ୍କୁ ଆୟତ୍ତ କରିବାରେ ବନବିଭାଗ ସଫଳ ହୋଇପାରି ନାହିଁ। ଏହିଭଳି ସମସ୍ୟାର ସମାଧାନ ପାଇଁ ପ୍ରଥମ କରି ହାତୀମାନଙ୍କ ଗତିବିଧିକୁ ଟ୍ରାକ କରିବା ପାଇଁ ସେମାନଙ୍କର ରେଡିଓ କୋଲାରିଂ କରାଯିବ ।'ଏସିଆନ ଏଲିଫ୍ୟାଣ୍ଟ ରିସର୍ଚ୍ଚ ସେଣ୍ଟର ବାଙ୍ଗାଲୋର ସହ ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷ ଯୋଗାଯୋଗ କରିଛନ୍ତି। ସେଠାରୁ ଏକ ଟିମ୍ ଆସି ହାତୀଙ୍କୁ ନିଶ୍ଚେତ କରି ତାଙ୍କ ବେକରେ ଏହାକୁ ଲଗାଇବେ। ଫଳରେ ହାତୀ ଗତିବିଧିକୁ ନିରୀକ୍ଷଣ କରିବାସହ ଗାଁରେ ପଶିବା ପୂର୍ବରୁ ପାଟ୍ରୋଲିଂ ଟିମ୍ ହାତୀକୁ ଘଉଡ଼ାଇବାରେ ସକ୍ଷମ ହୋଇପାରିବ।

### ସାନି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର ନାବାଳିକା ବଳାତ୍କାର ମାମଲା**

**କଟକ ଅଫିସ,୨୨।୬:** ବହୁଚର୍ଚ୍ଚିତ ନାବାଳିକା ବଳାତ୍କାର ମାମଲାରେ କ୍ରାଇମବ୍ରାଞ୍ଚ ତରଫରୁ ଜଉମୁଦ ଲଫାପାରେ ତଦନ୍ତ ରିପୋର୍ଟ ମଙ୍ଗଳବାର ହାଇକୋର୍ଟରେ ଦାଖଲ କରାଯାଇଛି। ତେବେ ସାନି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ ଏକ ଗଣମାଧମ ସଂସ୍ଥାର କାର୍ଯ୍ୟରତ ମହିଳାଙ୍କ ୧୩ବର୍ଷର ନାବାଳିକା ଝିଅଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତା ନାବାଳିକାଙ୍କ ମା' ଅଗଷ୍ଟ ୩୦ରେ ମହିଳା ଥାନାରେ ଅଭିଯୋଗ କରିଥିଲେ । ପରେ ଅକ୍ଟୋବର ୬ରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଏହି ଘଟଣାରେ ଉକ୍ତ ଗଣମାଧମ ସଂସ୍ଥାର ୪ଜଣ କର୍ମଚରୀ ଅନିରୁଦ୍ଧ ପଣ୍ଡା, କୃଷ୍ଣ ବେହେରା, ଶ୍ରୀବତ୍ସ ସାମଲ, ବିଜୟ ରାଉତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏନେଇ ପୋଲିସ ଡିଜି ଅଭୟ ନଭେମ୍ବର ୧୮ରେ ହାଇକୋର୍ଟଙ୍କ ଆଗରେ ଭର୍ଚୁଆଲ ମୋଡରେ ହାଜର ହେବାସହ କ୍ରାଇମବ୍ରାଞ୍ଚର ଅଗ୍ରଗତି ସମ୍ପର୍କରେ ସତ୍ୟପାଠ ଦାଖଲ କରିଥିଲେ।

### ମୁଖ୍ୟ ଅଭିଯୁକ୍ତ ଶିବପ୍ରସାଦଙ୍କ ଆଗୁଆ ଜାମିନ ଆବେଦନ

**ନକଲି ଔଷଧ ବିକ୍ରି ମାମଲା**

**କଟକ ଅଫିସ, ୨୨।୬:** କଟକ ନକଲି ଔଷଧ ବିକ୍ରିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବପ୍ରସାଦ ଜେନା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ମୁମ୍ବାଇର ଔଷଧ କମ୍ପାନୀ ମାକ୍ସ ରିଲିଫ୍ ହେଲଥ କେୟାର ସଂସ୍ଥାର ମାଲିକ ସୁଦୀପ ମୁଖାର୍ଜୀଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଥିବାବେଳେ ଓଡ଼ିଶା କ୍ରାଇମବ୍ରାଞ୍ଚ ତାଙ୍କୁ ଜେରା କରିସାରିଛି। ଏହି ମାମଲାରେ ଗିରଫଦାରୀକୁ ଏଡ଼ାଇବା ପାଇଁ ଶିବପ୍ରସାଦ ମଙ୍ଗଳବାର ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୧୧ତାରିଖରେ ସ୍ଥାନୀୟ କନିକା ଛକ ନିକଟରେ ଥିବା ଶିବପ୍ରସାଦଙ୍କ ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲର ଚଢାଉ କରି ୬୯ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ମାକ୍ସ ରିଲିଫ୍ ହେଲଥ କେୟାର ସଂସ୍ଥାରୁ ଏଠାକୁ ନକଲି ଔଷଧ ଆସିବା ସହ ଏଠାରୁ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ଔଷଧ ଦୋକାନକୁ ପଠାଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। ପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ଚଢାଉ କରାଯାଇ ବିପୁଳ ନକଲି ଔଷଧ ଜବତ କରାଯାଇଥିଲା। ଗତ ୧୪ରେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ଜୋରଦାର କରିଛି।

## ୮ ମାସର ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

**ଥାନାରେ ମା' ଅଟକ**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ୮ମାସର ଶିଶୁକନ୍ୟାଙ୍କୁ ମା' ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଅନ୍ୟପକ୍ଷରେ ଶାଶୁଘର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୯୦/୨୧) ରୁଜୁ କରି ଅଭିଯୁକ୍ତ ମହିଳାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ମହାବୀର ବସ୍ତିର ବାସିନ୍ଦା ରାଜା ନାୟକ ଦିବ୍ୟାଙ୍ଗ ହୋଇଥିବାବେଳେ ସ୍ତ୍ରୀ ନନ୍ଦିନୀ ଓ ଛୋଟ ଝିଅଙ୍କ ସହ ରହୁଥିଲେ। ତେବେ ତାଙ୍କ ଘରେ ସବୁବେଳେ ଗଣ୍ଡଗୋଳ ଲାଗି ରହୁଥିଲା। ଏଥିଯୋଗୁ ନନ୍ଦିନୀ ନିଜ ବାପଘର ଅରବିନ୍ଦ ନଗର ବସ୍ତିକୁ ଚାଲିଯିବାକୁ ବାହାରିଥିଲେ । ଏହାକୁ ନେଇ ସୋମବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି ହୋଇଥିଲା। ତେବେ ମଙ୍ଗଳବାର ଭୋର ସମୟରେ ଶିଶୁକନ୍ୟା ମରି ପଡ଼ିଥିବା ଶାଶୁ କାଞ୍ଚନ ନାୟକ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପିଲାଟିକୁ ତାଙ୍କ ବୋହୂ ହତ୍ୟା କରିଥିବା କାଞ୍ଚନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ସତ୍ୟନଗର ଶ୍ମଶାନ ସ୍ଥାନାନ୍ତର ଦାବିରେ ମଙ୍ଗଳବାର ସତ୍ୟନଗର ଡେଭଲପ୍‌ମେଣ୍ଟ ଆଣ୍ଡ୍ କଲ୍‌ଚର ସୋସାଇଟିର ସଦସ୍ୟମାନେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଉଛନ୍ତି ।

## ଗୋଡିସାହି ପାଖ ବ୍ରିଜ୍‌ରେ ୨୦ଫୁଟ ଖାଲ

**ବାରଙ୍ଗ,୨୨।୬(ଡି.ଏନ୍.ଏ.)**

କଟକ- ବାଙ୍କୀ ମୁଖ୍ୟରାସ୍ତା ଗୋଡିସାହି ନିକଟ ପୁରୀ ମେନ୍ କେନାଲ ବ୍ରିଜର ଏକ ପାର୍ଶ୍ୱରୁ ପ୍ରାୟ ୨୦ ଫୁଟର ଖାଲ ସୃଷ୍ଟି ହୋଇଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ଫଳରେ ଗାଡ଼ିମୋଟର ଚଳାଚଳରେ ବାଧା ଉପୁଜୁଛି। ମଙ୍ଗଳବାର ଅପରାହ୍ନଠାରୁ ପ୍ରବଳ ବର୍ଷା ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ ହେଉଛି। ଖବର ପାଇ ଆର୍ ଆଣ୍ଡ ବି ଡିଭିଜନ ବାଙ୍କିର ପଦାଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାରଙ୍ଗ ପୋଲିସ ମଧ ପହଞ୍ଚି ଖାଲ ସ୍ଥାନକୁ ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ କରିଛି। କୌଣସି ଗାଡ଼ିକୁ ବ୍ରିଜ ଦେଇ ଯାତାୟାତ କରିବାକୁ ଦିଆଯାଉ ନାହିଁ।

## ଶ୍ରୀଲିଙ୍ଗରାଜଙ୍କ ସିଂହଦ୍ୱାର କବାଟ ମରାମତି ଦାବି

**ପୁରୁଣା ଭୁବନେଶ୍ୱର,୨୨।୬(ଡି.ଏନ୍.ଏ.)**

ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିର ଭଳି ସିଂହଦ୍ୱାର କବାଟ ମଧ ପ୍ରାଚୀନ। 'ଫନୀ' ବାତ୍ୟାରେ ମନ୍ଦିରର ଏହି କବାଟର ଝରକା ଭାଙ୍ଗିବା ସହ ଦୁର୍ବଳ ହୋଇପଡ଼ିଛି। ନିକଟରେ କାଳବୈଶାଖୀ ପ୍ରଭାବରେ କବାଟର ଚୋରା କବାଟ ଝରକା ଭାଙ୍ଗି ଦୁର୍ବଳ ହୋଇପଡ଼ିଛି। ପ୍ରତିବର୍ଷ ଶିବରାତ୍ରି ଅବସରରେ କବାଟରେ ଲାଗିଥିବା ପିତଳ ଚଦର ଅଂଶକୁ କେବଳ ସଫା କରାଯାଇ ଥାଏ। ଏହାର ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ମନ୍ଦିର ପ୍ରଶାସନ ଚୁପ୍ ବସିଛି। ଅନ୍ୟପଟେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) କବାଟ ମରାମତି ପାଇଁ ସମୟ ଗଡ଼ାଇ ଚାଲିଛି। ମନ୍ଦିର ପ୍ରଶାସନର ଅବହେଳାରୁ ବହୁ ସମସ୍ୟା ଉପୁଜୁଛି ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ଏହି କବାଟ ମରାମତିଲାଗି ସାଧାରଣରେ ଦାବିହେଉଛି।

## ସୃଜନଶୀଳ ଅର୍ଥନୀତି ବୃଦ୍ଧି ପାଇଁ ପରିବର୍ତ୍ତନ ଲୋଡ଼ା

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

**ମହିଳା କାରିଗରଙ୍କ ନିମନ୍ତେ ସ୍ୱତନ୍ତ୍ର ହାଟ ସ୍ଥାପନ ଦାବି**

ଓଡ଼ିଶାର ସୃଜନଶୀଳ ଅର୍ଥନୀତି ବୃଦ୍ଧି ନିମନ୍ତେ ଏକ ବ୍ୟବସ୍ଥିତ ପରିବର୍ତ୍ତନ ଆବଶ୍ୟକ। ହିତାଧିକାରୀଙ୍କ ସହ ରାଜ୍ୟ ସରକାରଙ୍କ ବାର୍ତ୍ତାଳାପ ରାଜ୍ୟର ସୃଜନଶୀଳ ଅର୍ଥନୀତିକୁ ବୃଦ୍ଧି କରିବ ବୋଲି ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ ମତ ଦେଇଛନ୍ତି। ଭଏସ୍ ଅଫ ଓଡ଼ିଶା, ଆର୍ଟିସିଆନ ପକ୍ଷରୁ ଆୟୋଜିତ ଅନଲାଇନ୍ କାର୍ଯ୍ୟକ୍ରମରେ ଯୋଗଦେଇ ଡ. ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ସ୍ଥାୟୀ ସହାୟତା ଉପଲବ୍ଧ ନ ଥିବାରୁ କୁଶଳୀ କାରିଗର ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ଆୟ ବୃଦ୍ଧି ଓ ଜୀବିକା ଅସ୍ଥାୟୀ ରହୁଛି। ସେମାନେ ଆଶା ଆଶଙ୍କାରେ କାଳାତିପାତ କରୁଛନ୍ତି। ତେଣୁ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରି ନୂତନ ରଣନୀତି ପ୍ରସ୍ତୁତି କରାଯିବା ଦରକାର। ଏଥିସହ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପ ସଂସ୍ଥା ଓ ସ୍ୱେଚ୍ଛାସେବୀମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ। ଜୁଟ୍ କ୍ରାଫ୍ଟ କ୍ଲଷ୍ଟରର ସଦସ୍ୟ ସ୍ମିତା ନାୟକ ଯୋଗଦେଇ ଉଚ୍ଚମାନର ଝୋଟ ଉତ୍ପାଦନ ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ଭୁବନେଶ୍ୱରରେ ମହିଳା କାରିଗରଙ୍କ ପାଇଁ ଏକାମ୍ର ହାଟ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳରେ ସ୍ୱତନ୍ତ୍ର ହାଟ ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେଶନର ଅକ୍ଷିତା ଭଞ୍ଜଦେଓ ଓଡ଼ିଶାରେ ଉତ୍ପାଦିତ ସାମଗ୍ରୀ ଅନଲାଇନ ମାଧ୍ୟମରେ କିଣାବିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ପ୍ରିୟରଞ୍ଜନ କର ଯୋଗଦେଇ ବୁଣାକାର ଓ କାରିଗରଙ୍କୁ କଞ୍ଚାମାଲ, ବଜାର ସୁବିଧା ଯୋଗାଇ ଦେବାକୁ କହିଥିଲେ। ସେହିପରି ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ସହିତ କରୋନା କାଳରେ ଆର୍ଥିକ ସହାୟତା ପାଇଁ ଦାବି ରଖିଥିଲେ। ଓଡ଼ିଶା ଗ୍ରାମୀଣ ଏବଂ ସହରୀ ଉତ୍ପାଦକ ସଂଘର ଅଶୋକ ସାହୁ, ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ-ଆକ୍ଟ ପକ୍ଷରୁ ବିପିନ୍ ବିହାରୀ ସାହୁ, ଓଡ଼ିଶା ବୁଣାକାର ମହାସଂଘର ସଭାପତି ରାମକୃଷ୍ଣ ମେହେର, ମୟୂରଭଞ୍ଜ ଫାଉଣ୍ଡେଶନର ନିର୍ଦ୍ଦେଶିକା ଏ.ଏମ୍ ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ଭିତ୍ତିଭୂମିରେ ଉନ୍ନତି ଆଣିବା ଦିଗରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ତାରିଣୀ ଫାଉଣ୍ଡେଶନର ପ୍ରତିଷ୍ଠାତା ସୀମା ତିୱାରୀ ପରିଚାଳନା କରିଥିଲେ।

## ଟିକା ନେଲେ ୧୯୦ ଖବରକାଗଜ ବିତରକ

**ଭୁବନେଶ୍ୱର, ୨୨।୬ (ବ୍ୟୁରୋ)**

ଭୁବନେଶ୍ୱରରେ ଟିକାକରଣକୁ ତ୍ୱରାନ୍ୱିତ କରିବା ସହ ସବୁ ବର୍ଗର ଲୋକଙ୍କୁ ସହଜରେ ଟିକା ପ୍ରଦାନ ନିମନ୍ତେ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏସନ୍, ମାଷ୍ଟରକ୍ୟାଣ୍ଟିନ ତତ୍ତ୍ୱାବଧାନରେ ବିଏମ୍‌ସି ପକ୍ଷରୁ ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟରେ ଖବରକାଗଜ ବିତରକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟିକାକରଣ ବ୍ୟବସ୍ଥା ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଟିକାକରଣ କରାଯାଇଥିଲା। ପ୍ରଥମ ଦିନରେ ୧୬୦ଜଣ ବିତରକ ଟିକା ନେଇଥିଲେ। ସେହିପରି ଚନ୍ଦ୍ରଶେଖରପୁର ଅଞ୍ଚଳର ୩୦ ଜଣ ବିତରକଙ୍କୁ ସପ୍ତମ ବାଟାଲିୟନ୍ ହାଇସ୍କୁଲରେ ଟିକା ପ୍ରଦାନ କରାଯାଇଥିଲା। ତେବେ ଅପରାହ୍ନରେ ବର୍ଷା ଲାଗିରହିଥିବାରୁ ଟିକାକରଣ ବାଧାପ୍ରାପ୍ତ ହୋଇଥିଲା। ତେଣୁ ଅନ୍ୟ ବିତରକଙ୍କୁ ବୁଧବାର ଦୁଇଟି ପର୍ଯ୍ୟାୟରେ ଟିକା ଦିଆଯିବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସି ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଭୁବନେଶ୍ୱର ୟୁନିଟ୍- ୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଟିକାକରଣ ଚାଲିଛି।

# ରାସ୍ତାରେ ଲହଡ଼ି ମାରିଲା ନାଳପାଣି

**ଏଯାଏ ସରିନି ଡ୍ରେନ୍ କାମ**

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**



ରାଜଧାନୀରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ବମିଖାଲ ରୋଡ୍ ଜଳାର୍ଣ୍ଣବ ହୋଇପଡ଼ିଛି।

ଅସରାଏ ବର୍ଷାରେ ରାଜଧାନୀ ରାସ୍ତା ବେହାଲ ହୋଇପଡ଼ିଛି। ମଙ୍ଗଳବାର ସ୍ମାର୍ଟ ସିଟିରେ ଏପରି ଚିତ୍ର ଦେଖିବାକୁ ମିଳିଥିଲା। ମୌସୁମୀ ପ୍ରଭାବରେ ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ଫଳରେ ଲକ୍ଷ୍ମୀସାଗର, ବମିଖାଲ, ରସୁଲଗଡ, ନୟାପଲ୍ଲୀ, ଜୟଦେବ ବିହାର ଆଦି ଅଞ୍ଚଳର ମୁଖ୍ୟରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ଦେଖାଯାଇଥିଲା। ନାଳ ପାଣି ଭାସି ଆସି ରାସ୍ତା ଉପରେ ଲହଡ଼ିମାରୁଥିଲା। ଫଳରେ ଗାଡ଼ି ଚଳାଇବା ଦୂରର କଥା ଚାଲିକରି ଯିବା ମଧ କଷ୍ଟକର ହୋଇପଡ଼ିଥିଲା। ଏପରି କି ରାସ୍ତା ପାର୍ଶ୍ୱରେ ରହିଥିବା ଗାଡ଼ିଗୁଡ଼ିକର କିଛି ଅଂଶ ବର୍ଷାପାଣିରେ ବୁଡି ରହିଥିଲା। କିଛି ଦିନ ତଳେ ବାତ୍ୟା ୟାସ୍‌ର ମୁକାବିଲା ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାସ୍ତା ପାର୍ଶ୍ୱରୁ ଅଳିଆ ଆବର୍ଜନା ହଟାଯିବା ସହ ନାଳଗୁଡ଼ିକୁ ସଫେଇ କରାଯାଇଥିଲା। ଆଗକୁ ବର୍ଷାଦିନ ଆସୁଥିବାରୁ ବିଏମ୍‌ସି ଏଭଳି ପଦକ୍ଷେପ ନେଉଥିବା କହିଥିଲା। ସହରର ତଳି ଅଞ୍ଚଳରେ ମୋଟର ପମ୍ପ ଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ମଧ ଖର୍ଚ୍ଚ ହୋଇଥିଲା। ମାତ୍ର ଏତେ ସବୁ ବ୍ୟବସ୍ଥା ପରେ ବି ସ୍ଥିତି ପୂର୍ବ ପରି ରହିଛି।

ଏ ସଂକ୍ରାନ୍ତରେ ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କୁ ପଚାରିବାରୁ କହିଛନ୍ତି, ଚଳିତବର୍ଷ ସେପରି କିଛି ଅସୁବିଧା ହେବ ନାହିଁ। ବମିଖାଲ, ଇସ୍କନ ମନ୍ଦିର ପାର୍ଶ୍ୱ ଏବଂ ଲକ୍ଷ୍ମୀସାଗର ଭଳି ୭ଟି ଅଞ୍ଚଳରେ କାମ ଚାଲିଛି। ଖୁବ୍‌ଶୀଘ୍ର କାମ ସବୁ ଶେଷ ହୋଇଯିବ। ବର୍ଷା ପାଇଁ ଏବେ ୨/୩ଦିନ ହେବ କାମ ବନ୍ଦ ରହିଛି। ତେଣୁ ଜୁନ୍ ଶେଷ ସୁଦ୍ଧା ସବୁ କାମ ସରିଯିବ। ଏହାବ୍ୟତୀତ ୨୭ଟି ଜଳମଗ୍ନ ସ୍ଥାନରେ ଷ୍ଟାଣ୍ଡବାଏ ଭାବେ ପମ୍ପସେଟ୍ ରଖାଯାଇଛି। ମୁଖ୍ୟ ଡ୍ରେନ୍‌ଗୁଡ଼ିକରେ ଯେପରି ପାଣି ଜମି ନ ରହିବ ସେଥିପାଇଁ ଆମେ ସ୍ୱତନ୍ତ୍ର ଦୃଷ୍ଟି ରଖିଛୁ। ତେବେ ଲକ୍ଷ୍ମୀସାଗର ଅଞ୍ଚଳରେ କାମ ସରିବା ପାଇଁ କିଛି ସମୟ ଲାଗିପାରେ। ନଚେତ୍ ଅନ୍ୟ ସ୍ଥାନଗୁଡ଼ିକରେ ଆଉ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜୁଲାଇରୁ ମୂଲ୍ୟ ବଢ଼ାଇବ ହିରୋ ମୋଟୋକର୍ପ

**ମୁମ୍ବାଇ,୨୨।୬:** ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ଜୁଲାଇରୁ ଏହାର ଯାନଗୁଡ଼ିକର ମୂଲ୍ୟ ପ୍ରାୟ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। କମୋଡିଟି ଖର୍ଚ୍ଚ ବଢ଼ିବା ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ଫଳରେ କମ୍ପାନୀର ମୋଟର ସାଇକେଲ ଏବଂ ସ୍କୁଟର ଏକ୍ସଶୋ'ରୁମ୍ ମୂଲ୍ୟରେ ପରିବର୍ତ୍ତନ ହେବ। ବିଭିନ୍ନ ମଡେଲ ଏବଂ ବଜାରର ଆଧାରରେ ମୂଲ୍ୟରେ କିଛିଟା ଭିନ୍ନତା ପରିଲକ୍ଷିତ ହୋଇପାରେ। ବର୍ତ୍ତମାନ କରୋନା ଯୋଗୁ ବଜାର ପ୍ରଭାବିତ ହୋଇଛି। ସେହିଭଳି ଇନ୍‌ପୁଟ୍ ଖର୍ଚ୍ଚ ବଢ଼ୁଥିବା ନଜରକୁ ଆସିଛି। ଫଳରେ କମ୍ପାନୀଗୁଡ଼ିକ ବାଧ ହୋଇ ଯାନ ଦର ବଢ଼ାଉଛନ୍ତି।

### ଭୁବନେଶ୍ୱର ଡାକ ମଣ୍ଡଳ ପକ୍ଷରୁ ଯୋଗ ଦିବସ

**ଭୁବନେଶ୍ୱର,୨୨।୬:** ଭୁବନେଶ୍ୱର ଡାକ ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଜିପିଓରେ ବୁକିଂ କରାଯାଇଥିବା ପ୍ରତ୍ୟେକ ଚିଠିରେ ଯୋଗ ରେଖାଙ୍କିତ ଏକ ବିଶେଷ ରଦ୍ଦୀକରଣ କରାଯାଇଥିଲା। ଏହି ବିଶେଷ ରଦ୍ଦୀକରଣକୁ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ କର୍ନେଲ ଜଲେଶ୍ୱର କହଁର ଭୁବନେଶ୍ୱର ଜିପିଓ ଫିଲାଟେଲିକ ବ୍ୟୁରୋରେ ଉନ୍ମୋଚନ କରିଥିଲେ। ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଥିଲା। ଓଡ଼ିଶା ଡାକ ପରିମଣ୍ଡଳର ନିର୍ଦ୍ଦେଶକ (ମୁଖ୍ୟାଳୟ) ଆଦିତ୍ୟ କୁମାର ନାୟକ, ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା, ବରିଷ୍ଠ ଡାକପାଳ ଜୁମ୍ବେଲ ମୁଣ୍ଡା, ସହନିର୍ଦ୍ଦେଶକ ସର୍ବେଶ୍ୱର ଚୌଧୁରୀ, ସହ ଅଧୀକ୍ଷକ ଦେବଦତ୍ତ ଜେନା, ଡାକ ନିରୀକ୍ଷକ ରଞ୍ଜନ କୁମାର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଡାକ ବିଭାଗ ପକ୍ଷରୁ ୮୧୦ ପ୍ରଧାନ ଡାକଘର ମାଧମରେ ଯୋଗ ଚିତ୍ରିତ ରେଖାଙ୍କନ ସହିତ ବିଶେଷ ରଦ୍ଦୀକରଣ କରାଯାଇଛି। ଭୁବନେଶ୍ୱରରେ ଥିବା ପ୍ରମୁଖ ଡାକଘରଗୁଡିକରେ ସମସ୍ତ କର୍ମଚାରୀ ଯୋଗାଭ୍ୟାସ କରିଥିଲେ।

# ପୁଣି ଫେରିବ ଜେଟ୍ ଏୟାରୱେଜ

**ନୂଆଦିଲ୍ଲୀ,୨୨।୬**




- ପୁନରୁଦ୍ଧାର ଯୋଜନାକୁ ଏନ୍‌ସିଏଲ୍‌ଟି ମଞ୍ଜୁରୀ
- ଶୀଘ୍ର ଜାରିହେବ ସ୍ଲଟ୍

ଭାରତୀୟ ବିମାନ ଶିଳ୍ପରେ ଜେଟ୍ ଏୟାରୱେଜର ଘରବାହୁଡ଼ା ନେଇ ପୁଣି ଥରେ ଆଶା ଜନ୍ମିଛି। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ମଙ୍ଗଳବାର ଏହି କମ୍ପାନୀର ପୁନରୁଦ୍ଧାର ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉକ୍ତ କମ୍ପାନୀ ଦେବାଳିଆ ହୋଇ ପଡ଼ି ରହିଥିଲା। ଏହାର ପୁନରୁଦ୍ଧାର ଲାଗି କାଲ୍‌ରାକ କ୍ୟାପିଟାଲ ଏବଂ ମୁରାରି ଲାଲ ଜଲାନ ଆଗ୍ରହ ଦେଖାଇଥିବା ବେଳେ ସେମାନଙ୍କ ଆବେଦନକୁ ମଞ୍ଜୁରୀ ମିଳିଛି। ଫଳରେ ଜେଟ୍‌ର ଉଡ଼ାଣ ନେଇ ରାସ୍ତା ଫିଟିଛି।

ବର୍ତ୍ତମାନ ବିମାନ ବନ୍ଦରଗୁଡ଼ିକରେ ସ୍ଲଟ୍ ପାଇବା ଲାଗି ଜେଟ୍ ଏୟାରୱେଜ ଅପେକ୍ଷାରେ ରହିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)କୁ ସ୍ଲଟ୍ ଦେବା ଲାଗି ଏନ୍‌ସିଏଲ୍‌ଟି ୯୦ ଦିନର ସମୟ ଦେଇଛନ୍ତି। ଡିଜିସିଏ ସ୍ଲଟ୍ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ଜେଟ୍ ଏୟାରୱେଜ ପାଇଁ ଇନ୍‌ସଲଭେନ୍ସି ରିଜୋଲ୍ୟୁଶନ ପ୍ରଫେସନାଲ ଆଶିଷ ଛାବରିଆ କହିଛନ୍ତି, ଏନ୍‌ସିଏଲ୍‌ଟିଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଖୁସି। ଡିଜିସିଏର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ଲାଗି କୌଣସି କାରଣ ନ ଥିବା ସେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରକାରୀଙ୍କ ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏନ୍‌ସିଏଲ୍‌ଟିଙ୍କ ଏଭଳି ନିଷ୍ପତ୍ତିର ବିଭିନ୍ନ ଦିଗକୁ ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିଚାର କରିବ।

ସ୍ଲଟ୍ ନେଇ ବର୍ତ୍ତମାନ ଡିଜିସିଏ ଏବଂ ମନ୍ତ୍ରଣାଳୟ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଫଳରେ ଜେଟ୍ ଏୟାରୱେଜ ନିଜର ପୁରୁଣା ସ୍ଲଟ୍ ଲାଗି ଦାବି କରିପାରିବ ନାହିଁ। ସ୍ଲଟ୍ ପାଇଁ ଗାଇଡ୍‌ଲାଇନର ହିଁ ଅନୁସରଣ କରାଯିବ। ସୂଚନା ମୁତାବକ, ଜେଟ୍ ଏୟାରୱେଜ ନୂଆ ବିମାନ ଲାଗି ବୋଇଂ ଏବଂ ଏୟାରବସ୍ ଭଳି କମ୍ପାନୀଗୁଡ଼ିକ ସହ ଆଲୋଚନା ଜାରି ରଖିଛି। କମ୍ପାନୀ ଏହାର ୧୧ ପୁରୁଣା ବିମାନକୁ ବାଦ୍ ଦେବାକୁ ଯୋଜନା ରଖିଛି। ଏହା ସ୍ଥାନରେ ଇନ୍ଧନ ଦକ୍ଷତା ଥିବା ବିମାନଗୁଡ଼ିକ ଲିଜ୍‌ରେ ନେବା ଲାଗି କମ୍ପାନୀ ଯୋଜନା ରଖିଛି। ସେହିଭଳି ପ୍ରତି ବିମାନ ଲାଗି କମ୍ପାନୀ ୫୦ରୁ ୭୦ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଚିନ୍ତା କରୁଥିବା ଏକ ଗଣମାଧ୍ୟମରେ ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ, ଆର୍ଥିକ ସଙ୍କଟ ଯୋଗୁ ଜେଟ୍ ଏୟାରୱେଜ ଏହାର ସମସ୍ତ ବିମାନ ଉଡ଼ାଣକୁ ବନ୍ଦ କରିଦେଇଥିଲା। ଜେଟ୍ ନିକଟରେ ମୋଟ ୧୨୦ ଫ୍ଲାଇଟ ରହିଥିଲା। ମାତ୍ର କମ୍ପାନୀ ବନ୍ଦ ହେବା ବେଳକୁ ଏହା ନିକଟରେ ୧୬ ଫ୍ଲାଇଟ ରହିଥିଲା।

# ନୂଆ ରେଞ୍ଜ ଉପରେ ରେଡ୍ ଚିଫ୍‌ର ଫୋକସ୍

**ନୂଆଦିଲ୍ଲୀ,୨୨।୬**




ପ୍ରମୁଖ ଜୋତା ପ୍ରସ୍ତୁତକାରୀ କମ୍ପାନୀ ରେଡ୍ ଚିଫ୍ ପକ୍ଷରୁ ନୂଆ ରେଞ୍ଜର ପ୍ରଡକ୍ଟ ଉପରେ ଫୋକସ୍ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ରିଟେଲ ବିଭାଗ ଉପସଭାପତି ରମନ କୁମାର କହିଛନ୍ତି, ଲକ୍‌ଡାଉନ କଟକଣା କୋହଳ ହେଉଥିବାରୁ କମ୍ପାନୀର ବ୍ରାଣ୍ଡ ଷ୍ଟୋରଗୁଡିକ ଧୀରେ ଧୀରେ ଖୋଲୁଛି। ସ୍ଥାନୀୟ ପ୍ରଶାସନ ସହଯୋଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଗ୍ରାହକଙ୍କ ଆଗମନ ବର୍ତ୍ତମାନ ବଢୁଛି। ଗ୍ରାହକଙ୍କ ପାଇଁ ନୂଆ କଲେକ୍ସନ ଯୋଡ଼ାଯାଉଛି। ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରେ ନୂଆ ଷ୍ଟୋରମାନ ଖୋଲାଯାଉଛି। ରେଡ୍ ଚିଫ୍‌ର ନିଜସ୍ୱ ୱେବ୍‌ସାଇଟ ଦ୍ୱାରା ଲୋକଙ୍କଠାରୁ ଅର୍ଡର ଗ୍ରହଣ ଏବଂ ଠିକ୍ ସମୟରେ ଏହାର ଡେଲିଭରି କରାଯାଉଛି। ସେହିଭଳି କମ୍ପାନୀର ବିତରକ ଏବଂ ରିଟେଲରମାନେ ମଧ ସେମାନଙ୍କ କାରବାର ଖୋଲିଲେଣି। କୋଭିଡ୍ କଟକଣାକୁ ମାନି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ଆଗାମୀ କିଛି ସପ୍ତାହ ମଧ୍ୟରେ ବିକ୍ରି ଚ୍ୟାନେଲ ସମ୍ପୂର୍ଣ୍ଣ ଭାବେ ଖୋଲିଯିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

# ଇନ୍‌ଫୋସିସ୍ ଅଧିକାରୀଙ୍କୁ ଭେଟିଲେ ସୀତାରାମନ

**ନୂଆଦିଲ୍ଲୀ,୨୨।୬**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଇନ୍‌ଫୋସିସ୍ ଅଧିକାରୀଙ୍କୁ ଭେଟିଛନ୍ତି। ଆୟକର ବିଭାଗର ନୂଆ ଇ-ଫାଇଲିଂ

**ଇ-ଫାଇଲିଂ ପୋର୍ଟାଲ ସମସ୍ୟାର ସମୀକ୍ଷା କଲେ**



ପୋର୍ଟାଲରେ ରହିଥିବା ସମସ୍ୟା ନେଇ ସେ ଏହି ଅବସରରେ ସମୀକ୍ଷା କରିଛନ୍ତି। ସୀତାରାମନଙ୍କ ସମେତ ବୈଠକରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର, ରାଜସ୍ୱ ସଚିବ ତରୁନ ବଜାଜ, ସିବିଡିଟି ଅଧକ୍ଷ ଜଗନ୍ନାଥ ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ନୂଆ ଆଇଟି ଫାଇଲିଂ ପୋର୍ଟାଲକୁ ଇନ୍‌ଫୋସିସ୍ ପ୍ରସ୍ତୁତ କରିଛି। ଏଥିରେ ଲୋକମାନେ ବିଭିନ୍ନ ସମସ୍ୟା କରିବାରୁ ଟୁଇଟ ଯୋଗେ ନିଜର ଅସନ୍ତୋଷ ଜାହିର କରିଥିଲେ। ଲୋକମାନଙ୍କ ସମସ୍ୟା ଦୂରୀକରଣ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୀତାରାମନ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ପୋର୍ଟାଲରେ ରହିଥିବା ସମସ୍ୟା ତୁରନ୍ତ ସମାଧାନ ଲାଗି ଚିନ୍ତା କରାଯାଉ ବୋଲି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ କୁହାଯାଇଛି।

## ଟିଡିଏସ୍ ପାଇଁ ଆୟକର ବିଭାଗର ନୂଆ ଟୁଲ୍

**ନୂଆଦିଲ୍ଲୀ,୨୨।୬**

ଟାକ୍ସ ଡିଡକ୍ସନ ଆଟ୍ ସୋର୍ସ (ଟିଡିଏସ୍) ପାଇଁ ଆୟକର ବିଭାଗ ପକ୍ଷରୁ ନୂଆ ଟୁଲ୍ ବ୍ୟବସ୍ଥା କରାଯାଇଛି। ଜୁଲାଇ ପହିଲାରୁ ଯେଉଁ ବ୍ୟକ୍ତି ଅଧିକ ଟିଡିଏସ୍ ଦେବେ ସେମାନଙ୍କୁ ଏହା ଚିହ୍ନଟ କରିବ। ନୂଆ ଟୁଲ୍ ଟିଡିଏସ୍ ଡିଡକ୍ଟର ଏବଂ ଟିସିଏସ୍ କଲେକ୍ଟରଙ୍କୁ ସହାୟତା କରିବ। ଗତ ୨ ଆର୍ଥିକ ବର୍ଷରେ ଆୟକର ରିଟର୍ନ ଫାଇଲ କରି ନ ଥିବା ବ୍ୟକ୍ତିଙ୍କଠାରୁ ଅଧିକ ପରିମାଣର ଟିଡିଏସ୍ ଏବଂ ଟିସିଏସ୍ ଆଦାୟ କରିବା ଲାଗି ବଜେଟରେ ଘୋଷଣା କରାଯାଇଥିଲା। ଏହି ଅବଧିରେ ଗୋଟିଏ ବର୍ଷରେ ଟିଡିଏସ୍ ଏବଂ ଟିସିଏସ୍ ପରିମାଣ ୫୦ ହଜାର କିମ୍ବା ଏହାଠାରୁ ଅଧିକ ହୋଇଥିବା କ୍ଷେତ୍ରରେ ଏଭଳି ନିୟମ ଲାଗୁ କରିବାକୁ କୁହାଯାଇଥିଲା। ସୋମବାର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଭୁବନେଶ୍ୱର ଷ୍ଟେଶନରେ 'ଆମ୍ବା' ମେଶିନ ସ୍ଥାପନ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

**ପିପିଏଲ୍ ପକ୍ଷରୁ ମେଶିନ ପ୍ରଦାନ**

- ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ ସହ ମାସ୍କ ଓ ଟିକେଟ ଯାଞ୍ଚ କରିବ
- ଶୀଘ୍ର ପୁରୀ, ଯାଜପୁର-କେନ୍ଦୁଝର ରୋଡ୍‌ରେ କାର୍ଯ୍ୟକ୍ଷମ ହେବ




କୋଭିଡ୍ ମହାମାରୀ ସଂକ୍ରମଣ ରୋକିବା ପାଇଁ ଭୁବନେଶ୍ୱର ରେଳଷ୍ଟେଶନରେ ମଙ୍ଗଳବାର ଠାରୁ ଅଟୋମେଟିକ ଟିକେଟ ଚେକିଂ ଆଣ୍ଡ୍ ମ୍ୟାନେଜିଂ ଆକ୍ସେସ୍ (ଆମ୍ବା) କାର୍ଯ୍ୟକ୍ଷମ ହୋଇଛି। ଏହା ସାମାଜିକ ଦୂରତା ନିୟମ ଅନୁଯାୟୀ ଷ୍ଟେଶନରେ ଯାତ୍ରୀଙ୍କୁ ପ୍ରବେଶ ଅନୁମତି ଦେବା ସହ ଥର୍ମାଲ ସ୍କ୍ରିନିଂ ଓ ଟିକେଟ ଯାଞ୍ଚ କରିବ। ଉଭୟ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ମେଶିନ ସ୍ଥାପନ କରାଯାଇଛି। ଫଳରେ ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟରେ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷିତ ଦୂରରୁ ଟିକେଟ୍ ଯାଞ୍ଚ କାର୍ଯ୍ୟ ହୋଇପାରିବ। ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍ (ପିପିଏଲ୍) କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ସ୍କିମ୍‌ରେ ଏହି 'ଆମ୍ବା' ବ୍ୟବସ୍ଥା ସଂସ୍ଥାପନ କରାଯାଇଛି। ଏଥିରେ ୪ଟି ବୈଶିଷ୍ଟ୍ୟ ରହିଛି। ଆଇଆର୍‌ସିଟିସି ଆଧାରିତ ଟ୍ରେନ୍ ଟିକେଟ୍‌ର କ୍ୟୁଆର୍ କୋଡ୍ ସ୍କାନ୍ ପାଇଁ ବାର୍ କୋଡ୍ ସ୍କାନର୍, ଷ୍ଟେଶନରେ ପ୍ରବେଶ କରୁଥିବା ଯାତ୍ରୀଙ୍କ ଟିକେଟ ପିଏନ୍‌ଆର୍ ନମ୍ବର ଘୋଷଣା ଲାଗି ଏକ ସ୍ପିକର, ତାପମାତ୍ରା ମପାଯିବା ନିମନ୍ତେ ଏକ ତାପମାତ୍ରା ସ୍କାନର୍ ଏବଂ ଯାତ୍ରୀ ମାସ୍କ ପିନ୍ଧିଛନ୍ତି କି ନାହିଁ ନିଶ୍ଚିତ କରିବା ପାଇଁ ଏକ କ୍ୟାମେରା ରହିଛି। ନିୟୋଜିତ ଟିକେଟ୍ ଯାଞ୍ଚ କର୍ମଚାରୀମାନେ ଯାତ୍ରୀଙ୍କଠାରୁ ନିରାପଦ ଦୂରତ୍ୱରୁ ସମସ୍ତ ୪ଟି ପାରାମିଟରକୁ ଯାଞ୍ଚ କରିପାରିବେ। ଫଳରେ ଅଧିକୃତ ଯାତ୍ରୀମାନେ ରେଳଷ୍ଟେଶନରେ ପ୍ରବେଶ କରିପାରିବେ ଏବଂ କୋଭିଡ୍-୧୯ ସଂକ୍ରମଣର ବୃଦ୍ଧିରେ ରୋକ ଲଗାଇବାରେ ଏହା ବିଶେଷ ସହାୟକ ହେବ। ଏଭଳି ଆଉ ୨ଟି ମେଶିନ ମଧ୍ୟରୁ ଗୋଟିଏ ପୁରୀ ଏବଂ ଅନ୍ୟଟି ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଆଗାମୀ ଦିନରେ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଚାଇନାରେ କୁକୁର ମାଂସ ଉତ୍ସବ

**ବେଜିଂ:** ସାରା ବିଶ୍ୱ ମହାମାରୀ କରୋନା ସହ ଲଢୁଥିବା ବେଳେ ଚାଇନା ସମ୍ବେଦନହୀନ ଦେଶ ଭାବେ ନିଜର ଖାଦ୍ୟପେୟ ଶୈଳୀ ବଦଳାଉନାହିଁ। ଏବେ ଦେଶରେ 'ଡଗ୍ ମିଟ୍ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଏହାର ବିରୋଧ କରାଯାଉଥିଲେ ହେଁ ଚାଇନା ଉପରେ କୌଣସି ପ୍ରଭାବ ପଡୁନାହିଁ। ଦେଶର ୟୁଲିନ ଅଞ୍ଚଳରେ ଦଶଦିନ ବ୍ୟାପୀ 'ଡଗ୍ ମିଟ୍ ଫେଷ୍ଟିଭାଲ' ବା କୁକୁର ମାଂସ ଦିବସ ପାଳନ କରାଯାଇଥାଏ। ଏଥିରେ କ୍ରୁରତାର ସହ ହଜାର ହଜାର ସଂଖ୍ୟାରେ କୁକୁରଙ୍କୁ ମାରି ମାଂସ ଭୋଜି କରାଯାଏ। ଦେଶର ବିଭିନ୍ନ ପ୍ରାନ୍ତରୁ ଏଠାକୁ କୁକୁରମାନଙ୍କୁ ଅଣାଯାଇଥାଏ। ସେମାନଙ୍କୁ ଲୁହା ପଞ୍ଜୁରୀରେ ଅନେକ ଦିନ ଭୋକିଲା ରଖି ମାରିଦିଆଯାଏ। ଉତ୍ସବକୁ ନେଇ ଏଠାକାର ହୋଟେଲ ମଧ ବୁକ୍ ହୋଇଯାଇଥାଏ। ଜୀବିତ କୁକୁରକୁ ତେଲରେ ପକାଇ ଛଣା ଯାଇଥାଏ। ଏହାକୁ ଖାଇବାକୁ ଲୋକଙ୍କ ଭିଡ ଜମିଥାଏ। ଏପରି ଉତ୍ସବ ପାଳନ କରିବା ଅନୁଚିତ ବୋଲି ପ୍ରାଣୀ ବିଶେଷଜ୍ଞ ମତ ରଖିବା ସତ୍ତ୍ୱେ ଚାଇନାବାସୀ କିନ୍ତୁ ଏଭଳି ଉତ୍ସବ ପାଳନରୁ ବିରତ ରହୁନାହାନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତରେ ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
*T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଫୁରସତ୍

# ସାଥୀ ବିନା ଜୀବନ ସଂଘର୍ଷମୟ

ଆତ୍ମୀୟଙ୍କୁ ହରାଇବା କାହାପାଇଁ ବି ସହଜ ନୁହେଁ। ଯଦି ହରାଉଥିବା ମଣିଷ ଜୀବନ ସାଥୀ ହୋଇଥାଆନ୍ତି ତେବେ ବଞ୍ଚିବା ଆହୁରି କଷ୍ଟକର ହୋଇଯାଏ। ବିଶେଷକରି ମହିଳାଙ୍କ ଜୀବନରେ ଏହା ଆଣିଦେଇଥାଏ ଦାରୁଣ ଦୁଃଖ। ସଂଘର୍ଷମୟ ରାସ୍ତାରେ ସେମାନଙ୍କୁ ଚାଲିବାକୁ ପ୍ରସ୍ତୁତ ହେବାକୁ ପଡ଼େ। ସମ୍ମାନ, ଅଧିକାର ସହ ମୌଳିକ ଆବଶ୍ୟକତା ପୂରଣ ସକାଶେ ସଂଗ୍ରାମ କରିବାକୁ ହୁଏ। ବିଧବାଙ୍କ ଜୀବନ ସହଜ କରିବାକୁ ଓ ହକ୍‌ଦାର ଥିବା ଅଧିକାରରୁ ସେମାନଙ୍କୁ ବଞ୍ଚିତ ନ କରିବାକୁ ପ୍ରତିବର୍ଷ ଜୁନ୍ ୨୩ରେ ସାରା ବିଶ୍ୱରେ ପାଳିତ ହେଉଛି ଅନ୍ତର୍ଜାତୀୟ ବିଧବା ଦିବସ । ସେହି ମହିଳାମାନେ ମଧ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ସେମାନଙ୍କ ଅସୁବିଧା ଦୂର କରିବା ଏକ ଗୁରୁଦାୟିତ୍ୱ ତାହା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।



ସାଥୀ ବିନା ଜୀବନ ଶବ୍ଦରେ ଅବର୍ଣ୍ଣନୀୟ। ସେହି ଅକୁହା ଦୁଃଖକୁ ଆଜୀବନ ବୋହି ଚାଲିଥିବା ଜଣେ ମହିଳାଙ୍କ ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ, ସହଜ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୩ରେ ପାଳନ ହୋଇଥାଏ ଅନ୍ତର୍ଜାତୀୟ ବିଧବା ଦିବସ। ୨୦୨୦ର ଏକ ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ରାୟ ୨୫୮ ମିଲିୟନ ବା ୨୫ କୋଟି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସେମାନଙ୍କ ସ୍ୱାମୀଙ୍କୁ ହରାଇଛନ୍ତି। ସେଥିମଧ୍ୟରୁ ପ୍ରତି ୧୦ ଜଣରେ ଜଣେ ଅତି ଗରିବ। ଅନେକେ ସେମାନଙ୍କ ମୌଳିକ ଅଧିକାର ଓ ସମ୍ମାନରୁ ବଞ୍ଚିତ। ଏଥିସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅନେକେ ସଂଘର୍ଷରତ ଥିବାବେଳେ ପିଲାମାନଙ୍କୁ ଏକାକୀ ମଣିଷ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ତେଣୁ ଏଭଳି ଅସୁବିଧା ଦୂର କରି ସେମାନଙ୍କୁ ସମସ୍ତ ମୌଳିକ ଅଧିକାର ଯୋଗାଇଦେବା ସହ ସମାଜରେ ସ୍ୱାମୀହରାଙ୍କ ଜୀବନ ସୁରକ୍ଷିତ କରିବା ହେଉଛି ଏହି ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ।

### ବିଧବାଙ୍କ ଅଧିକାର ପାଇଁ ଦିନଟିଏ

ଜାତିସଂଘର ସାଧାରଣ ସଭାରେ ୨୦୧୦ ଡିସେମ୍ବର ୧୦ରେ ଜୁନ୍ ୨୩କୁ ଅନ୍ତର୍ଜାତୀୟ ବିଧବା ଦିବସର ମାନ୍ୟତା ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଲୁମ୍ବା ଫାଉଣ୍ଡେଶନ ଶ୍ରୀମତୀ ପୁଷ୍ପାବତୀ ଲୁମ୍ବାଙ୍କ ସ୍ମୃତିରେ ଏହି ଦିବସ ପାଳନ କରୁଥିଲା। ପୁଷ୍ପାବତୀ ଲୁମ୍ବା ୧୯୫୪ରେ ଉକ୍ତ ଦିନରେ ନିଜ ସ୍ୱାମୀଙ୍କୁ ହରାଇଥିଲେ। ବିଧବା ଏବଂ ସେମାନଙ୍କ ପିଲାମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କ ପ୍ରତି ଭେଦଭାବ କରୁଥିବା ସଂସ୍କୃତିକୁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଲୁମ୍ବା ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ପୁଷ୍ପବତୀଙ୍କ ପୁଅ ଲର୍ଡ ଲୁମ୍ବା ଏହି ଦିବସ ପାଳନକୁ ଗୁରୁତ୍ୱ ଦେଇଥିଲେ। ଭାରତର ପଞ୍ଜାବରେ ଜନ୍ମିତ ରାଜିନ୍ଦର ପଲ୍ ଲୁମ୍ବା ଓରଫ ଲର୍ଡ ଲୁମ୍ବା ବର୍ତ୍ତମାନ ବ୍ରିଟେନ ପାର୍ଲାମେଣ୍ଟ ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ଅଛନ୍ତି।

## ଭଉଣୀଙ୍କ ନାଁରେ ଟାଟୁ


ଅର୍ଜୁନ କପୁର

**ମୁମ୍ବାଇ:** ବଲିଉଡ ଅଭିନେତା ଅର୍ଜୁନ କପୁର ତାଙ୍କ ହାତରେ 'ଏ' ଲେଖାଥିବା ଏକ ଟାଟୁ କରିଛନ୍ତି। ଯାହାର ଏକ ଭିଡିଓ ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି। ଅର୍ଜୁନ ତାଙ୍କ ଭଉଣୀ ଅଂଶୁଲା କପୁରଙ୍କ ନାଁ 'ଏ' ଟାଟୁ କରିଛନ୍ତି। ଏହି ପୋଷ୍ଟରେ କ୍ୟାପଶନ୍ ଦେଇ କହିଛନ୍ତି ଅଂଶୁଲା 'ଲଭ ୟୁ'। ଅର୍ଜୁନ ବଲିଉଡରେ ଏକ ଦଶନ୍ଧି ପୂରଣ କରିଛନ୍ତି। ଅର୍ଜୁନ ୨୦୧୨ରେ ଫିଲ୍ମ 'ଇଶକ୍‌ଜାଦେ'ରୁ ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



୰ ଦ୍ୱିତୀକୃଷ୍ଣ ଦେଓ
କିସିଣ୍ଡା, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୧୨.୦୯.୧୯୪୫
ତିରୋଧାନ- ୧୩.୦୬.୨୦୨୧
ପ୍ରାୟତଃ ଦ୍ୱିଦଶନ୍ଧି ପୂର୍ବରୁ ଯେଉଁ କେତେ ଜଣ ସ୍ମରଣୀୟ ବ୍ୟକ୍ତି ବିଶେଷଙ୍କର କଠୋର ଅଧ୍ୟବସାୟ, ଅସିମ ଧର୍ଯ୍ୟ ଓ ତ୍ୟାଗ ଫଳରେ କିସିଣ୍ଡା ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ମହାବିଦ୍ୟାଳୟର ପରିଚାଳନା କମିଟି ପୂର୍ବତନ ସମ୍ପାଦକ ଦ୍ୱିତୀକୃଷ୍ଣ ଦେଓ ଅନ୍ୟତମ । ତାଙ୍କ କର୍ତ୍ତବ୍ୟବୋଧ, ନିଷ୍ଠା ଏବଂ ସର୍ବୋପରି ଅନୁନ୍ନତ ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ପ୍ରେରଣାଦାୟୀ ଉଦ୍ୟମ ଚିରସ୍ମରଣୀୟ ଅଟେ । ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମରଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ, ଏହା ହିଁ କାମନା ।
-: ଶୋକସନ୍ତପ୍ତ :-
କିସିଣ୍ଡା ମହାବିଦ୍ୟାଳୟ ଅଧକ୍ଷା ଏବଂ ସମସ୍ତ କର୍ମଚାରୀବୃନ୍ଦ ।
ଧ-୨୦୯୨୭

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



୰ସୌଭାଗ୍ୟଲକ୍ଷ୍ମୀ ପାତ୍ର
ବାଲିଅନ୍ତା (ଡାମରା)
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୨୮।୦୫।୨୦୧୮
ଆଜି ଆପଣଙ୍କର ତୃତୀୟ ଶ୍ରାଦ୍ଧ ବାର୍ଷିକ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ ।
ଧ-୨୦୯୨୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଉଗ୍ରେସନ ବାରିକ
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଅପାସୋରା। ଦୂରରେ ନୁହେଁ ଆପଣ ଆମ ପାଖରେ ଅଛନ୍ତି। ଆମ୍ଭ ଜୀବନର ଶେଷ ପର୍ଯ୍ୟନ୍ତ ଆପଣଙ୍କ କରୁଣା ଓ ଆଶୀର୍ବାଦ ଅତୁଟ ରହୁ। ଆପଣ ଶାନ୍ତିରେ ରହନ୍ତୁ, ଏତିକି ହିଁ କାମନା
ଶୁଭେଚ୍ଛା ସହ: କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ, ସପରିବାରବର୍ଗ ।
ଧ-୨୦୯୩୦

**ଏକାଦଶାହ ସ୍ମୃତିରେ**



୰ସଂଯୁକ୍ତା ପାଳ
ଜନ୍ମଭୂମି: ରାସୋର, କଳିଙ୍ଗା
ଶାଶୁଘର: ମହାପଦା
ଆବିର୍ଭାବ: ୦୯।୦୬।୧୯୮୨
ତିରୋଧାନ: ୧୩।୦୬।୨୦୨୧
ଅଲିଅଳ ପୁତ୍ର- ବୁଝେଇ ଯାଇଛ ଆକାଶରେ ତାରା ହୋଇ ଫଟୋରେ ଦେଖିବୁ ମୋତେ ନପାଇବୁ ନାନୀ ପାଖେ ପଢ଼ ଯାଇ, ବାପା ପାଖେ ରହ ତୁହି। ମୋ ସୁନା ଭାଉଜ ସୁନା, ରୁପା ମୁହଁ ଦେଖିନାହିଁ ତୋତେ ଦେଖି ଲାଗେ ଚବିଶ କ୍ୟାରେଟ୍ ସୁନା ତୁହି ସଂସ୍କାରିତ ତୁମେ ମାର୍ଜିତ ରୂପେ ପ୍ରତି ଗୁଣମାନ ଥିଲ ବହି ।
-ଇତି:-ଶୋକସନ୍ତପ୍ତ ପରିବାର ଓ ଆଦରର ପୁତ୍ର ଜଗନ୍
ଧ-୭୦୩୨୮

## ବର୍ଷାଦିନିଆ ପନିପରିବା



ବର୍ଷାଦିନେ ସାଧାରଣତଃ କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ, ବାଇଗଣ ସମେତ ବର୍ଷାଦିନିଆ ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

## ମକା ବିହନ ବୁଣୁଥିଲେ...



ମକା ଚାଷ ପାଇଁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

## ହଳଦୀ ଚାଷ ଲାଗି ପଟାଳି



ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର ,୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସଫରସ, ୩୬କି.ଗ୍ରା. ପଟାସ ତିନିଥରରେ ଦିଅନ୍ତୁ।

# ଉନ୍ନତ ଫସଲ ଚାଷ



ପ୍ର. ସୁବୋଧ କୁମାର ସାହୁ







ବର୍ଷାଜଳ କିମ୍ବା ମୃତ୍ତିକାରେ ସଂରକ୍ଷିତ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ବିନା ଜଳସେଚନରେ ଚାଷ ହେଉଥିବା ଜମିକୁ ବର୍ଷାଧାରା ଜମି କୁହାଯାଏ। ଓଡିଶାର ପ୍ରାୟ ୬୦ ଶତକଡା ଜମି ବର୍ଷାଧାରା। ବର୍ଷାଧାରା ଜମିର ମାଟି ଲାଲ, ମାଙ୍କଡା ପଥର, ମିଶ୍ରିତ ଲାଲ ଏବଂ ହଳଦିଆ, ମିଶ୍ରିତ ଲାଲ ଏବଂ କଳା ଓ କଳା କିସମର। ରାଜ୍ୟର ଖୋର୍ଦ୍ଧା, କଟକ, ନୟାଗଡ, ଦେବଗଡ, କଳାହାଣ୍ଡି, ନୂଆପଡା , ବଲାଙ୍ଗୀର ଏବଂ ଗଜପତି ଜିଲାରେ ଉପରୋକ୍ତ କିସମର ମୃତ୍ତିକା ବିକ୍ଷିପ୍ତ ଭାବେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଏସବୁ ମାଟି ବାଲିଆ ଦୋରସା ଏବଂ କର୍ଦ୍ଦମ ଦୋରସା। ମାଟିର ସଂରଚନା ଫଳକାକୃତି। ଜମିଗୁଡିକ ଗଡାଣିଆ ଏବଂ ଢାଲୁ କିସମର। ବର୍ଷାଜଳ ଢାଲୁର ଅନୁକୂଳରେ ବହିଯାଇ ନିମ୍ନରେ ଥିବା ଖାଲଜମି କିମ୍ବା ନିକଟସ୍ଥ ନାଳରେ ମିଶେ। ଜମିର ଉର୍ବର ଉପର ମାଟି ସହ ମାଟିର ଚୂନ ଅଂଶ ବର୍ଷାଜଳରେ ଧୋଇଯାଇ ମାଟି ଅନୁର୍ବର ହୁଏ। ଚୂନ ବା କ୍ୟାଲସିୟମର ସ୍ଥାନ ଉଦ୍‌ଜାନ ନେଇ ମାଟିକୁ ଅମ୍ଳକରେ। ତେଣୁ ବର୍ଷାଧାରା ଜମିର ମାଟି ଅମ୍ଳ। ଅବଶ୍ୟ, କଳା ଓ ମିଶ୍ରିତ ଲାଲ ଏବଂ କଳାମାଟି ସ୍ୱଳ୍ପ ଅମ୍ଳ ଅର୍ଥାତ ଏହି ମାଟିର ପିଏଚ୍ ୫.୮ ରୁ ୬.୩ ମଧ୍ୟରେ। ବର୍ଷାଧାରା ଜମିର ମାଟିରୁ ଦ୍ରବୀଭୂତ ଲବଣ ଧୋଇ ହୋଇ ଯାଉଥିବାରୁ, ଏହାର ପରିମାଣ କମ୍ ଥାଏ। ତେଣୁ ବୁଣାଯାଇଥିବା ମଞ୍ଜି ଗଜା ହେବାରେ କୌଣସି ବାଧା ଆସେନାହିଁ। କିନ୍ତୁ ବର୍ଷା ପରେ ମାଟି ଉପରେ ସର ପଡିବା ଭଳି ଏକ ପତଳା ମାଟିର ଆସ୍ତରଣ ସୃଷ୍ଟି ହୁଏ। ଏହାଦ୍ୱାରା ଗଜା ହୋଇଥିବା ମଞ୍ଜି ମାଟି ଉପରକୁ ଆସି ନ ପାରି ନଷ୍ଟ ହୁଏ। ବର୍ଷାଧାରା ଅଞ୍ଚଳରେ ବର୍ଷକୁ ୮୦୦ ମିଲିମିଟରରୁ କମ୍ ବର୍ଷା ହୁଏ। କିନ୍ତୁ ସୂର୍ଯ୍ୟାଲୋକ ଅଧିକ ଥିବାରୁ ମାଟିର ଜୈବ ଅଙ୍ଗାର ଜାରିତ ହୋଇ ନଷ୍ଟ ହୁଏ। ଫଳରେ ଉକ୍ତ ମାଟିରେ ଜୈବ ଅଙ୍ଗାର ଭାଗ ସ୍ୱଳ୍ପ। ଲାଲ ଏବଂ ମାଙ୍କଡା ପଥର ମାଟି ଅଧିକ ଅମ୍ଳ ହୋଇଥିବାରୁ ଉକ୍ତ ମାଟିରେ ବିନିମୟ ଆଲୁମିନିୟମ ଏବଂ ଦ୍ରବଣୀୟ ଲୁହାଭାଗ ଅଧିକ ଥାଏ; ଯଦ୍ଦାରା ମାଟିର ସୁଲଭ ଫସପେଟ ଆଲୁମିନିୟମ ଏବଂ ଦ୍ରବଣୀୟ ଲୁହାଭାଗ ସହ ବାନ୍ଧି ହୋଇ ଫସଲକୁ ଗ୍ରହଣ ଯୋଗ୍ୟ ହୁଏ ନାହିଁ। ତେଣୁ ବର୍ଷାଧାରା ଜମିରେ ସୁଲଭ ଫସଫେଟ ଭାଗ ଯଥେଷ୍ଟ କମ୍‌ଥାଏ। ମାଟି ଅମ୍ଳ ହୋଇଥିବାରୁ ଫସଲର ଗୌଣ ଖାଦ୍ୟ କ୍ୟାଲିସିୟମ ଏବଂ ମ୍ୟାଗ୍ନେସିୟମର ଅଭାବ ଥାଏ। ବର୍ଷାଧାରା ଜମିର ମାଟି ହାଲୁକା ଏବଂ ବାଲିଆ ଦୋରସା କିସମ ଯୋଗୁଁ ଟାଙ୍ଗଣା ଧୋଇ ହୋଇ ଭୂଗର୍ଭକୁ ବହିଯାଇ ଉକ୍ତ ଅଣୁ ଖାଦ୍ୟ ଉପାଦାନର ଅଭାବ ମାଟିରେ ଦେଖାଯାଏ। ବର୍ଷାଧାରା ଅମ୍ଳ ମାଟିରେ ମଲିବଡେନମ୍ ଅଣୁସାର ଦ୍ରବଣୀୟ ଲୁହାସହ ବାନ୍ଧି ହୋଇ ଫସଲକୁ ଗ୍ରହଣ ଯୋଗ୍ୟ ହୁଏ ନାହିଁ। ଏଭଳି ଜମିର ମାଟିରେ ଅନେକ ମୁଖ୍ୟ ଗୌଣ ଏବଂ ଅଣୁ ଖାଦ୍ୟ ଉପାଦାନ ଅଭାବ ଥିବାବେଳେ ଉକ୍ତ ମାଟିର ଜଳଧାରଣ ଶକ୍ତି ଯଥେଷ୍ଟ କମ୍। ତେଣୁ ବର୍ଷାଧାରା ଜମିର ମାଟି ଅନୁର୍ବର।

ବର୍ଷାଧାରା ଅଞ୍ଚଳରେ ବର୍ଷାର କୌଣସି ସ୍ଥିରତା ନ ଥାଏ। ମୌସୁମୀ ବର୍ଷା ବିଳମ୍ବରେ ଆସିଲେ ଚାଷ କାମ ପଛାଇଯାଏ। ଠିକ୍ ସମୟରେ ବର୍ଷା ନ ହେଲେ ମାଟିରେ ପାଗ ଅଭାବରୁ ଠିକ ସମୟରେ ମଞ୍ଜି ବୁଣା ଯାଇ ପାରେନାହିଁ। ଫସଲର ଅଭିବୃଦ୍ଧି ସମୟରେ ମୌସୁମୀ ବର୍ଷା ଅପସରି ଗଲେ ଫସଲକୁ ମରୁଡି ବାଧେ। ଅନ୍ୟପକ୍ଷରେ ଏକକାଳୀନ ଅଧିକ ବର୍ଷା ହେଲେ ବୁଣା ମଞ୍ଜି ଏବଂ ଗଜା ହୋଇଥିବା ମଞ୍ଜି ଡାଲୁ ଜମିରୁ ଧୋଇହୋଇ ନଷ୍ଟ ହୁଏ। ଉପରୋକ୍ତ କାରଣ ଯୋଗୁଁ ବର୍ଷାଧାରା ଜମିରେ ଚାଷ, ସମସ୍ୟା ବହୁଳ। ତେଣୁ ଉକ୍ତ ଚାଷରୁ ସ୍ଥିର ଅମଳ ପାଇବା ପାଇଁ ଚାଷୀଙ୍କୁ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡିବ। ନିମ୍ନରେ ଏହାର କେତେକ ଉପାୟ ସମ୍ପର୍କରେ ସୂଚନା ଦିଆଗଲା।

– ଜମି ଗଡାଣିଆ ଥିଲେ ଲୁହା ଲଙ୍ଗଳରେ ମାଟିକୁ ହଳ କରି ଜମିକୁ ସମତୁଲ କରିବାକୁ ପଡିବ। ମାଟିକୁ ଗଭୀର ହଳ କଲେ ବର୍ଷାଜଳ ମାଟି ଉପରେ ବହି ନ ଯାଇ ଭୂଗର୍ଭକୁ ଯାଇ ସଂରକ୍ଷିତ ହେବ।

– ଏକର ପ୍ରତି ୧୦ ରୁ ୧୨ ଟନ୍ ଶଢା ଗୋବର ଖତ ପ୍ରୟୋଗ କରି ମାଟିରେ ଭଲ ଭାବେ ମିଶାଇଲେ ମାଟିର ଜଳଧାରଣ ଶକ୍ତି ବଢିବା ସହ ମାଟିର ଉର୍ବରତା ବଢିବ।

– ବର୍ଷାଧାରା ଜମିର ମାଟି ତୃଷାର୍ତ୍ତ ସହ କ୍ଷୁଧାର୍ତ୍ତ ମଧ୍ୟ। ତେଣୁ ଉକ୍ତ ଜମିରେ ଚାଷ ହେଉଥିବା ବିଭିନ୍ନ ଫସଲରେ ଉପଯୁକ୍ତ ପରିମାଣର ଖାଦ୍ୟସାର ପ୍ରୟୋଗ କରିବା ଜରୁରୀ। ବର୍ଷାଧାରା ମାଟିର ଅମ୍ଳତ୍ୱ ଦୂର ପାଇଁ ଏକର ପ୍ରତି ୧୦୦ ରୁ ୧୨୦ କିଲୋ କାଗଜ କଳ ମଇଳାକୁ ଲଙ୍ଗଳ ସିଆରରେ ମଞ୍ଜି ବୁଣା ପୂର୍ବରୁ ପ୍ରୟୋଗ କରାଗଲେ ମାଟିର ଅମ୍ଳତ୍ୱ ଦୂର ହେବା ସହ ଫସଲକୁ ମାଟିରେ ଅଭାବ ଥିବା କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ଖାଦ୍ୟ ଉପାଦାନ ମିଳେ। ମଞ୍ଜି ବୁଣା ସମୟରେ ଧାଡିରେ ଏକର ପ୍ରତି ୨୦ରୁ ୩୦ କିଲୋ ଫସଫେଟ ଖାଦ୍ୟସାର ଏବଂ ସମ ପରିମାଣର ପଟାସକୁ ପ୍ରୟୋଗ କରାଯାଏ। ଫସଫେଟ ଫସଲର ଚେରର ଅଭିବୃଦ୍ଧି ଘଟାଇ ମାଟିର ଗଭୀରରୁ ଜଳ ସଂଗ୍ରହ କରେ। ପଟାସ ସାର ପ୍ରୟୋଗ ଦ୍ୱାରା ଫସଲର ପ୍ରସ୍ୱେଦନ ପ୍ରକ୍ରିୟା ନିୟନ୍ତ୍ରଣ କରି ଫସଲର ମରୁଡି ସହଣୀ ଶକ୍ତି ବଢାଏ। ଯବକ୍ଷାରଯାନ ଏକର ପ୍ରତି ୧୦ରୁ ୧୬ କିଲୋଗ୍ରାମ ପର୍ଯ୍ୟନ୍ତ ଆବଶ୍ୟକ ହୁଏ। ଉକ୍ତ ଖାଦ୍ୟସାର ମାଟିରୁ ବିଭିନ୍ନ ଉପାୟରେ ନଷ୍ଟ ହେଉଥିବାରୁ ଏହାକୁ ସମାନ ଦୁଇଭାଗ କରି ପ୍ରୟୋଗ କରାଯାଏ। ମଞ୍ଜି ବୁଣାର ୨୧ ଦିନ ପରେ ଫସଲକୁ କୋଡା ଖୁସା କରି ଘାସ ବାଛି ପ୍ରଥମ ଭାଗ ଯବକ୍ଷାରଜାନ ପ୍ରୟୋଗ କରାଯାଏ। ଗଛର ଫୁଲ ଆସିବା ସମୟରେ ଦ୍ୱିତୀୟ ଭାଗ ଯବକ୍ଷାରଜାନକୁ ମାଟିର ପାଗ ଦେଖି ପ୍ରୟୋଗ କରାଯାଏ। ମାଟିରେ ଚୂନ ପ୍ରୟୋଗ ହୋଇଥିଲେ ବୋରନର ଅଭାବ ପାଇଁ ଶତକଡା ୦.୩ ଭାଗ ବୋରାକ୍ସକୁ ଫସଲର ୩୦ ଦିନରେ ୨ ଥରରେ ୭ ଦିନ ବ୍ୟବଧାନରେ ପତ୍ରଛିଞ୍ଚା କରାଯାଏ। ଚୂନ ପ୍ରୟୋଗ ହୋଇ ନ ଥିଲେ ଏକର ପ୍ରତି ୪ କିଲୋ ବୋରାକ୍ସକୁ ଫସଫେଟ ଏବଂ ପଟାସ ସାର ସହ ଧାଡିରେ ପ୍ରୟୋଗ କରାଯାଏ। ଡାଲିଜାତୀୟ ଏବଂ ଚିନାବାଦାମ ମଞ୍ଜିସହ ରାଇଜୋବିୟମ ଜୀବାଣୁ କଲଚରରେ ୨.୫ ରୁ ୩.୦ ଗ୍ରାମ ସୋଡିୟମ ମଲିବଡେଟ୍‌କୁ ମିଶାଇ ବୁଣିଲେ ଫସଲର ଚେରରେ ଭାତୁଡି ସଂଖ୍ୟା ବଢି ଫସଲର ଯବକ୍ଷାରଜାନ ଅଭାବ ମେଣ୍ଟାଏ।

–ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ : ୯୫୫୬୨୬୬୦୮୫

## ଚିନାବାଦାମରେ ଉଇ ଦମନ



ଯଦି ଉଇ ଉପଦ୍ରୁତ ଅଞ୍ଚଳରେ ଚିନାବାଦାମ ଚାଷ କରୁଛନ୍ତି ତେବେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ। ଏହାଦ୍ୱାରା ଉଇକୁ ଦମନ କରିହୋଇଥାଏ। ଚିନାବାଦାମ ଚାଷରେ ରୋଗପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ଲାଗି ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଚିନାବାଦାମ ଚାଷ ସକାଶେ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ।

## କୁଜିସାରୁ ଲଗାଇବା ପୂର୍ବରୁ...

କୁଜି ସାରୁ ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା ଫସଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିଲେ ଏବେ ସାରୁ ଲଗାଇପାରିବେ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ।



# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ



ଡା. ବୀରକିଶୋର ପରିଡ଼ା





କଥାରେ ଅଛି 'ଟୀରଣ ସୁନ୍ଦର ଗୋରୁ'। ଅର୍ଥାତ୍ ଗୋରୁଙ୍କର ମୁଖ୍ୟ ଖାଦ୍ୟ ହେଲା– ଘାସ। ଘାସ ଖାଇଲେ ଗୋରୁଙ୍କ ସ୍ୱାସ୍ଥ୍ୟ ଭଲ ରୁହେ। ଦୁହାଁଳିଆ ଗାଈ ଘାସ ଖାଇଲେ ବେଶି ଦୁଗ୍ଧ ଦିଅନ୍ତି। ଗର୍ଭଣୀ ଗାଈ ବା ଛଡ଼ାର ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ତା'ର ଶରୀରରେ ବଢୁଥିବା ଭ୍ରୂଣ ବା ଛୁଆର ସ୍ୱାସ୍ଥ୍ୟ ରକ୍ଷା ଠିକ୍ ରହିଥାଏ। ଏଥିସହିତ ଗାଈ, ଛଡ଼ା, ମଇଁଷି, ଷଣ୍ଢ ଆଦି ପ୍ରାଣୀଙ୍କ ପ୍ରଜନନ ଦକ୍ଷତା ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ସବୁଜ ଘାସରେ ଅଧିକ ପୁଷ୍ଟିକର ଯୁକ୍ତ ଖାଦ୍ୟସାର ରହିବା ସହିତ ଶ୍ୱେତସାର ଓ ଭିଟାମିନ୍ 'କ' ପ୍ରସ୍ତୁତକାରୀ ବିଟା–କାରୋଟିନ୍, ଧାତବ ଲବଣ ଯଥା:– କ୍ୟାଲସିୟମ, ଫସ୍‌ଫରସ୍, ମ୍ୟାଗନେସିଅମ୍, ଲୌହ, କପର, କୋବାଲଟ ଆଦି ନିହିତ ଥାଏ, ଯାହାକି ପ୍ରାଣୀଙ୍କ ଶରୀରର ଗଠନ, ଉତ୍ପାଦନ ଓ ଉତ୍ପାଦକତା ଶକ୍ତି ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ। ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗପ୍ରତିରୋଧକ ଶକ୍ତି ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ। କେବଳ ସେତିକି ନୁହେଁ – ଗୋପାଳକମାନେ ସେମାନେ ପାଳିଥିବା ଉନ୍ନତ ଗାଈଙ୍କୁ ସବୁଜ ଖାଦ୍ୟ ଖାଇବାକୁ ଦେବା ଦ୍ୱାରା ଗୋପାଳନରେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ଯୋଗୁ ଅଧିକ ଲାଭବାନ ହୋଇଥାନ୍ତି। ସବୁଜ ଗୋଖାଦ୍ୟ ଫସଲ କହିଲେ ଅନ୍ୟାନ୍ୟ ଫସଲ ଯଥା– ଧାନ, ମୁଗ, ବିରି, ହରଡ଼, ଗହମ ଇତ୍ୟାଦି ଫସଲ ଭଳି ସ୍ୱତନ୍ତ୍ର ପ୍ରଣାଳୀରେ ଘାସ ଚାଷକୁ ହିଁ ବୁଝାଇଥାଏ। ବିଲବାଡ଼ି, ଦଣ୍ଡା, ଗୋଚରରେ ବଢ଼ୁଥିବା ଘାସଠାରୁ ଏସବୁ ସ୍ୱତନ୍ତ୍ର କିସମର ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ସମ୍ପୂର୍ଣ୍ଣ ଭିନ୍ନ।

ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ମନୁଷ୍ୟ ଖାଦ୍ୟ ଉପଯୋଗୀ ଫସଲ ଚାଷରେ ଆମଦାନୀ ବୃଦ୍ଧି ନିମନ୍ତେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକର ବହୁଳ ବିନିଯୋଗ କରୁଥିବାରୁ ପରିବେଶରେ କୁପ୍ରଭାବ ପଡିବା ସହିତ ଆମ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି ହେଉଛି। କିନ୍ତୁ ଉନ୍ନତ ସବୁଜ ଗୋଖାଦ୍ୟ ଉତ୍ପାଦନ ନିମନ୍ତେ କୀଟନାଶକ ପଦାର୍ଥର ବ୍ୟବହାର ଆଦୌ କରାଯାଏ ନାହିଁ। ବ୍ୟୟ ବହୁଳ ଚାଷ କରି ଚାଷୀମାନେ ଜମିରୁ ଆଶାନୁରୂପ ଆୟ ପାଇବା ପାଇଁ ପାଣିପାଗ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଉପଯୁକ୍ତ ଭାବରେ ୧ଏକର ଜମିରେ ଉନ୍ନତ କିସମର ସବୁଜ ଗୋଖାଦ୍ୟ ଚାଷ କରି ୪୦୦ ରୁ ୫୦୦ କୁଇଣ୍ଟାଲ ଫସଲ ଉତ୍ପାଦନ କରିପାରିଲେ ୪ ରୁ ୫ଟି ସଙ୍କର ଗାଈ ପାଳନ କରି ଦୈନିକ ୪୦ ରୁ ୫୦ ଲିଟର ଦୁଗ୍ଧ ଉତ୍ପାଦନ କରିପାରିବେ। ଏହି ସବୁଜ ଗୋଖାଦ୍ୟ ଖୁଆଇବା ଦ୍ୱାରା ଗୋଟିଏ ଗାଈ ପ୍ରତି ୨ କିଗ୍ରା ପର୍ଯ୍ୟନ୍ତ ଦାନା ଜାତୀୟ ଗୋଖାଦ୍ୟ ସଞ୍ଚୟ କରାଯାଇପାରିବ। ଫଳରେ ଦୈନିକ ୧୦କିଗ୍ରା ଦାନାର ମୂଲ୍ୟ ବାବଦକୁ ହାରାହାରି ୨୦୦ଟଙ୍କା ସଞ୍ଚୟ କରାଯାଇପାରିବ। ଏତଦ୍‌ବ୍ୟତୀତ ଗାଈଙ୍କୁ ଦୈନିକ ୨୫ ରୁ ୩୦ କିଗ୍ରା ଘାସ ଖାଇବାକୁ ଦେବା ଫଳରେ ଦୈନିକ ୫ଲିଟର ଅଧିକ ଦୁଗ୍ଧ ପାଇବା ସହିତ ଗାଈଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ବ୍ୟୟ ହ୍ରାସ ଘଟିପାରିବ। ୪ରୁ ୫ଟି ଗାଈ ପାଳନ କରି ଗୋଟିଏ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇ ସେଥିରୁ ମାସିକ ଜାଳେଣି ଖର୍ଚ୍ଚ ମିଳିପାରିବ ଏବଂ ଗୋବର ଖତକୁ ସାରର ବିକଳ୍ପ ଭାବେ ବିନିଯୋଗ କଲେ କ୍ଷେତରେ ସାର ପ୍ରୟୋଗ ଯଥେଷ୍ଟ ହ୍ରାସ ପାଇପାରିବ।

–ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨







**FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in; Authorised Main Dealers:** BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. **Authorised Dealers:** CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887;Tamando, Ph : 9337988543, 9778100000; Rajkanika, Ph : 9938602209.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜିଠୁ ନେମାଳ ପଦ୍ମବନ ପୀଠରେ ୧୪୪ ଧାରା ଲାଗୁ

ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ପ୍ରସିଦ୍ଧ ପଦ୍ମବନ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ ପାଳନ କରାଯିବ। ତେବେ କୋଭିଡ୍ ମହାମାରୀ ପାଇଁ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ପୀଠରେ ୧୪୪ ଧାରା ଜାରି କରାଯାଇଛି। ଚଳିତ ବର୍ଷ ବିନା ଭକ୍ତରେ ସେବାୟତମାନେ କେବଳ ପରମ୍ପରା ରକ୍ଷା କରିବାକୁ ନିଷ୍ପତ୍ତି ହୋଇଛି। ମହାପୁରୁଷଙ୍କ ପୀଠସ୍ଥଳୀଠାରୁ ୨୦୦ ମିଟର ପର୍ଯ୍ୟନ୍ତ ଏହି ଧାରା ଜାରି କରାଯାଇଛି। ଏହା ୨୩ ଜୁନ୍ ସନ୍ଧ୍ୟା ୬ଟାରୁ ୨୬ ଜୁନ୍ ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ତହସିଲଦାର ମାନସ ରଞ୍ଜନ ତରାସିଆ କହିଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ରଖିବା ଅଭିଯୋଗରେ ଜଣେ ଗିରଫ

ଚୌଦ୍ୱାର,୨୨।୬(ଡି.ଏନ୍.ଏ.): ବେଆଇନ ଭାବେ ଏକ ବନ୍ଧୁକ ରଖିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୌରପାଳିକା ୮ନମ୍ବର ୱାର୍ଡ଼ ଓଟିଏମ୍ ଦୁର୍ଗା ବଜାରର ପ୍ରଦୀପ ମଲ୍ଲିକ। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିଛି। ଏ ସଂକ୍ରାନ୍ତରେ ୨୫୩/୨୧ରେ ଏକ ମାମଲା ରୁଜୁ ହୋଇଛି। ତେବେ ଦୁର୍ଗା ବଜାରରେ କେହି ଜଣେ ଘରେ ବନ୍ଧୁକ ରଖିଥିବା ନେଇ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଫଳରେ ଏଏସ୍ଆଇ ଶରତ ଚନ୍ଦ୍ର ସାହୁ ଏକ ପୋଲିସ ଟିମ୍ ସହ ପ୍ରଦୀପଙ୍କ ଘରେ ଚଢ଼ାଉ କରି ବନ୍ଧୁକଟିକୁ ଜବତ କରିଥିଲେ।

### ୮ ବାଛୁରୀ ଉଦ୍ଧାର, ଜଣେ ଗିରଫ

କଣ୍ଟାପଡା,୨୨।୬(ଡି.ଏନ୍.ଏ.): ବେଆଇନ ଭାବେ ଏକ ଗାଡ଼ିରେ ୮ଟି ବାଛୁରୀଙ୍କୁ ଚାଲାଣ କରୁଥିବାବେଳେ ଜଣେ ବଜରଙ୍ଗ ଦଳ କର୍ମୀ ମଙ୍ଗଳବାର ଦେଖି ଗାଡ଼ିକୁ ଅଟକାଇ ବାଛୁରୀଗୁଡ଼ିକୁ ଉଦ୍ଧାରକରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏ ସଂକ୍ରାନ୍ତରେ ଗୋବିନ୍ଦପୁର ଥାନା ପୋଲିସ ଏକ ମାମଲା (ନଂ ୬୯/୨୧) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଥଙ୍ଗା ବସ୍ତିର ସୟଦ ଅନିଲ(୨୪)। ପୋଲିସ ବ୍ୟବହୃତ ଗାଡ଼ି(ନଂ.ଓଡି୦୫ଟି୬୦୪୦) କୁ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ୧ଟା ବେଳେ ଅଭିଯୁକ୍ତ ସୟଦ ଓ ଅନ୍ୟ ଜଣେ ଉକ୍ତ ଗାଡିରେ ବାଛୁରୀଗୁଡିକୁ ନେଇ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ଏହି ଥାନାସ୍ଥିତ ବରହମପୁର ଛକ ନିକଟରେ ବଜରଙ୍ଗ ଦଳ କର୍ମୀ ସନ୍ଦୀପ ସେଠି ଉକ୍ତ ଗାଡ଼ିକୁ ଅଟକାଇ ଥିଲେ। ତେବେ ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଥିବା ବେଳେ ସନ୍ଦୀପ ଅଭିଯୁକ୍ତ ସୟଦଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ।

### ୩ କେନ୍ଦ୍ରରେ ୬୬୨ ଟିକା ନେଲେ

ଖୁଣ୍ଟୁଣୀ,୨୨।୬(ଡି.ଏନ୍.ଏ.): ଆଠଗଡ ବ୍ଲକର ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଏହା ଅଧୀନରେ ଥିବା ଜେନାପଦା ଓ ଗୁରୁଡ଼ିଝାଟିଆ ଟିକା ଗ୍ରହଣ କେନ୍ଦ୍ରରେ ମଙ୍ଗଳବାର ମୋଟ୍ ୬୬୨ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ୪୭୬, ବରିଷ୍ଠ ନାଗରିକଙ୍କୁ ୧୩୦ ଓ ୪୫ବର୍ଷରୁ ଊର୍ଦ୍ଧ୍ୱ ୫୬ଜଣଙ୍କୁ ଟିକା ଦିଆଯାଇଛି। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା.ଦିଲ୍ଲିପ ଦାସ ଓ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପମିତ୍ର ଦାସଙ୍କ ତତ୍ତ୍ୱାବଧାନରେ ସୁଧାଂଶୁ ଭୂୟାଁ, ସସ୍ମିତା ବାରିକ, ଦିନେଶ ନାୟକ, ବିଷ୍ଣୁପ୍ରିୟା ବେଉରା, ପ୍ରତିଭା ବେହେରା ଓ ରୀତାଞ୍ଜଳି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ବଜ୍ରପାତରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା

ଫୁଲନଖରା,୨୨।୬(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ସାଇଁଶୋ ଗ୍ରାମରେ ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ମୋକିମ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେଶନ ଟ୍ରଷ୍ଟି ମହମ୍ମଦ ଅଲ୍ଲିମ କ୍ଷତିଗ୍ରସ୍ତ ହୋଇଥିବା ସ୍ୱର୍ଗତ ଶେଖ ନାଜରଙ୍କ ପରିବାରକୁ ଶୁଖିଲା ଖାଦ୍ୟ ସହ ୪ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ସଦର ଯୁ କଂଗ୍ରେସ ସଭାପତି ଜନାର୍ଦ୍ଦନ ପରିଡ଼ା, ଦେବରଞ୍ଜନ ବୈଠାଳୁ, ମହମ୍ମଦ ରିଜୁଆନ, ସତ୍ୟଜିତ ବେହେରା, ପ୍ରଦୀପ ରାଉତରାୟ, ସମ୍ପଦ ନାୟକ, ଜାକିର ହୁସେନ, ସାର୍ଗି ଅହମ୍ମଦ ସିଦ୍ଦିକ, ଉମେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ୧୨ତାରିଖରେ ସାଇଁଶୋ ଗ୍ରାମର ସ୍ୱର୍ଗତ ନାଜରଙ୍କ ଘର ଛାତ ଉପରେ ବଜ୍ରପାତ ପଡ଼ି ଫାଟ ସୃଷ୍ଟି ହୋ ସହ ନଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା।

### ୨୪୮ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ବଣ୍ଟନ

ଆଠଗଡ଼, ୨୨।୬(ସ୍ୱ.ପ୍ର.): ପୋଷଣ ଯୋଜନା ମାଧମରେ ଆଠଗଡ଼ ବ୍ଲକର ୨୪୮ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ଏବଂ ପାୱାର ବ୍ୟାଙ୍କ ପ୍ରଦାନ କରାଯାଇଛି। ଏଥିସହ ମିଶନ ଶକ୍ତି ଯୋଜନାରେ ୪୩ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାସିକ ୫୦ ପଇସା ସୁଧରେ ୨୧ ଲକ୍ଷ ୫୦ ହଜାର ଟଙ୍କା ଋଣ ଦିଆଯାଇଛି। ଏନେଇ ଆଠଗଡ଼ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅରୁଣ ଦାସ, ସିଡିପିଓ ଦ୍ରୌପଦୀ ମୁର୍ମୁ, ରବୀନ୍ଦ୍ର ନାଥ ରାଉତ, ରଞ୍ଜନ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆହାର’ ରିହାତି ଚଳୁ

- କେନ୍ଦ୍ରକୁ ଆସୁଛି ସ୍ଥିରୀକୃତ ଠାରୁ କମ୍ ମିଲ୍
- ସନ୍ଦେହ ଘେରରେ ଯୋଗାଣକାରୀ ସଂସ୍ଥା
- ଘଟଣାର ତଦନ୍ତ କରାଯିବ: ମନ୍ତ୍ରୀ

କଟକ ଅଫିସ, ୨୨।୬

ଗରିବ ଓ ନିରାଶ୍ରୟଙ୍କୁ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଯୋଗାଇବାକୁ ରାଜ୍ୟ ସରକାର ବିଭିନ୍ନ ସହରାଞ୍ଚଳରେ ୨୦୧୫ ଏପ୍ରିଲ ୧ରୁ ଆହାର ଯୋଜନା ଆରମ୍ଭ କରିଛନ୍ତି। ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍ୟୁ) ସହାୟତାରେ ଏହି ଖାଦ୍ୟ ଯୋଗାଇ ଦିଆଯାଉଛି। ୨୦ଟଙ୍କା ମୂଲ୍ୟର ଖାଦ୍ୟକୁ ଲୋକମାନେ ୫ଟଙ୍କା ଦେଇ ପାଉଥିବାବେଳେ ବଳକା ୧୫ଟଙ୍କା ପିଏସ୍ୟୁ ବହନ କରୁଛନ୍ତି। ହେଲେ ପ୍ରତ୍ୟେକ ଆହାର କେନ୍ଦ୍ରକୁ ଯେତିକି ସଂଖ୍ୟକ ଖାଦ୍ୟ ଯୋଗାଣ କରାଯିବା କଥା, ତା’ଠାରୁ କମ୍ ସଂଖ୍ୟକ ଦିଆଯାଇ ବଳକା ଖାଦ୍ୟର ରିହାତି ଟଙ୍କାକୁ ଯୋଗାଣକାରୀ ସଂସ୍ଥା ଲୁଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ମୁତାବକ, କଟକ, ଭୁବନେଶ୍ୱର ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଣ ଦାୟିତ୍ୱ ଟଚ୍ ଷ୍ଟୋନ ଫାଉଣ୍ଡେଶନକୁ ମିଳିଛି। ହେଲେ ଏହି ସଂସ୍ଥା ଦୈନିକ ଦର୍ଶାଯାଉଥିବା ଭୋଜନ ସଂଖ୍ୟାଠାରୁ ଯଥେଷ୍ଟ କମ୍ ଆଣି ରିହାତି ଅର୍ଥକୁ ମିଳିମିଶି ହଡ଼ପ କରୁଥିବା ଅନୁସନ୍ଧାନରୁ ଜଣାପଡିଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ ମଙ୍ଗଳବାର କଟକ ଶିଶୁ ଭବନ ଆହାର କେନ୍ଦ୍ରରେ ପୂର୍ବାହ୍ନ ସାଢେ ୧୦ଟାରୁ ସାଢ଼େ ୧୨ଟା ଖାଦ୍ୟ ସରିବା ପର୍ଯ୍ୟନ୍ତ ରହି ଅନୁଧ୍ୟାନ କରାଯାଇଥିଲା। ଏଠାରେ




ଦୈନିକ ୫୦୦ମିଲ୍ ଦେବାର ବ୍ୟବସ୍ଥା ରହିଛି। ମିଲ୍ ଗାଡି ଠିକ୍ ୧୧ଟାରେ ପହଞ୍ଚିବାପରେ ମୋଟ ୪୩୩ଟି ୫ଟଙ୍କିଆ ଟୋକନ କଟାଯାଇଥିଲା। ମଧ୍ୟାହ୍ନ ୧୨ଟା ୨୦ବେଳକୁ ସତୀଚଉରାର କ୍ରିଷ୍ଣା ରାଓ, ବ୍ରଜବିହାରୀପୁରର ରାଜେଶ ସ୍ୱାଇଁଙ୍କ ସମେତ ପ୍ରାୟ ୩୦ଜଣ ବ୍ୟକ୍ତିଙ୍କୁ ଖାଦ୍ୟ ନ ଥିବା କୁହାଯାଇ ଟୋକନ ମିଳି ନ ଥିଲା। ଏଠାରେ ଦୈନିକ ୫୦୦ ମିଲ୍ ଦେବାକୁ ନିର୍ଦ୍ଦେଶ ଥିବାବେଳେ ବାକି ମିଲ୍ କୁଆଡ଼େ ଗଲା ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ ସୁଦ୍ଧା ଯୋଗାଣକାରୀ ସଂସ୍ଥା କୌଣସି ପଦକ୍ଷେପ ନେଇ ନ ଥିଲେ।

ଅନୁରୂପଭାବେ ଗତ ୧୭ ତାରିଖ ୧୧ଟାବେଳେ ଭୁବନେଶ୍ୱର ମ୍ୟୁଜିୟମ ଛକସ୍ଥିତ ଆହାର କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଦିନ ୧୧ଟାରେ ଖାଦ୍ୟ ଭ୍ୟାନ ପହଞ୍ଚିବାପରେ ଖାଦ୍ୟ ଜରିରେ ପ୍ୟାକିଂ ହୋଇଥିଲା। ଏଠାରେ ୩୫୦ ମିଲ୍ ଦେବାର ବ୍ୟବସ୍ଥା ରହିଥିବାବେଳେ ମାତ୍ର ୨୯୫ ମିଲ୍ ଦିଆଯାଇଥିଲା। ଏଠାରେ ୫୦ରୁ ଅଧିକ ମିଲ୍ ଦିଆଯାଇ ନ ଥିଲା। ସେହିପରି ଗତ ୧୬ ତାରିଖ ମଧ ଉକ୍ତ କେନ୍ଦ୍ରରେ ଅଧାରୁ ଖାଦ୍ୟ ସରିଯିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ବଡଗଡ ଥାନା ପୋଲିସ ଆସିବାରୁ ପରିସ୍ଥିତି ଆୟତ୍ତ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଏବେ କଟକର ବିଭିନ୍ନ ଆହାର କେନ୍ଦ୍ରରେ ଦୈନିକ ୩୦୨୦ ଏବଂ ଭୁବନେଶ୍ୱରରେ ୪୦୫୦ ମିଲ୍ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ବିଭିନ୍ନ ଆହାର କେନ୍ଦ୍ରରେ ନିର୍ଦ୍ଧାରିତ ସଂଖ୍ୟାଠାରୁ କମ୍ ପରିମାଣର ମିଲ୍ ଦିଆଯାଇ ରିହାତି ଟଙ୍କାକୁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଆତ୍ମସାତ୍ କରୁଥିବା ଅଭିଯୋଗ ହେଉଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ଏନେଇ ଟଚ୍‌ଷ୍ଟୋନ ଫାଉଣ୍ଡେଶନର ଅପରେଶନ ମ୍ୟାନେଜର ରବୀନ୍ଦ୍ର କୁମାର ଜେନା କହିଛନ୍ତି, ସ୍ଥିରୀକୃତ ବ୍ୟବସ୍ଥା ଅନୁସାରେ କଟକ ଓ ଭୁବନେଶ୍ୱରର ଆହାର କେନ୍ଦ୍ରକୁ ମିଲ୍ ପଠାଯାଉଛି। କମ୍ ସଂଖ୍ୟକ ମିଲ୍ ଯୋଗାଣ ନେଇ ହେଉଥିବା ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଯଦି କୌଣସି ଆହାର କେନ୍ଦ୍ରରେ ଧାର୍ଯ୍ୟ କରାଯାଇଥିବା ମିଲ୍‌ଠାରୁ କମ୍ ଦିଆଯାଉଥିବ, ତାହେଲେ ଏନେଇ ତଦନ୍ତ କରାଯିବ। ତଦନ୍ତରେ ଅନିୟମିତତା ହେଉଥିବା ନଜରକୁ ଆସିଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଏସ୍ଆଇ ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

**ପ୍ରଥମ ଦିନରେ ୨,୮୩୧ ଆବେଦନକାରୀ**

କଟକ ଅଫିସ, ୨୨।୬

ଓଡିଶା ପୋଲିସର ସବ୍ ଇନ୍ସପେକ୍ଟର (ଏସ୍ଆଇ) ପଦବୀ ପାଇଁ ମଙ୍ଗଳବାରଠାରୁ ଅନ୍‌ଲାଇନ ଜରିଆରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ୪୭୭ଟି ଏସ୍ଆଇ ପଦବୀ ପାଇଁ ପ୍ରଥମ ଦିନରେ ୨,୮୩୧ ଜଣ ଆବେଦନ କରିଛନ୍ତି । ସେଥିରୁ ୭୭୨ ଜଣଙ୍କ ଆବେଦନ ଯାଞ୍ଚ କରାଯାଇଛି। ପ୍ରଥମ ଥର ପାଇଁ କମ୍ପ୍ୟୁଟର ବେସ୍ ଟେଷ୍ଟ କରାଯିବ। ଏହି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା ଶେଷ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ଜଶୱନ୍ତ ଜେଠୱା କହିଛନ୍ତି। ଆବେଦନ ପ୍ରକ୍ରିୟା ଆସନ୍ତା ଜୁଲାଇ ୧୫ ପର୍ଯ୍ୟନ୍ତ ଚାଲିବ।

ସୂଚନା ମୁତାବକ ଓଡ଼ିଶା ପୋଲିସରେ ୪୪୭ ଏସ୍ଆଇ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟା କରାଯିବ। ଏହି ନିଯୁକ୍ତି ପ୍ରକ୍ରିୟାରେ କିନ୍ନରମାନେ ମଧ୍ୟ ଆବେଦନ କରିପାରିବେ। ତେବେ କିନ୍ନରମାନଙ୍କୁ ଏସଆଇ ନିଯୁକ୍ତି ଦେବାରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ ।

## ଇନ୍‌ଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

**୫-ଟି ସଚିବଙ୍କ ସହ ଭର୍ଚୁଆଲ ବୈଠକ**

ବାଙ୍କୀ,୨୨।୬(ସ୍ୱ.ପ୍ର.)

ବାଙ୍କୀରେ ଏକ ଇନ୍‌ଡୋର ଷ୍ଟାଡିୟମ ସ୍ଥାପନ ପାଇଁ ମଙ୍ଗଳବାର ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ବୈଠକ କଟକ ଜିଲାପାଳ ଙ୍କ କାର୍ଯ୍ୟାଳୟ ଓ ବାଙ୍କୀ ବ୍ଲକ କାର୍ଯ୍ୟାଳୟର ଭିଡିଓ କନଫରେନ୍ସ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ତ୍ରିପାଠୀ ବାଙ୍କୀର ସ୍ଥିତି ଓ କ୍ରୀଡା ପ୍ରତି ଯୁବବର୍ଗଙ୍କ ଆଗ୍ରହ ସମ୍ପର୍କରେ କହିଥିଲେ। ସେ କହିଥିଲେ,ବାଙ୍କୀର ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ରହିଛି। ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ରାଜ୍ୟ ତଥା ଦେଶର ଟେକ ରଖିଛନ୍ତି। ସୁଷମା ବେହେରା ଓ କୁନମୁନ ବେହେରା ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଭାରତ ପାଇଁ ଖେଳି ଦେଶର ଟେକ ରଖିବା ସହ ଏସିଆ ମେଡାଲ ପାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାଙ୍କୀରେ ଇନ୍‌ଡୋର ଷ୍ଟାଡିୟମ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ। ୫-ଟି ସଚିବ ପାଣ୍ଡିଆନ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସହ ଖୁବ୍‌ଶୀଘ୍ର ବାଙ୍କୀ ଗସ୍ତରେ ଆସିବେ ବୋଲି କହିଥିଲେ।




କଟକ ଦୋଳମୁଣ୍ଡାଇରୋଡ ପାର୍ଶ୍ୱରେ ଜଣେ ଯୁବକ ଛତା ବିକ୍ରି କରୁଛନ୍ତି।

## ସାନି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର ନାବାଳିକା ବଳାତ୍କାର ମାମଲା**

କଟକ ଅଫିସ,୨୨।୬

ବହୁଚର୍ଚ୍ଚିତ ନାବାଳିକା ବଳାତ୍କାର ମାମଲାରେ କ୍ରାଇମବ୍ରାଞ୍ଚ ତରଫରୁ ଜଉମୁଦ ଲଫାପାରେ ତଦନ୍ତ ରିପୋର୍ଟ ମଙ୍ଗଳବାର ହାଇକୋର୍ଟରେ ଦାଖଲ କରାଯାଇଛି। ତେବେ ସାନି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ଏକ ଗଣମାଧ୍ୟମ ସଂସ୍ଥାର କାର୍ଯ୍ୟରତ ମହିଳାଙ୍କ ୧୩ବର୍ଷର ଝିଅଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତା ନାବାଳିକାଙ୍କ ମା’ ଅଗଷ୍ଟ ୩୦ରେ ମହିଳା ଥାନାରେ ଅଭିଯୋଗ କରିଥିଲେ । ପରେ ଅକ୍ଟୋବର ୬ରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଏହି ଘଟଣାରେ ଉକ୍ତ ଗଣମାଧ୍ୟମ ସଂସ୍ଥାର ୪ଜଣ କର୍ମଚାରୀ ଅନିରୁଦ୍ଧ ପଣ୍ଡା, କୃଷ୍ଣ ବେହେରା, ଶ୍ରୀବତ୍ସ ସାମଲ, ବିଜୟ ରାଉତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏନେଇ ପୋଲିସ ଡିଜି ଅଭୟ ନଭେମ୍ବର ୧୮ରେ ହାଇକୋର୍ଟଙ୍କ ଆଗରେ ଭର୍ଚୁଆଲ ମୋଡରେ ହାଜର ହେବାସହ କ୍ରାଇମବ୍ରାଞ୍ଚର ଅଗ୍ରଗତି ସମ୍ପର୍କରେ ସତ୍ୟପାଠ ଦାଖଲ କରିଥିଲେ।

## ମୁଖ୍ୟ ଅଭିଯୁକ୍ତ ଶିବପ୍ରସାଦଙ୍କ ଆଗୁଆ ଜାମିନ ଆବେଦନ

**ନକଲି ଔଷଧ ବିକ୍ରି ମାମଲା**

କଟକ ଅଫିସ, ୨୨।୬

କଟକ ନକଲି ଔଷଧ ବିକ୍ରିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବପ୍ରସାଦ ଜେନା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ମୁମ୍ବାଇର ଔଷଧ କମ୍ପାନୀ ମାକ୍ସ ରିଲିଫ୍ ହେଲ୍‌ଥ କେୟାର ସଂସ୍ଥାର ମାଲିକ ସୁଦୀପ ମୁଖାର୍ଜୀଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଥିବାବେଳେ ଓଡ଼ିଶା କ୍ରାଇମବ୍ରାଞ୍ଚ ତାଙ୍କୁ ଜେରା କରିସାରିଛି। ଏହି ମାମଲାରେ ଗିରଫଦାରିକୁ ଏଡ଼ାଇବା ପାଇଁ ଶିବପ୍ରସାଦ ମଙ୍ଗଳବାର ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୧ତାରିଖରେ



ସ୍ଥାନୀୟ କନିକା ଛକ ନିକଟରେ ଥିବା ଶିବପ୍ରସାଦଙ୍କ ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲର ଚଢାଉ କରି ୬୯ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ମାକ୍ସ ରିଲିଫ୍ ହେଲଥ କେୟାର ସଂସ୍ଥାରୁ ଏଠାକୁ ନକଲି ଔଷଧ ଆସିବା ସହ ଏଠାରୁ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ଔଷଧ ଦୋକାନକୁ ପଠାଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। ପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ଚଢାଉ କରାଯାଇ ବିପୁଳ ନକଲି ଔଷଧ ଜବତ କରାଯାଇଥିଲା। ଗତ ୧୪ରେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ଜୋରଦାର କରିଛି।

## ଜମି ଅଧିଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

**ବିଜୁ ସେତୁ ପରିଦର୍ଶନ କଲେ ଜିଲାପାଳ**

ଖୁଣ୍ଟୁଣୀ,୨୨।୬(ଡି.ଏନ୍.ଏ.)

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ମଙ୍ଗଳବାର ଆଠଗଡ଼ ବ୍ଲକ ଅନ୍ତର୍ଗତ ସାପୁଆ ନଦୀରେ ନିର୍ମିତ ହୋଇ କାର୍ଯ୍ୟକ୍ଷମ ହୋଇ ନ ପାରିଥିବା ବିଜୁସେତୁ ପରିଦର୍ଶନ କରିଛନ୍ତି। ଜମି ସମସ୍ୟା ଯୋଗୁ ସେତୁର ଉଭୟ ପଟେ ରାସ୍ତା ନ ଥିବାରୁ ସେବାରେ ଲାଗିପାରି ନାହିଁ। କଟିକିଆସାହି ପଞ୍ଚାୟତର ବନ୍ଧହଟା ଏବଂ ଧୁରୁଷିଆ ପଞ୍ଚାୟତର କେଉଟପଡା ମୌଜାର ଲୋକଙ୍କ ସହ ଆଲୋଚନା କରି ତୁରନ୍ତ ସେତୁ ସଲଗ୍ନ ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିବା ପାଇଁ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ। ଏଡିଏମ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜମି ଅଧିଗ୍ରହଣ ଅଧିକାରୀ ସୋମନାଥ ମାଝୀ, ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ନିଧିପୁର ସେକ୍ସନ ରାଜସ୍ୱ ନିରୀକ୍ଷକ ସୁଚନ୍ଦ୍ର ମହାନ୍ତି ଓ ସ୍ଥାନୀୟ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଜିଲାପାଳ ଫେରିବା ବେଳେ କେଉଟପଡା, ଜଗମୋହନପୁର ଓ ଗଜାଆମ୍ବ ଗ୍ରାମର କଦର୍ଯ୍ୟ ରାସ୍ତା ଦେଖି ବିକରକ୍ତି ପ୍ରକାଶ କରିଥିଲେ। ଉକ୍ତ ରାସ୍ତାକୁ କଂକ୍ରିଟ କରଣ କରିବା ପାଇଁ ଆଠଗଡ଼ ବିଡିଓ ଅରୁଣ କୁମାର ଦାସ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରତିବାଦରେ ସମିତି ସଭ୍ୟଙ୍କ ଆମରଣ ଅନଶନ

**ପଞ୍ଚାୟତ ସମିତି ଉନ୍ନୟନ ପାଣ୍ଠି ବଣ୍ଟନରେ ନିୟମ ଉଲ୍ଲଂଘନ ଅଭିଯୋଗ**

ବଡ଼ମ୍ବା,୨୨।୬(ଡି.ଏନ୍.ଏ.)

କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଓ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଆଧାରରେ ବଡମ୍ବା ପଞ୍ଚାୟତ ସମିତିକୁ ଉନ୍ନୟନ କାର୍ଯ୍ୟ ପାଇଁ ଦିଆଯାଇଥିବା ପାଣ୍ଠିରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଛି। ଏଭଳି ଅଭିଯୋଗ କରି ପ୍ରତିବାଦରେ ବଡ଼ମ୍ବା ବେଲିଆପାଳ ପଞ୍ଚାୟତ ସମିତି ସଭ୍ୟ ବିଜୟ କୁମାର ଦଳବେହେରା ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ଏ ସମ୍ପର୍କରେ ଦଳବେହେରା ରାଜ୍ୟ, ଜିଲା ଓ ବ୍ଲକସ୍ତରର ଅଧିକାରୀଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଅନଶନ କରିଛନ୍ତି ବୋଲି କହିଛନ୍ତି। ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳର କେତେଜଣ ଭାଜପା କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ଖବରପାଇ ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ଅନଶନକାରୀଙ୍କ ନିକଟରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ରାଶନ

କଟକ ଅଫିସ, ୨୨।୬

ସିଏମ୍‌ସି ପକ୍ଷରୁ ତାଳଦଣ୍ଡା କେନାଲ ରାସ୍ତାର ସମ୍ପ୍ରସାରଣ ପାଇଁ ଛତ୍ରବଜାର ବେହେରା ସାହି, ରାଣୀହାଟ ଶଗଡ଼ିଆ ସାହି, ପିଲିଗ୍ରିମ ରୋଡ୍ ଦାସ ସାହି, ମାଲଗୋଦାମ ଜାଲୁଆ ସାହିର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ପରିବାରଙ୍କୁ ନୂଆପଡ଼ାସ୍ଥିତ ବାଳିସାହିରେ ଥଇଥାନ କରାଯାଇଛି। ଇତିମଧ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁପ୍ରତିଭା ଓ ନୂଆଦିଲ୍ଲୀସ୍ଥିତ ଗୁଞ୍ଜନର ମିଳିତ ସହଯୋଗରେ ସୋମବାର ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିପ୍ସା ମହାପାତ୍ର, ସୁପ୍ରତିଭା ସମ୍ପାଦକ ବିକାଶ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ଯାଜ୍ଞସେନୀ ନାୟକ, ଶଶୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍‌ସି ପାଇଁ କୋହଳ ନିୟମ

**ବିନା ଫିଟ୍‌ନେସ ସାର୍ଟିଫିକେଟରେ ୯ବର୍ଷ ହେଲା ଚାଲିଛି ଆମ୍ବୁଲାନ୍ସ**

କଟକ ଅଫିସ,୨୨।୬

ମୋଟର ଯାନ ଆଇନ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛି କଟକ ମହାନଗର ନିଗମ( ସିଏମ୍‌ସି)। ସିଏମ୍‌ସି ପକ୍ଷରୁ ଚାଲୁଥିବା ଆମ୍ବୁଲାନ୍ସ ଦୀର୍ଘ ୯ବର୍ଷ ହେବ ଫିଟନେସ୍ ସାର୍ଟିଫିକେଟ ବିନା ଚାଲୁଛି। ଏପରିକି ଉକ୍ତ ଗାଡ଼ିର ପ୍ରଦୂଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ(ପିୟୁସି) ସାର୍ଟିଫିକେଟ ମଧ୍ୟ ନାହିଁ। ଫଳରେ ପ୍ରଚୁର ମାତ୍ରାରେ ଧୂଆଁ ବାହାରି ପରିବେଶକୁ ଦୂଷିତ କରୁଛି। ଏନେଇ ସିଏମ୍‌ସି ସହକାରୀ ଯନ୍ତ୍ରୀ ଶ୍ରବଣ କୁମାର ମହାନ୍ତିଙ୍କୁ ପଚାରିବାରୁ କୋଭିଡ୍ କାରଣରୁ ଶ୍ମଶାନକୁ ମୃତଦେହ ନେବା ପାଇଁ ଗାଡ଼ିର ଆବଶ୍ୟକତା ପଡ଼ିବାରୁ ଉକ୍ତ ଆମ୍ବୁଲାନ୍ସକୁ ବ୍ୟବହାର କରାଯାଉଛି ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି।

ଏମ୍-ପରିବହନ ଆପ୍‌ରୁ ମିଳିଥିବା ସୂଚନାଅନୁଯାୟୀ ସିଏମ୍‌ସିରେ ବ୍ୟବହାର ହେଉଥିବା ଟାଟା ୱିଙ୍ଗର ଆମ୍ବୁଲାନ୍ସ (ଓଆର୍୦୫-ଏଏଲ୍-୭୪୨୦) ୨୦୧୦ ସେପ୍ଟେମ୍ବର ୨୫ରେ ପଞ୍ଜୀକୃତ ହୋଇଥିଲା। ଉକ୍ତ ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ ୨୦୧୨ ସେପ୍ଟେମ୍ବର ୨୩ରୁ ଶେଷ




ହୋଇଥିବାବେଳେ ପିୟୁସି ସାର୍ଟିଫିକେଟ ମଧ୍ୟ ନାହିଁ। ପରିବହନ ବିଭାଗର ନିୟମକୁ ଅବମାନନା କରି ସହରରେ ଉକ୍ତ ଆମ୍ବୁଲାନ୍ସ ବେଧଡ଼କ ଚଳାଚଳ କରୁଛି। ଗାଡିର ସମ୍ମୁଖ ପାର୍ଶ୍ୱରେ ସ୍ୱର୍ଗ ରଥ ଲେଖାଯାଇଥିବାବେଳେ ପଛ ପାଖରେ ଆମ୍ବୁଲାନ୍ସ ଲେଖାଯାଇଛି। ଏସମ୍ବନ୍ଧରେ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଆପଣଙ୍କ ଜରିଆରେ ଏ ବାବଦରେ ଆମେ ଜାଣିବାକୁ ପାଇଲୁ। ଉକ୍ତ ଗାଡ଼ି ସମେତ ସିଏମ୍‌ସିର ଅନ୍ୟ ସବୁ ଗାଡ଼ିଗୁଡ଼ିକର ଫିଟ୍‌ନେସ୍, ପଲ୍ୟୁଶନ୍ ସାର୍ଟିଫିକେଟ, ଇନ୍‌ସ୍ୟୁରାନ୍ସ ଆଦି କାଗଜପତ୍ର ଠିକ୍ କରିବାକୁ ସିଏମ୍‌ସିକୁ ପତ୍ର ଲେଖିବୁ ବୋଲି କହିଛନ୍ତି। ପରିବହନ ବିଭାଗ ସାଧାରଣ ଲୋକଙ୍କ ଗାଡ଼ିର କାଗଜପତ୍ର ଯାଞ୍ଚକୁ କଡ଼ାକଡ଼ି କରି ଜରିମାନା ଆଦାୟ କରୁଥିବାବେଳେ ସିଏମ୍‌ସି ପ୍ରତି ଏତେ ନରମ ମନୋଭାବ କାହିଁକି ପୋଷଣ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।




ଆମ୍ବୁଲାନ୍ସ ତଥ୍ୟ ସମ୍ପର୍କରେ ଏମ୍-ପରିବହନର ସ୍କ୍ରିନ୍ ସଟ୍।

## ସଂକ୍ଷେପରେ

### ଦୁଇ ଦିନରେ ୧୬୬୩ ଟିକା ନେଲେ

ବେଗୁନିଆ,୨୨।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ବେଳେ ସୁସ୍ଥ ସଂଖ୍ୟା ବୃଦ୍ଧି ପାଇଛି। ଏହି ବ୍ଲକ ଅଞ୍ଚଳରେ ଗତ ୨୧ତାରିଖ ସୁଦ୍ଧା ମୋଟ୍ ୯୧୮ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ସେଥିରୁ ୮୫୧ଜଣ ସୁସ୍ଥ ହୋଇଥିବା ବେଳେ ୬୭ଜଣ ହୋମ ଆଇସୋଲେଶନରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ୪୫ ବର୍ଷରୁ ଊର୍ଦ୍ଧ୍ୱ ୧୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯାଇଛି। ସୋମବାରଠୁ ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କୁ ଟିକା ଦିଆଯାଉଛି। ବ୍ଲକରେ ୪ଟି ଟିକାକରଣ କେନ୍ଦ୍ର କଣ୍ଟାବାଡ, ବେଗୁନିଆ, ଡାଳତୋଳା ଓ ବୋତଲମାରେ ସୋମବାର ୮୮୭, ମଙ୍ଗଳବାର ୭୭୬ ଜଣଙ୍କୁ ଟିକା ଦିଆଯାଇଛି ବୋଲି ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଦାବି

ଟାଙ୍ଗୀ (ଖୋର୍ଦ୍ଧା),୨୨।୬(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୪ଟି ସ୍ଥାନରେ ଟିକାକରଣ କରାଯାଉଛି। ଲକ୍‌ଡାଉନ ଯୋଗୁ ବହୁ ଲୋକ ଟିକାକରଣ କେନ୍ଦ୍ରକୁ ଆସିପାରୁ ନ ଥିବାରୁ ଟିକା ନେବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ବ୍ଲକରେ ୨୪ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର, ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ରରେ ଜଣେ ପୁରୁଷ ଓ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ରହିଛନ୍ତି। ସେମାନଙ୍କ କାର୍ଯ୍ୟ ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ପରିଦର୍ଶକ ମଧ ଅଛନ୍ତି। କୁହୁଡି, ବଡ଼ପୋଖରିଆ, ଭୁଷଣ୍ଡପୁର, ବାଲିପାଟପୁର, ନିରାକାରପୁର, ରାମେଶ୍ୱର ଓ ଓଳସିଂହଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଗଲେ ସମସ୍ତେ ଉପକୃତ ହୋଇପାରିବେ। ଜିଲା ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରିବାକୁ ସାଧାରଣରେ ଦାବି ହୋଇଛି।

### କାର୍ ସହ ମଦ ଜବତ

ନିରାକାରପୁର,୨୨।୬(ଡି.ଏନ୍.ଏ.): ଲକ୍‌ଡାଉନ ପାଇଁ ନିରାକାରପୁର ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ନିରାକାରପୁର ପୋଲିସ ମଙ୍ଗଳବାର ୧୩୦ ଲିଟର ମଦ ସହ ଏକ କାର ଜବତ କରିଛି। ସୂଚନା ମୁତାବକ, ଏକ କାରରେ ବେଆଇନଭାବେ ମଦ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଏହି କାରର ପିଛା କରିବାରୁ କାଶୀପୁର ଅଭିମୁଖେ ଯାଇଥିଲା। ଭୟରେ ଦୁର୍ବୃତ୍ତମାନେ କାରକୁ ରାସ୍ତା ଉପରେ ଛିଡା କରି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ବିଭିନ୍ନ କମ୍ପାନୀର ୧୩୦ ଲିଟର ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୫/୨୧) ରୁଜୁ ହୋଇଛି।

### ବିଇଓ ପଦବୀ ପୂରଣ ଦାବି

ଟାଙ୍ଗୀ(ଖୋର୍ଦ୍ଧା),୨୨।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ପଦବୀ ଖାଲି ପଡ଼ିଛି। ୨୦୧୮ ଫେବୃୟାରୀରେ ଏଠାରେ ବିଇଓ ଥିବା ସୁରେନ୍ଦ୍ର କୁମାର ମଙ୍ଗରାଜ ଅବସର ନେଇଥିଲେ। ଉକ୍ତଦିନ ଠାରୁ ଅସ୍ଥାୟୀ ଭାବେ ଦାୟିତ୍ୱ ନିର୍ବାହ କରାଯାଉଛି। ମଧୁସୂଦନ ମଲ୍ଲିକ ପଦୋନ୍ନତି ପାଇ ହାୟର ସେକେଣ୍ଡାରୀ ଏଜୁକେଶନର ଡେପୁଟି ଡାଇରେକ୍ଟର ହେବା ପରଠାରୁ ଏହି ପଦବୀକୁ କାହାରିକୁ ଦାୟିତ୍ୱ ଦିଆଯାଇନାହିଁ। ଏହି ବ୍ଲକ ଅନ୍ତର୍ଗତ ୭୫ ପ୍ରାଥମିକ ବିଦ୍ୟାଳୟ ଓ ୩୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଚଳିତ ମାସରେ ଦରମା ପାଇବାରେ ବିଳମ୍ବ ହେବା ନେଇ ଆଶଙ୍କା ଦେଖାଦେଇଛି। ଏପରିକି ବିଆରସସି ପଦବୀ ମଧ ଖାଲି ପଡ଼ିଛି। ତୁରନ୍ତ ଏହି ପଦବୀଗୁଡ଼ିକ ପୂରଣ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଛନ୍ତି।

### ଉତ୍ତମ କାର୍ଯ୍ୟ ପାଇଁ ସମ୍ମାନିତ ହେବେ ଟାଙ୍ଗୀ ଆଇଆଇସି

ଟାଙ୍ଗୀ (ଖୋର୍ଦ୍ଧା),୨୨।୬(ଡି.ଏନ୍.ଏ.): ଉତ୍ତମ କାର୍ଯ୍ୟ ଓ କର୍ତ୍ତବ୍ୟନିଷ୍ଠ ସେବା ପାଇଁ ଟାଙ୍ଗୀ ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯିବ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ଜନଜୀବନ ସୁରକ୍ଷା, ବେଆଇନ ଗୋ ଚାଲାଣ ରୋକିବା ଦିଗରେ ଉତ୍ତମ କାର୍ଯ୍ୟ କରିଥିବାରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏହି ସମ୍ମାନରେ ତାଙ୍କୁ ସମ୍ମାନିତ କରିବେ ବୋଲି ଜଣାପଡ଼ିଛି। ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀମାନେ ଆଇଆଇସି ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଯୋଡ଼ିହେଲେ ୬୦% ଛାତ୍ରୀଛାତ୍ର

**ଖୋର୍ଦ୍ଧା ଜିଲାରେ ୟୁ ଟ୍ୟୁବ୍ ଶିକ୍ଷାଦାନ**



- କ୍ଲାସ ପରେ ରିପୋର୍ଟ କରିବେ ଶିକ୍ଷକ
- ଅଭିଭାବକଙ୍କ ସହ ଆଲୋଚନା ହୋଇଛି
- ସହାୟକ ହେଉଛି ଶିକ୍ଷା ସଂଯୋଗ ଓ ଶିକ୍ଷା ସନ୍ଦେଶ

ଖୋର୍ଦ୍ଧା ଅଫିସ,୨୨।୬

ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସୋମବାରଠୁ ୟୁ ଟ୍ୟୁବ୍‌ରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା ସଂଯୋଗରେ ଜଡ଼ିତ ଥିବା ୫୨% ଛାତ୍ରୀଛାତ୍ରଙ୍କ ସମେତ ପ୍ରାୟ ୬୦% ପ୍ରଥମ ଦିବସରେ ଯୋଡି ହୋଇଥିବା ଜଣାପଡିଛି। ତେବେ ପ୍ରଥମ ଦିବସରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ୟୁ ଟ୍ୟୁବ ପାଠ୍ୟକ୍ରମରେ ଯୋଡି ହୋଇଥିଲେ, ତାହାର ଠିକ୍ ତଥ୍ୟ ଜିଲା ଶିକ୍ଷା ବିଭାଗ ନିକଟରେ ନ ଥିବା ବେଳେ ପିଲାଙ୍କ ଗଣନା କରିବା ଲାଗି ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ଶିକ୍ଷାଧିକାରୀ (ଡିଇଓ) ବନ୍ଦନା ମହାପାତ୍ର କହିଛନ୍ତି।

ଖୋର୍ଦ୍ଧା ଜିଲାରେ ୧ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ରହିଛି। ଗତବର୍ଷ ଜିଲାରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧.୫ ଲକ୍ଷ ଛାତ୍ରୀଛାତ୍ର ରହିଥିଲେ। ଚଳିତବର୍ଷ ନୂତନ ଶିକ୍ଷାବର୍ଷ ନାମଲେଖା ଜାରି ରହିଛି। ଏହାର ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଦୈନିକ ୧ମ, ୨ୟ, ୩ୟରେ ୨ଟି ଲେଖାଏ, ୪ର୍ଥ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ଲେଖାଏ ଏବଂ ୯ମ ଓ ୧୦ମରେ ଦୈନିକ ୪ଟି ଲେଖାଏ ମୋଟ ୨୯ଟି ପିରିୟଡ ପାଠ ପଢ଼ାଯିବ। ଡିଇଓ ମହାପାତ୍ର କହିଛନ୍ତି, ଲାଇଭ୍ କ୍ଲାସ ସରିବା ରିପୋର୍ଟ ପ୍ରଦାନ କରିବାକୁ ଶିକ୍ଷକଙ୍କୁ କୁହାଯାଇଛି। କୌଣସି ଛାତ୍ରୀଛାତ୍ର ବୁଝି ନ ପାରିଲେ ସେମାନେ ହ୍ୱାଟସ୍‌ଆପ ମାଧ୍ୟମରେ ଜଣାଇବେ। ସମ୍ପୃକ୍ତ ଶିକ୍ଷକ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିବେ। ଶିକ୍ଷା ସଂଯୋଗରେ ଯୋଡି ହୋଇଥିବା ବିଦ୍ୟାର୍ଥୀ ଗ୍ରୁପ ଚାର୍ଟ ମାଧ୍ୟମରେ ସମସ୍ୟା ଜଣାଇଲେ ସମାଧାନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡିଲେ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ କଲ କରି ମଧ ସମାଧାନ କରିବେ। ପାଠପଢ଼ା ସମୟରେ ନେଟୱର୍କ ସମସ୍ୟା ଉପୁଜିବା ସମ୍ଭାବନା ରହିଛି। ଏଥିରୁ ପିଲାମାନେ ବଞ୍ଚିତ ହେଲେ ସେମାନଙ୍କୁ ହ୍ୱାଟ୍‌ସ ଆପ ଗ୍ରୁପ ମାଧ୍ୟମରେ ପାଠ ପଢ଼ାଯିବା ବ୍ୟବସ୍ଥା କରାଯିବ। ଜିଲାର ସମସ୍ତ ବିଦ୍ୟାଳୟସ୍ତରରେ ଶିକ୍ଷା ସନ୍ଦେଶ କାର୍ଯ୍ୟକ୍ରମରେ ଅଭିଭାବକଙ୍କୁ ନେଇ ୟୁ ଟ୍ୟୁବ କ୍ଲାସ ସମ୍ପର୍କରେ ଆଲୋଚନା କରାଯାଇଛି। ୩୦% ତଥା ୩୦୦ରୁ ଊର୍ଦ୍ଧ୍ୱ ସ୍କୁଲରେ ଅଭିଭାବକଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଇଛି। ଗ୍ରାମାଞ୍ଚଳର ଅଧିକାଂଶ ବିଦ୍ୟାର୍ଥୀଙ୍କ ନିକଟରେ ସ୍ମାର୍ଟ ଫୋନ ନ ଥିବାରୁ ୟୁଟ୍ୟୁବ କ୍ଲାସରୁ ବଞ୍ଚିତ ହୋଇଥିବା ଖବର ଆସିଛି। ଏଥିଲାଗି ଟେଲିଭିଜନ ମାଧ୍ୟମରେ ପାଠପଢ଼ା ଜାରି ରହିଛି। ଛାତ୍ରୀଛାତ୍ର ଏହାର ସୁଯୋଗ ନେଇପାରିବେ। କୌଣସି ସମସ୍ୟା ରହିଲେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ଆଗକୁ ଗ୍ରାମାଞ୍ଚଳରେ ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ସମସ୍ୟା ସମ୍ପର୍କରେ ଅଭିଭାବକଙ୍କ ସହ ଆଲୋଚନା ଲାଗି ଯୋଜନା କରାଯାଉଛି। ସୂଚନାଥାଉ କି, ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଏବଂ ପୂର୍ବାହ୍ନ ୧୦ଟା ୪୫ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନବମ ଓ ଦଶମ ପିଲାଙ୍କ କ୍ଲାସ ଅନୁଷ୍ଠିତ ହେବ। ଏନେଇ ପାଠପଢ଼ା ଖସଡ଼ା ପ୍ରସ୍ତୁତ କରାଯାଇଛି।



ପିଏନ୍ ହାଇସ୍କୁଲ ଟିକାକରଣ କେନ୍ଦ୍ରରେ ଲୋକଙ୍କ ଗହଳି।

## ଟିକା ନ ନେଇ ଫେରିଗଲେ

ଜଟଣୀ,୨୨।୬(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳରେ କ୍ୟାମ୍ପେନ୍ ମୋଡରେ ୧୦ଟି ନୂତନ ଟିକାକରଣ କେନ୍ଦ୍ର ଖୋଲାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪ଟିରୁ ସୋମବାର ୨ଟି କାର୍ଯ୍ୟକ୍ଷମ ହୋଇଥିଲା। ମଙ୍ଗଳବାର ଅନ୍ୟ ଦୁଇଟି ପି.ଏନ୍. ହାଇସ୍କୁଲ ଏବଂ ସୁଶିଳାଦେବୀ ପ୍ରଗତି ବିଦ୍ୟାପୀଠରେ ନୂତନ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ବାଛରାସ୍ଥିତ ସୁଶିଳାଦେବୀ ପ୍ରଗତିବିଦ୍ୟାପୀଠ ଟିକାକରଣ କେନ୍ଦ୍ର ଧାର୍ଯ୍ୟ ସମୟରୁ ବିଳମ୍ବରେ ଖୋଲିବାରୁ ଶତାଧିକ ଲୋକେ ପଞ୍ଜୀକରଣ ନ କରିପାରି ଫେରିଯାଇଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପି.ଏନ୍. ହାଇସ୍କୁଲ ଟିକାକରଣ କେନ୍ଦ୍ରରେ କର୍ମଚାରୀ ବିଳମ୍ବରେ ଆସିବାରୁ ଲୋକେ ନିଜ ନାମ କାଗଜରେ ଲେଖି ଟିକା ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଟିକାନେବା ପାଇଁ ଗହଳି ଜମିଥିଲା। ଫଳରେ ଟିକାକରଣ କେନ୍ଦ୍ରରେ ସଂକ୍ରମଣ ବ୍ୟାପିବା ଭୟ ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି । ଏ ସମ୍ପର୍କରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଅନ୍‌ଲାଇନ୍ ଡାଟା ଏଣ୍ଟ୍ରି କର୍ମଚାରୀ ଓ ଟିକା ଦେବା ପାଇଁ କର୍ମଚାରୀଙ୍କ ଅଭାବରୁ ସମସ୍ୟା ଦେଖାଦେଉଛି। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଟିକାକରଣ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ।



ଜଟଣୀ ସୀତାରାମ ଛକସ୍ଥିତ ଅଣ୍ଡରପାସ୍ ରାସ୍ତାରେ ବର୍ଷା ଓ ଡ୍ରେନ୍ ପାଣି ଜମି ରହିଛି।

## ୮ ମାସର ଶିଶୁକନ୍ୟାକୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ୮ମାସର ଶିଶୁକନ୍ୟାକୁ ମା' ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଅନ୍ୟପକ୍ଷରେ ଶାଶୁଘର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୯୦/୨୧) ରୁଜୁ କରି ଅଭିଯୁକ୍ତ ମହିଳାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ମହାବୀର ବସ୍ତିର ବାସିନ୍ଦା ରାଜା ନାୟକ ଦିବ୍ୟାଙ୍ଗ ହୋଇଥିବାବେଳେ ସ୍ତ୍ରୀ ନନ୍ଦିନୀ ଓ ଛୋଟ ଝିଅଙ୍କ ସହ ରହୁଥିଲେ। ତେବେ ତାଙ୍କ ଘରେ ସବୁବେଳେ ଗଣ୍ଡଗୋଳ ଲାଗି ରହୁଥିଲା। ଏଥିଯୋଗୁ ନନ୍ଦିନୀ ନିଜ ବାପଘର ଅରବିନ୍ଦ ନଗର ବସ୍ତିକୁ ଚାଲିଯିବାକୁ ବାହାରିଥିଲେ । ଏହାକୁ ନେଇ ସୋମବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି ହୋଇଥିଲା। ତେବେ ମଙ୍ଗଳବାର ଭୋର ସମୟରେ ଶିଶୁକନ୍ୟା ମରି ପଡ଼ିଥିବା ଶାଶୁ କାଞ୍ଚନ ନାୟକ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପିଲାଟିକୁ ତାଙ୍କ ବୋହୂ ହତ୍ୟା କରିଥିବା କାଞ୍ଚନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୨୦ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ବେଗୁନିଆ,୨୨।୬(ଡି.ଏନ୍.ଏ.)



କରୋନା ସଂକ୍ରମଣ ପାଇଁ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଗୋ'ଚାଲାଣକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ବେଗୁନିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି। ୨୦ଗୋରୁଙ୍କୁ ଉଦ୍ଧାର କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ଜହୁର ଅଲ୍ଲି। ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱରସ୍ଥିତ ସିଜୁଆ ଗୋଶାଳାରେ ଛଡ଼ାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୧୪/୨୧) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଚାଳକଙ୍କୁ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ କଡବ ଗ୍ରାମରୁ ଏକ କଣ୍ଟେନର (ଓଆର୦୨ବିଏଚ୍୩୪୯୩)ରେ ପଶ୍ଚିମବଙ୍ଗକୁ ଗୋ' ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଏସ୍‌ଆଇ ଶ୍ରୀକାନ୍ତ ପଣ୍ଡାଙ୍କ ସହ ୧୦ଜଣିଆ ପୋଲିସ ଟିମ୍ ଚଟୁଆ ଗ୍ରାମ ନିକଟରେ ପହଞ୍ଚି ଗାଡିକୁ ଜବତ କରିଥିଲେ।

# ବାହା ହେବାକୁ ଜିଦ୍ ଧରି ଯୁବତୀଙ୍କୁ ମାଡ଼

ଭୁବନେଶ୍ୱର,୨୨।୬(ବ୍ୟୁରୋ)

**ଘରୋଇ ହସ୍ପିଟାଲରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ**
- ସିସିଟିଭିରେ କଏଦ୍ ହେଲା ଦୃଶ୍ୟ
- ପୋଲିସ ଆଗରେ ଉତ୍ପାତ, ଅଭିଯୁକ୍ତ ଗିରଫ

ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ପଶି ସେଠାରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଏହି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମଙ୍ଗଳବାର ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ହସ୍ପିଟାଲକୁ ଯାଇ ଅଭିଯୁକ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ପୋଲିସ ଉପସ୍ଥିତିରେ ଯୁବକ ଜଣକ ଉତ୍‌କ୍ଷିପ୍ତ ହୋଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯୁବତୀଙ୍କୁ ମାଡ ମାରିଥିଲେ। ଫଳରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅଞ୍ଚଳର ମାନସ କୁମାର ସାହୁ (୩୬)। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ। ସମ୍ପୃକ୍ତା ଯୁବତୀଙ୍କୁ ବାହା ହେବାକୁ ଜିଦ୍ ଧରି ମାନସ ଏଭଳି କାଣ୍ଡ ଘଟାଇଥିବା ପୋଲିସ କହିଛି। ଅନ୍ୟପକ୍ଷେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଧାରା ୧୬୧ରେ ତାଙ୍କ ବୟାନ ରେକର୍ଡ କରିଛି। ଏନେଇ ଯୁବତୀଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୧୭୫/୨୧) ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ମାନସଙ୍କର ଖୋର୍ଦ୍ଧାରେ ଏକ ହସ୍ପିଟାଲ ଥିଲା। ସେ ବିବାହିତ ହୋଇଥିବାବେଳେ ତାଙ୍କର ଦୁଇଟି ପିଲା ମଧ ଅଛନ୍ତି। ତାଙ୍କ ହସ୍ପିଟାଲରେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଞ୍ଚଳର ଜଣେ ଯୁବତୀ ୪ବର୍ଷ ହେଲା ଲ୍ୟାବ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସେହି ସମୟରେ ମାନସ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରୁଥିଲେ ବି ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ମାନସଙ୍କ ହସ୍ପିଟାଲ ବନ୍ଦ ହୋଇଯିବାରୁ ଯୁବତୀ ଜଣକ ଭୁବନେଶ୍ୱର ଚାଲିଆସି ପଳାଶୁଣୀରେ ଥିବା ଏକ ଘରୋଇ ହସ୍ପିଟାଲରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ତେବେ ଏଠାକୁ ମାନସ ଅଧିକାଂଶ ସମୟରେ ଆସି ସମ୍ପୃକ୍ତା ଯୁବତୀଙ୍କ ସହ ଝଗଡ଼ା କରନ୍ତି। ଏପରି କି ଉତ୍ତେଜିତ ହୋଇ ହସ୍ପିଟାଲ କର୍ମଚାରୀଙ୍କୁ ମଧ ମାଡ଼ ମାରନ୍ତି ବୋଲି ଉକ୍ତ ହସ୍ପିଟାଲର ମାଲିକ ଗଣମାଧ୍ୟମକୁ କହିଛନ୍ତି। ୫ ମାସ ପୂର୍ବେ ସମ୍ପୃକ୍ତା ଯୁବତୀ ଓ ମାନସଙ୍କ ମଧ୍ୟରେ ଏପରି ଝଗଡ଼ା ହେବା ପରେ ଥାନାରେ ଆପୋସ ସମାଧାନ ହୋଇଥିଲା ବୋଲି ପୋଲିସ କହିଛି।

## ଗ୍ରାମାଞ୍ଚଳରେ ୯୦୯ ସକ୍ରିୟ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୨୨।୬

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମଙ୍ଗଳବାର ୯୭ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୫୪ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୧୪, ବାଲିପାଟଣା ୧୩, ଜଟଣୀ ୯, ଖୋର୍ଦ୍ଧା ୨୦, ବେଗୁନିଆ ୫, ବୋଲଗଡ଼ ୬, ଟାଙ୍ଗୀ ୨୧, ଚିଲିକା ୭ ଏବଂ ବାଣପୁରର ୨ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୮୫,୦୬୧ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୫,୨୧୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୪,୨୨୬ଜଣ ସୁସ୍ଥ ହୋଇଛନ୍ତି। ୬୯ଜଣଙ୍କ ମୃତ୍ୟୁ ଘଟିଛି। ୯୦୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଟଙ୍କା, ବାଇକ୍ ଜବତ: ୮ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଉଛନ୍ତି।

ଟାଙ୍ଗୀ(ଖୋର୍ଦ୍ଧା),୨୨।୬(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱରସ୍ଥିତ ବେଣିପଥରଠାରେ ଚାଲିଥିବା ଆନ୍ତଃ ଜିଲା ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ହଂସରାଡ଼ି ଗାଁର ପ୍ରଫୁଲ୍ଲ ରାଉତ ଓ ସଂଜୟ ସାହୁ, ପାରିଓରଡ଼ ଗାଁର ଅର୍ଜୁନ ନାୟକ ଏବଂ ଚାନ୍ଦପୁର ଥାନା ଅଧୀନ କନ୍ଧନୟାଗଡ଼ ଗାଁର ସଞ୍ଜୟ ସାହୁ। ଏମାନଙ୍କ ନିକଟରୁ ୭୦ ହଜାର ୨୪୦ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୦୦/୨୧) ରୁଜୁ ହୋଇଛି। ଜୁଆଖେଳରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ମଙ୍ଗଳବାର ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ଟାଙ୍ଗୀ ଆଇଆଇସି ବିଜୟ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳାଯୋଡ଼ିରେ ପୋଲିସ ଚଢ଼ାଉ କରି ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳାଯୋଡ଼ି ଗାଁର ପ୍ରଦୀପ ଜେନା, ସୁରେନ୍ଦ୍ର ବିଶ୍ୱାଳ, ସୁଶାନ୍ତ ମଲ୍ଲିକ ଓ ଚିତ୍ତରଞ୍ଜନ ସାହୁ। ଏମାନଙ୍କ ନିକଟରୁ ୨ହଜାର ଟଙ୍କା ଓ ୪ଟି ବାଇକ୍ ଜବତ ହୋଇଛି। ଥାନାରେ ମାମଲା (ନଂ.୨୦୧/୨୧)ରୁଜୁ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି।

# ଲଘୁ ଖଣିଜ ଚାଲାଣ: ୩୭.୭୪ ଲକ୍ଷ ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୨୨।୬

କରୋନା ସଂକ୍ରମଣ ପାଇଁ ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ପଥର ଖଣି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ଗୋଚର ଜମି, ଚାଷଜମି, ଶ୍ରୀମନ୍ଦିର ଜମି ଏପରିକି କାଜୁ ଜଙ୍ଗଲରୁ ବେଆଇନ ଭାବେ ମାଙ୍କଡା ପଥର ଚୋରା ଚାଲାଣ କରାଯାଉଛି। ମାଫିଆଙ୍କୁ ସାବାଡ ଲାଗି ପ୍ରଶାସନ ଅଣ୍ଟା ଭିଡିଛି। ମଙ୍ଗଳବାର ଖୋର୍ଦ୍ଧା ଉପଖଣ୍ଡରେ ୨.୭୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ଖୋର୍ଦ୍ଧା ତହସିଲ ପକ୍ଷରୁ ୧ ଲକ୍ଷ, ଟାଙ୍ଗୀରୁ ୩୦ ହଜାର, ବେଗୁନିଆରୁ ୩୦ ହଜାର, ବୋଲଗଡ଼ରୁ ୬୫ ହଜାର ଏବଂ ବାଣପୁରରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ନେଇ ୨୦୨୧-୨୨ ବର୍ତ୍ତମାନ ସୁଦ୍ଧା ୩୭,୭୪,୮୦୫ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ସୀମାଞ୍ଚଳ

ଖୋର୍ଦ୍ଧା ଅଫିସ,୨୨।୬



କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏଥିସହ ସପ୍ତାହାନ୍ତ ଶଟ୍‌ଡାଉନ ମଧ ରହିଛି। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଖୋଲିବାକୁ ଅନୁମତି ଦିଆଯାଇଛି। ଫଳରେ ଫୁଟ୍‌ପାଥ ବ୍ୟବସାୟୀଙ୍କ ଜୀବିକା ଠପ୍ ହୋଇଯାଇଛି। ଏଣୁ ଖୋର୍ଦ୍ଧା କ୍ଲବ ଆଗରେ ଦୀର୍ଘ ବର୍ଷ ଧରି ଚପଲ ସିଲେଇ ଓ ବ୍ୟାଗ ମରାମତି କରୁଥିବା ଟି. ସୀମାଞ୍ଚଳ ରେଡ୍ଡୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପ୍ରକାଶ ଯେ, ସକାଳଠାରୁ ଅପରାହ୍ନ ପର୍ଯ୍ୟନ୍ତ ସେ ଏଠାରେ ବେପାର କରିଥାନ୍ତି। ପୂର୍ବରୁ ଦିନକରେ ୩ଶହରୁ ୪ଶହ ଟଙ୍କା ରୋଜଗାର କରୁଥିଲେ। ମାତ୍ର ଲକ୍‌ଡାଉନ ଯୋଗୁ ଏବେ ତାଙ୍କ ବେପାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏବେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବସିଲେ ମଧ ଶହେ ଟଙ୍କା ରୋଜଗାର ହେଉନାହିଁ। ସ୍ତ୍ରୀ, ଦୁଇ ପୁଅ, ଝିଅକୁ ନେଇ ସୀମାଞ୍ଚଳଙ୍କ ପରିବାର। ପରିବାର ତାଙ୍କ ରୋଜଗାର ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜୋତା ସିଲେଇ, ପଲିସ୍ ଓ ବ୍ୟାଗ ମରାମତି କରୁଛନ୍ତି। ଲକ୍‌ଡାଉନ ଯୋଗୁ ଲୋକେ ବଜାରକୁ ଆସୁନାହାନ୍ତି। ପୂର୍ବପରି ମଧ ଦୋକାନ ଖୋଲି ପାରୁନାହାନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯାହା କିଛି ରୋଜଗାର କରୁଛନ୍ତି। ସୀମାଞ୍ଚଳଙ୍କ ଭଳି ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ଜୋତା ସିଲେଇ କରି ପରିବାର ଗୁଜରାଣ କରୁଥିବା ବ୍ୟକ୍ତିଙ୍କ ଜୀବନଶୈଳୀ ଦୁର୍ବିସହ ହୋଇପଡିଛି।

# ଖାଲଖମାରେ କାଶୀପୁର-ମୋରମୋରସିଂ ରାସ୍ତା

ନିରାକାରପୁର,୨୨।୬(ଡି.ଏନ୍.ଏ.)

- ଯାତାୟାତ ବାଧାପ୍ରାପ୍ତ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ରାସ୍ତାରେ ବର୍ଷାପାଣି ଜମି ରହିଛି।

ସରକାର ଗ୍ରାମାଞ୍ଚଳର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି ଅନେକ ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ମୋରମୋରସିଂ ଗ୍ରାମବାସୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ପ୍ରାୟ ୩ କିଲୋମିଟର ରାସ୍ତା ଅତି କଦର୍ଯ୍ୟ ହୋଇପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, କାଶୀପୁରଠାରୁ ମୋରମୋରସିଂ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି। ଏହି ରାସ୍ତାରେ ଯାନବାହନ ଯିବା ତ ଦୂରର କଥା, ପଥଚାରୀମାନେ ଯିବାଆସିବା କରିବାରେ ମଧ ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ଜରୁରିକାଳୀନ ସେବା ପାଇଁ ଯାଉଥିବା ବ୍ୟକ୍ତି ଉକ୍ତ ରାସ୍ତାରେ ଯାଇ ନର୍କ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ରାସ୍ତାରେ ହୋଇଥିବା ଖାଲଖମାରେ ବର୍ଷାପାଣି ଜମି ରହିଥିବାରୁ ଲୋକେ ଚାଲିକି ଯିବା ବି କଷ୍ଟକର ହୋଇପଡୁଛି। ନିରାକାରପୁର, ଡିଆ, ଲେଣ୍ଡୋ ପଞ୍ଚାୟତବାସୀ ମା' ଉଗ୍ରତାରାଙ୍କ ପୀଠ ଏବଂ ଟାଙ୍ଗୀ ବ୍ଲକକୁ ଏହି ରାସ୍ତା ଦେଇ ଯାଇଥାନ୍ତି। ଏଥିସହ ରାଉତପଡ଼ା, ଓ ନୂଆଗଡ଼ ପଞ୍ଚାୟତର କଲେଜ ଛାତ୍ରୀଛାତ୍ରମାନେ ଏହି ରାସ୍ତାରେ ନିରାକାରପୁର କଲେଜକୁ ମଧ ଯାଇଥାନ୍ତି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ସୁଫଳ ମିଳୁନାହିଁ। ବର୍ଷାଦିନ ଆରମ୍ଭରୁ ରାସ୍ତା ଅବସ୍ଥା ବେହାଲ ହୋଇଥିବାରୁ ଲୋକେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ଜୁନ୍, ୨୦୨୧

## ଅସ୍ତରଙ୍ଗରେ ଟିକା ନେଲେ ୧୧୫୦

ଅସ୍ତରଙ୍ଗ,(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକର ୧୫ପଞ୍ଚାୟତର ୬ଟି କେନ୍ଦ୍ରରେ ମଙ୍ଗଳବାର ସୁଦ୍ଧା ୧୧୫୦ ଜଣ କୋଭିଡ୍ ଟିକା ନେଇଛନ୍ତି । ସେଥିମଧ୍ୟରୁ ଅସ୍ତରଙ୍ଗରେ ୨୦୦ ଥିବାବେଳେ, ରତନପୁର କେନ୍ଦ୍ରରେ ୨୦୦, କେନ୍ଦ୍ରାପଟି ୧୮୪, ଐଶାନେଶ୍ୱରରେ ୨୦୦, ସୁନ୍ଦରପୁରରେ ୨୦୦ ଓ ଖଣ୍ଡାସାହିରେ ୧୬୭ ଜଣ ଟିକା ନେଇଛନ୍ତି । ଖଣ୍ଡାସାହିରେ ହୋଇଥିବା କେନ୍ଦ୍ରରେ ଦେବୀ ନଦୀ ଦ୍ୱୀପାଞ୍ଚଳ ତାଳବା ଗ୍ରାମବାସୀ ସାମିଲ ଅଛନ୍ତି । ପଞ୍ଜୀକୃତ ହୋଇଥିବା ୧୨୦୦ ଜଣଙ୍କ ମଧ୍ୟରୁ ୫୦ ଜଣ ଟିକା ନେଇନାହାନ୍ତି ବୋଲି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଡ. ସୁଜିତ ମହାନ୍ତି, ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ଲେଙ୍କା ଓ ଡାଟା ମ୍ୟାନେଜର ଅମରେଶ ମହାରଣା ସହାୟତା କରୁଛନ୍ତି ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୦୬।୨୦୨୧
୩୭୦୩ ଟଙ୍କା

### ସଂକ୍ଷେପରେ

## ସାପ କାମୁଡ଼ାରେ ଶ୍ରମିକଙ୍କ ମୃତ୍ୟୁ

କାକଟପୁର,୨୨।୬(ଡି.ଏନ୍.ଏ.)- କାକଟପୁର ଥାନା ଅନ୍ତର୍ଗତ ପାଟସୁନ୍ଦରପୁର ପଞ୍ଚାୟତ ପଥରପକା ଗ୍ରାମରେ ମଙ୍ଗଳବାର ଏକ ସାପ କାମୁଡ଼ାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଭରତ ମଲ୍ଲିକ(୫୬)। ମଙ୍ଗଳବାର ସକାଳୁ ଭରତ ଜମିରେ କାମ କରୁଥିବା ସମୟରେ ଏକ ବିଷାକ୍ତ ସାପ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ପରେ ସ୍ଥାନୀୟ ଲୋକ ଦେଖି ତାଙ୍କୁ କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଡାକ୍ତରଖାନାରେ ଡା. ପ୍ରିୟରଞ୍ଜନ ବେହେରା ଭରତଙ୍କୁ ମୃତ ଘୋଷଣା କରିଥିଲେ। ଭରତ ଗରିବ ଶ୍ରେଣୀର ହୋଇଥିବାବେଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସରପଞ୍ଚ ଦିଲୀପ କୁମାର ଦଳାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ନ୍ୟାୟ ପାଇଁ ମହିଳା ଏସପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୨୨।୬ - ଆକ୍ରମଣକାରୀଙ୍କ ବିରୋଧରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରି ମଙ୍ଗଳବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲଙ୍କ ଗ୍ରାମର କସ୍ତୁରବା ପଲେଇ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କସ୍ତୁରବାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୫ତାରିଖ ଦିନ କୌଣସି କାରଣକୁ ନେଇ ସେହି ଗ୍ରାମର ଜୟନ୍ତ ପଲାଇ, ସାଗର ପଲାଇ, ଏବଂ ଲକ୍ଷ୍ମୀଧର ପଲାଇ ମିଶି ବାଉଁଶ କାଠରେ ଆକ୍ରମଣ କରିଥିଲେ। ଫଳରେ କସ୍ତୁରବା , ତାଙ୍କ ସ୍ୱାମୀ ଗୋଧି ପଲାଇ ଏବଂ ଝିଅ ମୀରା ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସା ହୋଇଥିଲେ । ଏ ନେଇ ପରିବାର ପକ୍ଷରୁ ବ୍ରହ୍ମଗିରି ଥାନାରେ ଏକ ଅଭିଯୋଗ କରାଯାଇଥିଲା। ମାତ୍ର ଥାନାଧିକାରୀ ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ନେଇ ନ ଥବାରୁ ଅଭିଯୁକ୍ତମାନେ ଜାମିନରେ ଆସି କସ୍ତରବାଙ୍କ ପରିବାର ଲୋକଙ୍କୁ ମାରିଦେବା ପାଇଁ ଧମକ ଦେଉଛନ୍ତି। ତେଣୁ ଘଟଣାର ଠିକ୍ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କସ୍ତୁରବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

କଣାସ,୨୨।୬(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଡା ଥାନା ପରିସରଭୁକ୍ତ ବଡାଲ ପଞ୍ଚାୟତର ବଡଓରା ଗ୍ରାମରେ ସୋମବାର ଖବରଦାତା ହେମନ୍ତ ସାହୁଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର କଣାସ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ଖବରଦାତା କୃପାସିନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡାକି ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ବୈଠକରେ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସମୀରକେଶରୀ ବଳିୟାରସିଂହ, ଶ୍ରୀକାନ୍ତ ପଛଯୋଷୀ, ହେମନ୍ତ ମହାରଥୀ, ବିଜୟ ତ୍ରିପାଠୀ ପ୍ରମୁଖ ୧୨ଜଣ ଖବରଦାତା ଉପସ୍ଥିତ ଥିଲେ।

# ଅରୁଣସ୍ତମ୍ଭ ପାଖରେ ଚାରିଚକିଆ ଯାନ

■ କଟକଣା ଭାଙ୍ଗିଲେ ଅଧିକାରୀ
■ ସୁରକ୍ଷା ବ୍ୟବସ୍ଥା ଢିଲା

ପୁରୀ ଅଫିସ,୨୨।୬:

କରୋନା କଟକଣା ଲାଗି ଶ୍ରୀମନ୍ଦିର ଦର୍ଶନ ବନ୍ଦ ରହି ଚତୁଃପାର୍ଶ୍ୱ ବ୍ୟାରିକେଡ ପକାଇ କଡ଼ାକଡ଼ି ଚେକିଂ ଚାଲିଥିବାବେଳେ ସୁରକ୍ଷା କରିଡ଼ର ମଧ୍ୟରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସୁରକ୍ଷା ବଳୟ ଭାଙ୍ଗି ଏକ ଚାରିଚକିଆ ଯାନ ଅରୁଣସ୍ତମ୍ଭ ନିକଟରେ ପହଞ୍ଚିଛି। ସମ୍ପୃକ୍ତ ଗାଡ଼ିରେ କେହି ଜଣେ ଅଧିକାରୀ ନିଜ ପରିବାର ସହ ଆସି ଅରୁଣସ୍ତମ୍ଭ ନିକଟରେ ଗାଡ଼ି ରଖି ପତିତପାବନଙ୍କୁ ଦର୍ଶନ କରିଛନ୍ତି। ଅରୁଣସ୍ତମ୍ଭ ନିକଟକୁ ଭିଆଇପି ଓ ଭିଭିଆଇପିଙ୍କ ଗାଡ଼ି ଆସୁ ନ ଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ଗାଡ଼ି କିଭଳି ଭାବେ ଗଲା ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ସେହିଭଳି ଚାରିଚକିଆ ଯାନକୁ ଅରୁଣସ୍ତମ୍ଭ ପର୍ଯ୍ୟନ୍ତ ଆସିବାକୁ କିଏ ଅନୁମତି ଦେଲେ ଓ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ କାହିଁକି ଅଟକାଇଲେ ନାହିଁ ବୋଲି ପ୍ରଶ୍ନ ହେଉଛି। ଘଟଣା ଅନୁଯାୟୀ, ମଙ୍ଗଳବାର ସକାଳ ୧୧ଟା ୩୦ ମିନିଟ୍‌ରେ ପୋଲିସର ଏକ ଚାରିଚକିଆ ଯାନ ଅରୁଣସ୍ତମ୍ଭ ପାଖାପାଖି ଯାଇ ଅଟକିଥିଲା। ଏହି ସମୟରେ ଜଣେ ଅଧିକାରୀ ଓ ତାଙ୍କ ପରିବାର ଗାଡ଼ିରୁ ଓହ୍ଲାଇ ଅରୁଣସ୍ତମ୍ଭ ଓ ପତିତପାବନଙ୍କୁ ଦର୍ଶନ କରିଥିଲେ। ତେବେ ବ୍ୟାରିକେଟିଂକୁ ଖୋଲାଯାଇ ସମ୍ପୃକ୍ତ ଅଧିକାରୀଙ୍କୁ ଅରୁଣସ୍ତମ୍ଭ ପର୍ଯ୍ୟନ୍ତ ଅଣାଯାଇଛି ଓ ଏଥିରେ ପୋଲିସ କର୍ମଚାରୀମାନେ ସହାୟତା କରିଥିବା ଅଭିଯୋଗ ହୋଇଛି। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ଏହି ସମ୍ପୂର୍ଣ୍ଣ ଦୃଶ୍ୟକୁ କ୍ୟାମେରାରେ କଏଦ କରୁଥିବା ଜାଣିପାରି ଜଣେ ପୋଲିସ କର୍ମଚାରୀ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଓ ସଙ୍ଗେ ସଙ୍ଗେ ଗାଡ଼ିଟି ବ୍ୟାରିକେଡ୍ ବାହାରକୁ ଚାଲିଯାଇଥିଲା। ଅଧିକାରୀ ଜଣକ ପୋଲିସ ସହାୟତାରେ ଭିତରକୁ ଆସିଥିବାବେଳେ ପୁଣି ପୋଲିସ ସହାୟତାରେ ହିଁ ବାହାରିଥିଲେ। ତେବେ ସମ୍ପୃକ୍ତ ଅଧିକାରୀ ଜଣକ କେଉଁ ବିଭାଗର ତଥା ତାଙ୍କ ପରିଚୟ ବିଷୟରେ ସ୍ପଷ୍ଟ ଜଣାପଡ଼ି ନାହିଁ। ଏ ନେଇ ଏସ୍‌ପି କେ. ବିଶାଳ ସିଂଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନଙ୍କୁ ମଧ ତଦନ୍ତ କରିବା ପାଇଁ କୁହାଯାଇସାରିଛି। ନିରପକ୍ଷେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷେ ସାଧାରଣରେ ପୋଲିସର ଏଭଳି ଢିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ସନ୍ଦେହ ଉଠିଛି। ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ସୁରକ୍ଷା କରିଡରର ସମୀକ୍ଷା କରିବାକୁ ଆସିଥିବା ବେଳେ ମଧ୍ୟ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ଚାରିଚକିଆ ଯାନ ଆସିପାରି ନ ଥିଲା। ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ଜଣେ ଅଧିକାରୀ କିଭଳି ଭାବେ ସୁରକ୍ଷା ବଳୟ ଭାଙ୍ଗିପାରିଲେ ସେନେଇ ପୋଲିସ ପ୍ରଶାସନକୁ ପ୍ରଶ୍ନ କରାଯିବା ଉଚିତ୍। ନିରପକ୍ଷେ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ପୋଲିସ ପ୍ରଶାସନ ଉପରେ କାର୍ଯ୍ୟାନୁଷ୍ଠାନ ମଧ ହେବା ଦରକାର।



କଟକଣା ଉଲ୍ଲଂଘନ କରି ଜଣେ ଅଧିକାରୀ ଅରୁଣସ୍ତମ୍ଭ ଆଗରେ ଗାଡି ରଖିଛନ୍ତି ।

### ରଥଖଳାରୁ

## ତିନି ରଥର ପୋଟଳ କାର୍ଯ୍ୟ ଆରମ୍ଭ



ପୁରୀ ଅଫିସ,୨୨।୬

ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଅଳ୍ପ ଦିନ ବାକିଥିବା ବେଳେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ମଙ୍ଗଳବାର ତିନି ରଥରେ ପ୍ରଥମ ଭୂଇଁ ଉପରେ ଦ୍ୱିତୀୟ ଭୂଇଁର ଛକାଠ ସେଟିଂ କରାଯାଇଛି। ଏଥିସହ ତିନିରଥର ବଡ଼ଧରା ପୋଟଳ ନିର୍ମାଣ କାର୍ଯ୍ୟାରମ୍ଭ ହୋଇଛି। ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇ ଏହାର ଗଠନଶୈଳୀ ଶ୍ରୀମନ୍ଦିର ଶୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୁଏ। ଏହାର ପ୍ରତିଟି ପରସ୍ତ ଉପରେ ୩/ଅଢେଇ ସାଇଜର ନଦା ବା ବଟନ ଦିଆଯାଇ ତା’ ଉପରେ ଦ୍ୱିତୀୟ ପୋଟଳ ପଟା ପଡି ପଞ୍ଚମ ପୋଟଳ ପରେ ଷଷ୍ଠ ଏବଂ ସପ୍ତମ ପୋଟଳ ପାରାଭାଡ଼ି ଉଠିଥାଏ । ସେହିପରି ଅଷ୍ଟମରୁ ଦ୍ୱାଦଶ ପରସ୍ତ ପୋଟଳରେ ୧୩ତମ ପରସ୍ତ ଖପୁରି ପାରେଣୀ ଉଠି ଏହାପରେ ପିତଳ କଳସ ଲାଗିଥାଏ, ମଙ୍ଗଳବାର ପୂର୍ବାହ୍ନ ପରେ ପରେ ବର୍ଷା ଯୋଗୁ ପାଗ ଖରାପ ହେତୁ ରଥ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାଫଳରେ ରଥକାର୍ଯ୍ୟ ବନ୍ଦ ରଖାଯାଇଥିଲା ।



ମହାପ୍ରଭୁଙ୍କ ଲାଗି ଚିତ୍ରକରମାନେ ପଟିଦିଅଁ ଅନନ୍ତ ବାସୁଦେବ ଓ ମା’ ଭୁବନେଶ୍ୱରୀଙ୍କ ଚିତ୍ର ଆଙ୍କୁଛନ୍ତି ।

## ପଟିଦିଅଁ ନିର୍ମାଣ ଶେଷ ପର୍ଯ୍ୟାୟରେ

ପୁରୀ ଅଫିସ,୨୨।୬

ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ସ୍ନାନ କରିବା ପରେ ଜ୍ୱରାକାନ୍ତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ ନେବେ। ଏହି ସମୟରେ ଦଇତାପତି ସେବକଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କର ଗୁପ୍ତସେବା ନୀତି ଆରମ୍ଭ ହୋଇଥାଏ। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଏହି ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ହେବାର ପରମ୍ପରା ରହିଛି। ମହାପ୍ରଭୁଙ୍କ ବାଡ଼ରେ ଅନନ୍ତ ନରାୟଣ, ବଳଭଦ୍ରଙ୍କ ବାଡ଼ରେ ଅନନ୍ତ ବାସୁଦେବ ଏବଂ ସୁଭଦ୍ରାଙ୍କ ବାଡରେ ମା’ ଭୁବନେଶ୍ୱରୀଙ୍କ ପଟି ଦିଅଁ ଅଣସର ସମୟରେ ପୂଜା ପାଇଥାନ୍ତି। ଶ୍ରୀମନ୍ଦିରରେ ପଟଚିତ୍ର ବା ପଟିଦିଅଁଙ୍କ ଉପାସନା ଦେଖିବାକୁ ମିଳିଥାଏ। ଶ୍ରୀମନ୍ଦିରରେ ଅଣସର ସମୟରେ ପୂଜିତ ହେଉଥିବା ପଟିଦିଅଁମାନଙ୍କୁ ଚିତ୍ରକର ସେବାୟତମାନେ ପ୍ରସ୍ତୁତ କରିଥାନ୍ତି। ସାବିତ୍ରୀ ଅମାବାସ୍ୟାଠାରୁ ଚିତ୍ରକର ସେବାୟତମାନେ ପଟ୍ଟିଦିଅଁ ନିର୍ମାଣ ଆରମ୍ଭ କରିଥାନ୍ତି। ନୂଆକନା, ତେନ୍ତୁଳି ମଞ୍ଜି ଅଠା, ଖଡ଼ିଘସା ପଥର, ବିଭିନ୍ନ ପ୍ରାକୃତିକ ରଙ୍ଗ ଆଦି ପଟିଦିଅଁ ନିର୍ମାଣ ପାଇଁ ଆବଶ୍ୟକ ହୋଇଥାଏ। ପ୍ରଥମେ ନୂଆ କନାରେ ଅଠା, ଖଡ଼ି ପ୍ରଲେପ ଦେଇ ଘସା ପଥର ଦ୍ୱାରା ଘଷି ଚିକଣ କରି ପଟି ପ୍ରସ୍ତୁତ କରାଯାଏ। ପରେ ପଟିକୁ ଆଙ୍କିବା ପାଇଁ ଗେରୁ ରଙ୍ଗ ଚିପଣା କରାଯାଏ। ପଟି ପ୍ରସ୍ତୁତି ପରେ ଉକ୍ତ ପଟିରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ଭୁବନେଶ୍ୱରୀଙ୍କ ପ୍ରତିକୃତି ଅଙ୍କନ କରାଯାଏ। ଚିତ୍ରକର ସେବକମାନେ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କୁ ଆଙ୍କିଥାନ୍ତି ।

## ଅଲାରନାଥଙ୍କ ଅନବସର ଦର୍ଶନ

### ପୀଠରେ ୧୪୪ ଧାରା, ଭକ୍ତଙ୍କ ଦର୍ଶନ ମନା

ବ୍ରହ୍ମଗିରି,୨୨।୬(ଡି.ଏନ୍.ଏ.)

ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରି ଅଣସର ପିଣ୍ଡିରେ ଗୁପ୍ତ ସେବା ପାଇବେ। ଏହି ଅବସରରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠରେ ଆରମ୍ଭ ହୋଇଥାଏ ଅନବସର ଦର୍ଶନ । ଅଲାରନାଥଙ୍କ ପୀଠରେ ଶୁକ୍ରବାରଠାରୁ ଆରମ୍ଭ ହେବ ଅନବସର ଦର୍ଶନ। କରୋନା କଟକଣା ମଧ୍ୟରେ ଏହି ଦର୍ଶନ ପାଇଁ ଜିଲା ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିକୁ ନେଇ ମଙ୍ଗଳବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡାଇ, ବ୍ରହ୍ମଗିରି ପୋଲିସ, ସ୍ଥାନୀୟ ଅଧିକାରୀ ଓ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ। କରୋନା କଟକଣାକୁ ନେଇ ଅନବସର ସମୟରେ ସାଧାରଣ ଦର୍ଶନ ବନ୍ଦ ରହିବ। ସୀମିତ ସଂଖ୍ୟକ ପାଳିଆ ସେବାୟତଙ୍କୁ ନେଇ କେବଳ ନୀତିକାନ୍ତି ହେବ। ମନ୍ଦିର ଚତୁଃପାର୍ଶ୍ୱକୁ ସମ୍ପୂର୍ଣ୍ଣ ସିଲ୍ କରାଯିବା ସହ ଗୁରୁବାର ମଧ୍ୟରାତ୍ରରୁ ରଥଯାତ୍ରା ପର୍ଯ୍ୟନ୍ତ ୧୪୪ ଧାରା ଲଗାଯିବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।

## ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି

ପୁରୀ ଅଫିସ,୨୨।୬

ଚମ୍ପକ ଦ୍ୱାଦଶୀରେ ମଙ୍ଗଳବାର ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ଅନୁଷ୍ଠିତ ହୋଇଛି। ଦଇତାପତି ସେବାୟତମାନେ ବିଧିବଦ୍ଧ ଭାବେ ଗୋଷ୍ଠୀସେବା ଆରମ୍ଭ କରିଛନ୍ତି। ମହାପ୍ରଭୁଙ୍କର ଚାରବନ୍ଧା ଯିବା ସହ ସେନାପଟା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ଏକମାସ ଧରି ଦଇତାପତିମାନେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା, ଅଣସର ନୀତି, ଶ୍ରୀଗୁଣ୍ଡିଚା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ନୀତିକାନ୍ତି ସମ୍ପାଦନ କରିବେ। ରତ୍ନ ସିଂହାସନରେ ଦଇତାପତିମାନେ ମଙ୍ଗଳବାର ଚାରମାଳ ବାନ୍ଧିଥିବା ବେଳେ ବାହୁଟ କଷ୍ଟ ଲାଗି ହୋଇଛି। ବୁଧବାର ସେନାପଟା ଲାଗି କରାଯିବ ବୋଲି ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର ସୂଚନା ଦେଇଛନ୍ତି। ସେହିଭଳି ମହାପ୍ରଭୁଙ୍କ ବିବାହ ସୋମବାର ହୋଇସାରିଛି। ଏହିକ୍ରମରେ ମଙ୍ଗଳବାର ଶ୍ରୀମନ୍ଦିରରେ ବିବାହ ପରବର୍ତ୍ତୀ ଗୁଆଲି ନୀତି ମଧ ଅନୁଷ୍ଠିତ ହୋଇଛି। ଦୀର୍ଘ ଏକମାସ ଧରି ଚାଲିବାକୁ ଥିବା ଦଇତାପତିଙ୍କ ଗୋଷ୍ଠୀ ସେବା ସମୟରେ ଦଇତାପତିଙ୍କ ପାଇଁ ଅନେକ ବାରଣ ଥାଏ। ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କର ସମସ୍ତ ନୀତି ଦାୟିତ୍ୱ କେବଳ ଦଇତାପତିଙ୍କ ଉପରେ ଥିବାରୁ ଶୁଦ୍ଧିକ୍ରିୟା ସମୟରେ ମଧ ନୀତିକାନ୍ତି କରିବାକୁ ପଡ଼ିଥାଏ। କେବଳ ମୁଖାଗ୍ନି ଦେଇଥିବା ବ୍ୟକ୍ତିଙ୍କୁ ଛାଡ଼ି ଶୁଦ୍ଧିକ୍ରିୟା ବେଳେ ଅନ୍ୟ ସମସ୍ତେ ମହାପ୍ରଭୁଙ୍କ ସେବା କରିପାରିବେ। ସେହିଭଳି ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ସ୍ନାନଜଳ ଦଇତାପତିଙ୍କ ରୋଷଘର ହାଣ୍ଡିରେ ପଡିବା ପରେ ଏକାବେଳେ ହବିଷାନ୍ନ ସେବନ କରନ୍ତି ବୋଲି ଦଇତାପତି ଦାସମହାପାତ୍ର କହିଛନ୍ତି।

## ସ୍ନାନଯାତ୍ରା ସୁରକ୍ଷା ପାଇଁ ପ୍ରସ୍ତୁତି

ପୁରୀ ଅଫିସ,୨୨।୬

ସ୍ନାନ ଯାତ୍ରାରେ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ଦିବ୍ୟସ୍ନାନ କରିବା ସହ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ଓ ପୋଲିସ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ପୁରୀ ଏସ୍‌ପି କେ. ବିଶାଳ ସିଂ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସ୍ନାନଯାତ୍ରା ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସହରରେ କଡ଼ା ପ୍ରସ୍ତୁତ କରାଯାଇଛି। ଦେବସ୍ନାନ ପୂର୍ଣ୍ଣମୀ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେବାୟତଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଇଛି। ସମଗ୍ର ସହରକୁ ୬ଟି ଜୋନରେ ବିଭକ୍ତ କରାଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସମସ୍ତ ସାହି, ଗଳି, କନ୍ଦି ଓ ବଡ଼ଦାଣ୍ଡ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବ। ବୁଧବାର ରାତ୍ର ୧୦ଟାରୁ ୨୫ ତାରିଖ ଭୋର ୨ଟା ଯାଏ ୧୪୪ ଧାରାକୁ କଡ଼ାକଡ଼ି ଭାବେ ସହରରେ ପାଳନ କରାଯିବ। ୧୫ ଗୋଟି ସିସିଟିଭି ଲଗାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପାଇଁ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୫ଜଣ ଅତିରିକ୍ତ ଏସପି, ୨୩ ଡିଏସ୍‌ପି, ୪୧ଇନ୍ସପେକ୍ଟର, ୩୫ ପ୍ଲାଟୁନ ଫୋର୍ସ, ୧୫୦ରୁ ଅଧିକ ଅଧିକାରୀ ମୁତୟନ ରହିବେ। କେବଳ ନୀତିକାନ୍ତିରେ ଜଡିତ ପାସ୍‌ଧାରୀ ସେବାୟତଙ୍କୁ ଛଡ଼ାଯିବ। ଜଳଲାଗି ଓ ହାତୀବେଶ ସମୟରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଯଥା ଗହଳି ନ କରିବାକୁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସାଧାରଣ ଲୋକଙ୍କ ଅସୁବିଧା ଓ ଜରୁରିକାଳୀନ ବ୍ୟବସ୍ଥା ପ୍ରଭାବିତ ନ ହେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଏସ୍‌ପି ସିଂ ସୂଚନା ଦେଇଥିଲେ। ଏଥପ୍ରାଇଁ ଜିଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ସରିଛି। ତେଣୁ ଗତବର୍ଷ ପରି ଚଳିତବର୍ଷ ମଧ ପୁରୀ ସହରବାସୀ ପୋଲିସ ପ୍ରଶାସନକୁ ସହଯୋଗ କରିବାକୁ ଏସପ୍ ସିଂହ ନିବେଦନ କରିଛନ୍ତି।

## ଡିଭାଇଡରକୁ ପିଟି ଅଟୋକୁ ଧକ୍କା ଦେଲା କାର୍

### ଜଣେ ମୃତ, ୪ ଗୁରୁତର

ପିପିଲି,୨୨।୬(ଡି.ଏନ୍. ଏ./ସ୍ୱ.ପ୍ର.)

ପିପିଲି ଥାନା ଅନ୍ତର୍ଗତ ଏନ୍‌ଏଚ୍ ୩୧୬ ନମ୍ବର ଭୁବନେଶ୍ୱର-ପୁରୀ ରାସ୍ତାର ଦାଣ୍ଡମୁକୁନ୍ଦପୁର ବଜାର ନିକଟ କୁଳଶିଖରପାଟଣା ଛକରେ ଏକ ଅଟୋକୁ ଗୋଟିଏ କାର୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ପ୍ରଦୀପ ସାହୁ। ଖବରପାଇ ପିପିଲି ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରିବା ସହ ମୃତ ପ୍ରଦୀପଙ୍କ ବାପା ତପନ କୁମାର ସାହୁଙ୍କ ଅଭିଯୋଗକ୍ରମେ ଏକ ମାମଲା ନଂ. ୨୯୧/୨୧ ରୁଜୁ କରି ତଦନ୍ତ କରୁଥିବା ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପ୍ରଦୀପ ତାଙ୍କ ୩ଜଣ ସାଙ୍ଗଙ୍କ ସହ କାର୍ (ଓଡି୦୨ଏକେ ୯୬୯୭) ଯୋଗେ ପୁରୀ ଆସୁଥିଲେ। ଗାଡ଼ି ଦ୍ରୁତଗତି ଥିବାରୁ ପିପିଲିର କୁଳଶେଖରପାଟଣା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡରରେ ପିଟି ହୋଇ ଅପରପାର୍ଶ୍ୱରେ ଯାଉଥିବା ଅଟୋ (ଓଡି୧୩ ୩୮୧୮)କୁ ଧକ୍କା ଦେଇଥିଲା। ଫଳରେ କାର୍ ଭିତରେ ଥିବା ୪ଜଣ ସମେତ ଅଟୋ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ଦୁର୍ଘଟଣା ସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଥିବାବେଳେ ଗୁରୁତରମାନଙ୍କୁ ଭୁବନେଶ୍ୱର ଚିକିତ୍ସା ପାଇଁ ପଠାଯାଇଛି।

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ପୁରୀ ଅଫିସ ୨୨।୬

ଡକାୟତି କରିବା ପାଇଁ ଯୋଜନା କରୁଥିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ୬ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ କଣ୍ଟପୁର ଅଞ୍ଚଳର ରାକେଶ ବରାଳ (୨୪), ତାଳବଣିଆ ଥାନା ଅନ୍ତର୍ଗତ ଦାଦାବାଡି ପୁରୁଷୋତ୍ତମ ନଗରର ରଞ୍ଜନ ବେହେରା (୨୩), ସିଦ୍ଧମହାବୀର ଚମାର ସାହିର ରଞ୍ଜନ ବେହେରା ଓରଫ ସୁକୁଟା (୨୯), ସିଦ୍ଧମହାବୀର ନୀଳଚକ୍ର ନଗରର ରୁଦ୍ର ନାରାୟଣ ସେଠୀ (୩୩), ବାସେଳିସାହି ଥାନା ଅନ୍ତର୍ଗତ ମିଶ୍ର ସାହି ଜଗନ୍ନାଥ ବସ୍ତିର ମନୋଜ ପଣ୍ଡା (୨୦) ଏବଂ ମାର୍କଣ୍ଡେଶ୍ୱର ମିଶ୍ର ସାହିର ତ୍ରିପତି ନାୟକ (୨୨)। ପୋଲିସ ସେମାନଙ୍କଠାରୁ ଦୁଇଟି ଲୁହାରଡ, ଖଣ୍ଡା, ଗୋଟିଏ ଭୁଜାଲି, ୨ଟି ଦେଶୀ ବୋମା, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ ଏବଂ ଦୁଇଟି ଟର୍ଚ୍ଚ ଜବତ କରିଛି । ଏ ନେଇ ପୋଲିସ କେସ ନଂ ୮୪/୨୧ରେ ଏକ ମାମଲା ରୁଜୁ କରିଛି । ମିଳିଥିବା ସୂଚନା ଅନୁଯାୟୀ, ତାଳବଣିଆ ଥାନା ଏସଆଇ ପି. ବିଶ୍ୱାଳ ପୋଲିସ କର୍ମଚାରୀଙ୍କ ସହ ମିଶି ସୋମବାର ରାତିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, କେତେଜଣ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ହୁଲୁହୁଲିଆ ପୋଲ ନିକଟରେ ବସି ଡକାୟତି ପାଇଁ ଯୋଜନା କରୁଛନ୍ତି ଏବଂ ସେମାନଙ୍କ ନିକଟରେ କିଛି ମାରଣାସ୍ତ୍ର ଅଛି। ଖବରପାଇ ତାଳବଣିଆ ଥାନା ପୋଲିସ ଉକ୍ତ ଅଞ୍ଚଳରେ ଚଡାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ଅନେକ ଆପରାଧିକ ମାମଲା ଥିବା ଜଣାପଡିଛି ।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ଖଣ୍ଡା ଓ ବୋମା ।

## ଦେବଦମ୍ପତିଙ୍କ ଗୁଆଲି ଯାତ୍ରା ସମ୍ପନ୍ନ

ପୁରୀ ଅଫିସ,୨୨।୬

ଶ୍ରୀମନ୍ଦିରରେ ମଙ୍ଗଳବାର ମହାପ୍ରଭୁଙ୍କ ଚମ୍ପକ ଦ୍ୱାଦଶୀ ନୀତି ଅର୍ଥାତ ନବବିବାହିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା ବା ଗୁଆଲି ଯାତ୍ରା ସମ୍ପନ୍ନ ହୋଇଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଭୋଗ ନୀତି ବଢ଼ିବା ପରେ ଭିତରେ ଆଲଟଲାଗି ହୋଇଥିଲା। ପରେ ତିନି ବାଡରେ ମହାସ୍ନାନ ନୀତି ବଢି ନୂଆଲୁଗା ଲାଗି ହୋଇଥିଲା । ଘଟୁଆରୀ ଘାରଠାରୁ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଚନ୍ଦନ ବିଜେ କରାଇଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି ନୀତି କରିଥିଲେ। ପରେ ବେଶ ବଢି ମଧ୍ୟାହ୍ନଧୂପ ହୋଇଥିଲା। ଧୂପ ସାରି ପାଣିପଡ଼ିବା ପରେ ନବବିବାହିତ ବରକନ୍ୟା ଲକ୍ଷ୍ମୀ ବା ରୁକ୍ମିଣୀ ଓ ମଦନମୋହନ ଭିତରକୁ ବିଜେ ହୋଇଥିଲେ। ଭିତରେ ବନ୍ଦନା ହେବା ପରେ ବରକନ୍ୟା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇଁ ଝୁଲଣମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ପାଲିଙ୍କିକୁ ଶ୍ରୀମନ୍ଦିର ଭିତର ବେଢାରେ ଗୋଟିଏ ଘେରା ପରିକ୍ରମା କରାଇ ସିଂହଦ୍ୱାର ଦେଇ ରାଜନହରକୁ ବିଜେ କରିଥିଲେ। ରାଜନହର ଅଗଣାରେ ପଡ଼ିଥିବା ସୁସଜ୍ଜିତ ଖଟରେ ବରକନ୍ୟାକୁ ବିଜେ କରାଯାଇ ପଞ୍ଚଉପଚାର ବିଧିରେ ନାନାପ୍ରକାର ପିଠା ମଣୋହି ହୋଇଥିଲା। ପ୍ରସାଦଲାଗି ଓ ବନ୍ଦନା ଅନୁଷ୍ଠିତ ହୋଇଥିଲ। ପରେ ନଅର ଭିତର ଶୋଧ ହୋଇ ସିଂହଦ୍ୱାର ବନ୍ଦ ହୋଇଥିଲା। ପରେ ରାଜ ପରିବାରଙ୍କ ପକ୍ଷରୁ ବନ୍ଦାପନା ଏବଂ ଭେଟି ଦେବା ନୀତି କରାଯାଇଥିଲା। ନୀତି ସରିବା ପରେ ବରକନ୍ୟା ପାଲଙ୍କିରେ ବିଜେ ହୋଇ ଯମେଶ୍ୱର ମନ୍ଦିରକୁ ବିଜେ କରିଥିଲେ। ସେଠାରେ ପଞ୍ଚୁଗ୍ରାସୀ ଭୋଗ ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବରକନ୍ୟା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଫେରିଥିଲେ। ଏହାପରେ ଭିତରେ ମହାପ୍ରଭୁଙ୍କ ଆଲଟ ଲାଗି ଓ ଚନ୍ଦନଲାଗି ହୋଇଥିଲା। ବଡ଼ସିଂହାର ଭୋଗ ପରେ ଭିତରକୁ ବରକନ୍ୟା ବିଜେ କରିଥିଲେ। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢିଥିଲା। ତେବେ ପ୍ରତ୍ୟେକ ବର୍ଷ ରାଜନହର ସମ୍ମୁଖରୁ ଗଜପତି ଆସି ବରକନ୍ୟାକୁ ପାଛୋଟି ନେବାର ପରମ୍ପରା ରହିଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଗଜପତି ମହାରାଜ ଚଳିତ ବର୍ଷ ବରକନ୍ୟାକୁ ପାଛୋଟି ନେବାକୁ ଆସି ନ ଥିବା ଦେଖିବାକୁ ମିଳିଥିଲା। କୋଭିଡ୍ ଭୟାବହତାକୁ ଦୃଷ୍ଟିରେ ରଖି ଗଜପତି ଆସି ନ ଥିବା ଚର୍ଚ୍ଚା ହେଉଛି ।



ମହାପ୍ରଭୁଙ୍କ ବିବାହ ପରେ ସେବାୟତମାନେ ଶ୍ରୀନହରକୁ ଗୁଆଲି ଯାତ୍ରାରେ ନେଉଛନ୍ତି ।